

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୦୪ ଜୁନ୍ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 04 JUNE 2021

Vol.No. 32 ■ No. 141 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ନୀତି ଆୟୋଗର ୨୦୨୦-୨୦୨୧ ବିକାଶ ସୂଚକାଙ୍କ ରିପୋର୍ଟ

# ଶେଷ ୫ ର୍ୟାଙ୍କ ମଧ୍ୟରେ ଓଡ଼ିଶା, କେରଳକୁ ପ୍ରଥମ ସ୍ଥାନ

ଭୁବନେଶ୍ୱର,୦୩/୦୬(ନି.ପ୍ର): ଓଡ଼ିଶାରେ କମୁନି ଗରିବି । ଦାରିଦ୍ର୍ୟ ସୀମା ରେଖା ତଳେ ୩୨.୫୯ ପ୍ରତିଶତ । କଚ୍ଚା ଘରେ ରହୁଛନ୍ତି ୧୪.୨୦ ପ୍ରତିଶତ । ସ୍ଥାୟୀ ବିକାଶ ଲକ୍ଷ୍ୟରେ ପଛୁଆ ରହିଛି ଓଡିଶା । ଯୋଜନା ପରେ ଯୋଜନା ହେଉଛି, ହେଲେ ରାଜ୍ୟରେ ବିପିଏଲ ତାଲିକା ଉପରେ ଏହାର ବିଶେଷ ପ୍ରଭାବ ପଡିନି । ୨୦୧୧-୧୨ରେ ରାଜ୍ୟରେ ଯେତିକି ପ୍ରତିଶତ ଗରିବ ଥିଲେ, ପ୍ରାୟ ସେତିକି ପ୍ରତିଶତ ଗରିବ ରହିଛନ୍ତି ୨୦୨୦-୨୧ ଆର୍ଥିକ ବର୍ଷରେ । ନୀତି ଆୟୋଗର ସଷ୍ଟେନେବଲ୍ ଡିଭେଲୋପମେଂଟ ଗୋଲ୍ସ ବା ଏସଡିଜି ଇଣ୍ଡେକ୍ସରେ ଏହି ତଥ୍ୟ ପ୍ରକାଶ ପାଇଛି । ସ୍ଥାୟୀ ବିକାଶ ଲକ୍ଷ୍ୟରେ ପଛରେ ପଡିଯାଇଛି ଓଡ଼ିଶା । ତେବେ ବିକାଶ ଲକ୍ଷ୍ୟ ସାଧନରେ ସବୁଠୁ ପଛରେ ରହିଛି ବିହାର । ଆଉ ବିକାଶ ଲକ୍ଷ୍ୟରେ କେରଳ ଏକ ନମ୍ବର ରାଜ୍ୟ




ହୋଇଛି । ଏପଟେ ଓଡ଼ିଶା ଶେଷ ୫ ନମ୍ବର ରାଜ୍ୟ ଭିତରେ ସ୍ଥାନ ପାଇଛି । ନଜର ପକାନ୍ତୁ, ଏସଡିଜି ଇଣ୍ଡେକ୍ସରେ କେଉଁ ରାଜ୍ୟ ଭଲ ସ୍କୋର କରିଛନ୍ତି । ୭୫ ସ୍କୋର କରି ୧ ନମ୍ବର ର୍ୟାଙ୍କରେ ରହିଛି କେରଳ ୭୪ ସ୍କୋର କରି ୨ ନମ୍ବର ର୍ୟାଙ୍କରେ ରହିଛନ୍ତି ହିମାଚଳ ପ୍ରଦେଶ, ତାମିଲନାଡୁ ଏସଡିଜି ଇଣ୍ଡେକ୍ସ ସ୍କୋର ୭୨ – ୩ ନମ୍ବର ର୍ୟାଙ୍କରେ ଆନ୍ଧ୍ର ପ୍ରଦେଶ, ଗୋଆ, କର୍ଣ୍ଣାଟକ, ଉତ୍ତରାଖଣ୍ଡ ସ୍କୋର ୭୧ – ୪ ନମ୍ବରରେ ରହିଛି ସିକିମ୍ ସେହିପରି ୭୦ ସ୍କୋର କରି ୫ ନମ୍ବର ର୍ୟାଙ୍କ ପାଇଛି ମହାରାଷ୍ଟ୍ର ୧ – କେରଳ – ସ୍କୋର ୭୫, ୨ – ହିମାଚଳ ପ୍ରଦେଶ, ତାମିଲନାଡୁ – ସ୍କୋର ୭୪, ୩ – ଆନ୍ଧ୍ର ପ୍ରଦେଶ, ଗୋଆ, କର୍ଣ୍ଣାଟକ, ଉତ୍ତରାଖଣ୍ଡ – ସ୍କୋର ୭୨, ୪ – ସିକିମ୍ – ସ୍କୋର ୭୧, ୫ – ମହାରାଷ୍ଟ୍ର – ସ୍କୋର ୭୦, ଏପଟେ ଶେଷ ୫ଟି ର୍ୟାଙ୍କରେ ଥିବା ରାଜ୍ୟ ତାଲିକାରେ ରହିଛି ଓଡ଼ିଶା । ଓଡ଼ିଶା, ନାଗାଲ୍ୟାଣ୍ଡ, ଛତିଶଗଡ଼ – ସ୍କୋର ୬୧, ଅରୁଣାଚଳ ପ୍ରଦେଶ, ମେଘାଳୟ, ରାଜସ୍ଥାନ, ଉତ୍ତରପ୍ରଦେଶ – ସ୍କୋର ୬୦, ଆସାମର ସ୍କୋର ହେଉଛି – ୫୭, ର୍ୟାଙ୍କର ସ୍କୋର – ୫୬, ଶେଷ ଆଡୁ ଦ୍ୱିତୀୟ ର୍ୟାଙ୍କ, ୫୨ ସ୍କୋର କରି ବିହାର ବିକାଶ ଲକ୍ଷ୍ୟରେ ସବୁଠୁ ପଛରେ ରହିଛି । ଶେଷ ୫ ରାଜ୍ୟ ଓଡ଼ିଶା, ନାଗାଲ୍ୟାଣ୍ଡ, ଛତିଶଗଡ଼ – ସ୍କୋର ୬୧, ଅରୁଣାଚଳ ପ୍ରଦେଶ, ମେଘାଳୟ, ରାଜସ୍ଥାନ, ଉତ୍ତରପ୍ରଦେଶ – ସ୍କୋର ୬୦, ଆସାମ – ସ୍କୋର ୫୭, ଝାଡଖଣ୍ଡ – ସ୍କୋର ୫୬, ବିହାର – ସ୍କୋର ୫୨ ଏସଡିଜି ଇଣ୍ଡେକ୍ସ ରିପୋର୍ଟରେ ୧୭ଟି ବିଷୟରେ ୩୬ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳକୁ ନେଇ ପ୍ରଦର୍ଶନକୁ ଆକଳନ କରାଯାଇଛି । ଏଥିରେ ମୁଖ୍ୟତଃ ସାମାଜିକ, ଆର୍ଥିକ ଓ ପରିବେଶ ସ୍ଥିତିକୁ ବିଚାରକୁ ନିଆଯାଇଛି ।

# ଗ୍ରୀନ୍ କରିଡରରେ ଅମ୍ରିତଙ୍କୁ ସ୍ଥାନାନ୍ତର

## ବିମାନବନ୍ଦରରେ ପହଞ୍ଚିବା ପରେ ଏୟାରଲିଫ୍ଟ ଯୋଗେ ନିଆଯିବ ଚେନ୍ନାଇ

ଭୁବନେଶ୍ୱର,୦୩/୦୬(ନି.ପ୍ର): ଗ୍ରୀନ୍ କରିଡରରେ ଗୁରୁତର ଅମ୍ରିତଙ୍କୁ ନିଆଗଲା ବିମାନବନ୍ଦର । ଏକ ସ୍ୱତନ୍ତ୍ର ଆମ୍ବୁଲାନ୍ସରେ ଅମ୍ରିତଙ୍କୁ ଭୁବନେଶ୍ୱର ବିମାନବନ୍ଦରକୁ ନିଆଯାଇଛି । ଏମ୍ସ ହସ୍ପିଟାଲରୁ ଭୁବନେଶ୍ୱର ବିମାନବନ୍ଦର ପର୍ଯ୍ୟନ୍ତ ପୋଲିସ ପକ୍ଷରୁ କରାଯାଇଛି ଗ୍ରୀନ୍ କରିଡର । ବିମାନବନ୍ଦରରେ ପହଞ୍ଚିବା ପରେ ପରେ ତାଙ୍କୁ ଏୟାରଲିଫ୍ଟ କରାଯାଇ ଚେନ୍ନାଇ ନିଆଯିବ । ସ୍ୱତନ୍ତ୍ର ବିମାନରେ ଅମ୍ରିତଙ୍କୁ ଚେନ୍ନାଇ ନିଆଯିବ । କରୋନା ସଂକ୍ରମିତ ହେବାରୁ ଅମ୍ରିତଙ୍କର ଫୁସଫୁସ କିଛି ମାତ୍ରାରେ ନଷ୍ଟ ହୋଇଛି । ଏହା ସହ ନିମୋନିଆ ଓ ସେପ୍ଟିସେମିଆରେ ସେ ପିଡ଼ିତ ଅଛନ୍ତି । ଗତ ମାସ ୨ ତାରିଖରେ କୋଭିଡ ପଜିଟିଭ ଚିହ୍ନଟ ହେବା



ପରେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ବିଗିଡ଼ି ଯାଇଥିଲା । ଏଥିପାଇଁ ସେ ୧୨ ତାରିଖରୁ ଭେଣ୍ଟିଲେଟରରେ ରଖାଯାଇଛି । ତାଙ୍କ ଅବସ୍ଥା ଗମ୍ଭୀର ହେବାରୁ ତାଙ୍କୁ ଡ଼ାକ୍ତରୀ ଦଳ ସ୍ଥାନାନ୍ତରଣ କରିବା ପାଇଁ ପରାମର୍ଶ ଦେଇଥିଲେ । ଅମ୍ରିତଙ୍କୁ ସ୍ଥାନାନ୍ତର କରିବା ପାଇଁ ଚେନ୍ନାଇ ଆପୋଲରୁ ଆସିଛନ୍ତି ୬ଜଣିଆ ଡ଼କ୍ତରୀ ଦଳ । ଚେନ୍ନାଇ ନେବା ପରେ ପ୍ରଥମେ ଇକ୍ମୋ ଚିକିତ୍ସା ଚାଲିବ । ଆବଶ୍ୟକ ପଡ଼ିଲେ ଫୁସଫୁସ୍ ପ୍ରତିରୋପଣ ବି କରାଯାଇପାରେ । ଏପରି ଜଟିଳ ଚିକିତ୍ସାର ବ୍ୟବସ୍ଥା କରିବାକୁ ଚେନ୍ନାଇର ଆପୋଲ ହସ୍ପିଟାଲ ସହମତି ଦେବା ପରେ, ଅମ୍ରିତ୍ ପ୍ରଧାନଙ୍କୁ ଭୁବନେଶ୍ୱର ଏମସରୁ ଏୟାର ଲିଫ୍ଟ କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି ।

# ବିଧାନସଭା ପରିସରରେ ବିଜୟଶ୍ରୀଙ୍କୁ ଦିଆ ଗଲା ଗାର୍ଡ ଅଫ ଅନର

ଭୁବନେଶ୍ୱର,୦୩/୦୬ (ନି.ପ୍ର): ଓଡ଼ିଶା ବିଧାନସଭା ପରିସରରେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ବିଜେଡ଼ି ନେତା ବିଜୟଶ୍ରୀ ରାଉତରାୟଙ୍କୁ ଗାର୍ଡ ଅଫ ଅନର ଦିଆଯାଇଛି । ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର, ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସଙ୍କ ସମେତ ବହୁ ନେତା ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ବିଧାନସଭା ପରିସରରେ ଗାର୍ଡ ଅଫ ଅନର ଦିଆ ଗଲା ପରେ ତାଙ୍କ ମରଶରୀରକୁ ଜନ୍ମମାଟି ଭଦ୍ରକ ଜିଲ୍ଲା ବାସୁଦେବପୁରକୁ ନିଆଯାଇଛି । ସେଠାରେ ତାଙ୍କ ମରଶରୀରକୁ ସାରାଧଣ ଲୋକଙ୍କ ଶେଷ ଦର୍ଶନ ପାଇଁ ରଖାଯିବ



ବୋଲି ସୂଚନା ଦିଆ ଯାଇଛି । ଉଲ୍ଲେଖନୀୟ ଯେ ଗତକାଲି ଭୁବନେଶ୍ୱରର ଏକ ଘରୋଇ ହସପିଟାଲରେ ତାଙ୍କର ପରଲୋକ ହୋଇଥିଲା । ମେ' ପ୍ରଥମ ସପ୍ତାହରେ ଶ୍ରୀ ରାଉତରାୟ କରୋନାରେ ଆକ୍ରାନ୍ତ ହୋଇ ଏକ ଘରୋଇ ହସ୍ପିଟାଲ୍‌ରେ ଚିକିତ୍ସିତ ହୋଇଥିଲେ । ଚିକିତ୍ସା ପରେ ସେ କରୋନାରୁ ମୁକ୍ତ ହୋଇଥିଲେ । କିନ୍ତୁ କରୋନା ପରବର୍ତୀ ଜଟିଳତା ଯୋଗୁ ଏକ ଡାକ୍ତରୀ ଦଳ ତତ୍ତ୍ୱାବଧାନରେ ତାଙ୍କର ଚିକିତ୍ସା ଜାରି ରହିଥିଲା ଏବଂ ସେଠାରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ ।

# ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷା ସହ ବଜ୍ରପାତ ଆଶଙ୍କା

ଭୁବନେଶ୍ୱର,୦୩/୦୬(ନି.ପ୍ର): ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ମାଲକାନଗିରି, କୋରାପୁଟ ଓ ନବରଙ୍ଗପୁର ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ଥିବା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରପକ୍ଷରୁ ସୂଚନା ମିଳିଛି । ସେହିପରି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ଢ଼େଙ୍କାନାଳ, କେନ୍ଦୁଝର ଓ ମୟୁରଭଞ୍ଜ ଆଦି ଜିଲ୍ଲାରେ ବଜ୍ରପାତ ଆଶଙ୍କା ରହିଛି । ପାଣିପାଗ କେନ୍ଦ୍ର ପକ୍ଷରୁ ଉକ୍ତ ଜିଲ୍ଲାଗୁଡ଼ିକୁ ମଧ୍ୟ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଏତଦ ବ୍ୟତୀତ ଜୁନ ୪ରୁ ୫ ତାରିଖ ମଧ୍ୟରେ ନବରଙ୍ଗପୁର, ନୂଆପଡ଼ା, ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ସମ୍ବଲପୁର, ଦେବଗଡ଼, କେନ୍ଦୁଝର, ମୟୁରଭଞ୍ଜ, କୋରାପୁଟ ଓ ମାଲକାନଗିରି ଆଦି ରହିଛି । ଏହି ଜିଲ୍ଲାଗୁଡ଼ିକୁ ବି ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଏହାପରେ ପାଗ ମୁଖ୍ୟତଃ ଶୁଖିଲା ରହିବ । ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟରେ ୩୯.୦ଡିଗ୍ରି ସେଲସିୟସ ସର୍ବାଧିକ ତାପମାତ୍ରା ଥିବା ବେଳେ ଫୁଲବାଣୀରେ ସର୍ବନିମ୍ନ ୧୯.୦ଡିଗ୍ରି ତାପମାତ୍ରା ରହିଛି ।

# ଜଳେଶ୍ୱରରୁ ୧ କୋଟି ଟଙ୍କାର ବ୍ରାଉନ୍‌ସୁଗର ଜବତ୍ : ୩ ଗିରଫ

ଜଳେଶ୍ୱର,୩/୬ (ନି.ପ୍ର) : ବାଲେଶ୍ୱର ଜିଲାର ଉପାନ୍ତ ଜଳେଶ୍ୱର ଅଂଚଳ ଏବେ ନିଶା କାରବାରରେ ହବ୍ ପାଲଟିଛି । ଉକ୍ତ ସ୍ଥାନଟି ପଶ୍ଚିମବଂଗ ଓ ଝାଡଖଣ୍ଡକୁ ସିଧା ସଂଯୋଗ ହେଉଥିବାରୁ ବ୍ରାଉନ୍‌ସୁଗର ବ୍ୟବସାୟୀଙ୍କ ଏହା ପେଣ୍ଠସ୍ଥଳୀ ପାଲଟିଛି । ଏସ୍‌ଟିଏଫର ବାରମ୍ବାର ଚଢାଉ ହେଉଥିଲେ ମଧ୍ୟ ଏହି କାରବାରର ମୂଳ ଉତ୍ପାଟନ ହୋଇ ପାରୁନାହିଁ । ମାଫିଆମାନେ ରାଜନୈତିକ ନେତା ଓ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଛତ୍ରଛାୟାରେ ଏହି କରାବାର ଚଳାଇଥିବା ଶୁଣିବାକୁ ମିଳୁଛି । ଆଜି ଗୁରୁବାର ଅପରାହ୍ନ ୨ଟା ରେ ଜଳେଶ୍ୱର ସହରର ମୁଖ୍ୟ ମାର୍କେଟ ଅଂଚଳ ଷ୍ଟେସନ ବଜାରର ଚଇତନସାହୁ ଛକ ନିକଟରେ ଏକ ଦୁଇମହଲା ଦୋକାନ ଘର ଉପରେ ଏହି କାରବାର ହେଉଥିବା ବେଳେ



ସେଠାରେ ଏସ୍‌ଟିଏଫ ଚଢାଉ କରି ୩ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଥିଲା । ସେମାନେ ହେଲେ ଝାଡେଶ୍ୱରପୁର ଅଂଚଳର ଏସ୍.କେ ସାବ୍‌ଜନ, ପଥରପୁରା ଅଂଚଳର ବିରେନ୍ଦ୍ର ସାହୁ ଓରଫ ଚିଣ୍ଟୁ ଓ କୁନା ଦାସ । ସେମାନଙ୍କ ନିକଟରୁ ୧ କେଜିରୁ ଉର୍ଦ୍ଧ୍ୱ ପ୍ରାୟ ଏକ କୋଟି ମୂଲ୍ୟର ବ୍ରାଉନ୍‌ସୁଗର ଜବତ୍ କରାଯାଇଛି । ହେଲେ ଆଶ୍ଚର୍ଯ୍ୟର ବିଷୟ ଜଳେଶ୍ୱର ଅବକାରୀ ଥାନା ଠାରୁ ମାତ୍ର ୫୦ ମିଟର ଦୂରରେ ଏପରି କାର୍ଯ୍ୟ ହେଉଥିବା ବେଳେ ବିଭାଗ କିପରି ଟେର ପାଉନି ତାହା ଆଲୋଚ୍ୟର ବିଷୟ ହୋଇଛି । ଏହି ଚଢାଉ ସମୟରେ ଜଳେଶ୍ୱର ଆଇଆଇସି ପର୍ଶୁରାମ ସାହୁ ଓ ଏଡିସନାଲ ତହସିଲଦାର ଶାନ୍ତିରାମ ହେମ୍ବ୍ରମ ଆର୍.ଆଇ ମାନସ ବେହେରା ଉପସ୍ଥିତ ଥିଲେ ।

## ଡା.ବିଜୟ ସାହୁ ରାଜ୍ୟର ଶିକ୍ଷା ବ୍ୟବସ୍ଥାରେ ଗୁଣାତ୍ମକ ପରିବର୍ତ୍ତନ ଆଣିଥିଲେ : ଧର୍ମେନ୍ଦ୍ର ପ୍ରଧାନ



ଭୁବନେଶ୍ୱର,୦୩/୦୬(ନି.ପ୍ର): ବିଶିଷ୍ଟ ଶିକ୍ଷାବିତ୍ ତଥା ସାଇ ଇଂଟରନ୍ୟାସନାଲ ସ୍କୁଲର ଅଧକ୍ଷ ଡା. ବିଜୟ କୁମାର ସାହୁଙ୍କ ବିୟୋଗ ଖବରରେ ଗଭୀର ଶୋକପ୍ରକାଶ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ରାଜ୍ୟର ଶିକ୍ଷା ବ୍ୟବସ୍ଥାରେ ଗୁଣାତ୍ମକ ପରିବର୍ତନ ଆଣିବାରେ ସ୍ୱର୍ଗତ ସାହୁଙ୍କ ଭୂମିକା ଅତୁଳନୀୟ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଶ୍ରୀ ପ୍ରଧାନ ଶୋକବାର୍ତାରେ କହିଛନ୍ତି ଯେ ବିଶିଷ୍ଟ ଶିକ୍ଷାବିତ୍ ତଥା ସାଇ ଇଂଟରନ୍ୟାସନାଲ ସ୍କୁଲର ଅଧକ୍ଷ ଡା. ବିଜୟ କୁମାର ସାହୁଙ୍କ ବିୟୋଗ ଖବର ଶୁଣି ମୁଁ ଦୁଃଖିତ ଓ ମର୍ମାହତ । ▶▶ପୃଷ୍ଠା ୭

## ଶିକ୍ଷାବିତ୍ ବିଜୟ ସାହୁଙ୍କ ପରଲୋକ

ଭୁବନେଶ୍ୱର,୦୩/୦୬ (ନି.ପ୍ର): ବିଶିଷ୍ଟ ଶିକ୍ଷାବିତ୍ , ରାଜ୍ୟ ସରକାରଙ୍କ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଉପଦେଷ୍ଟା ତଥା ସାଇ ଇଂଟରନ୍ୟାସନାଲ ସ୍କୁଲର ଚେୟାରମ୍ୟାନ୍ ଡ. ବିଜୟ ସାହୁଙ୍କର ▶▶ପୃଷ୍ଠା ୭

# ସିଙ୍ଗାପୁରରେ କରୋନାର ତୃତୀୟ ଲହର ନେଇ ବଢ଼ିଲା ଚର୍ଚ୍ଚା

## ନୂଆ ରୂପ ସହ ବଢୁଛି ଆକ୍ରାନ୍ତଙ୍କ ସଂଖ୍ୟା : ଓଡ଼ିଶାରେ ମୁକାବିଲା ପାଇଁ ପ୍ରସ୍ତୁତି

ଭୁବନେଶ୍ୱର,୦୩/୦୬(ନି.ପ୍ର): ଦ୍ୱିତୀୟ ଲହର ସରିନଥିବା ବେଳେ ତୃତୀୟ ଲହରର ଆଶଙ୍କା ଦେଖାଦେଇଛି । ଠିକ୍ ଏମିତି ବେଳେ ସିଙ୍ଗାପୁରରେ କରୋନା ମାମଲା ବଢ଼ିବାରେ ଲାଗିଛି । କରୋନାର ନୂଆ ରୂପ ସହ ସିଙ୍ଗାପୁରରେ କରୋନା ସଂଖ୍ୟା ବୃଦ୍ଧି ତୃତୀୟ ଲହର ଆଡକୁ ଇସାରା କରୁଛି । ସିଙ୍ଗାପୁରରେ ଆଜି ପୁଣି ୩୫ଟି ନୂଆ କରୋନା ମାମଲା ସାମ୍ନାକୁ ଆସିଛି । ଏହି ୩୫ଟି ମାମଲାରୁ ୨ଟି ମାମଲା, ପୂର୍ବ ସଂକ୍ରମିତଙ୍କ ସହ କୌଣସି ସମ୍ପର୍କ ନାହିଁ । ଯାହା ଚିନ୍ତାର କାରଣ ବଢ଼ାଇଛି । ଗତକାଲି ମଧ ୨୨ଟି ନୂଆ ମାମଲା ଦେଖିବାକୁ ମିଳିଥିଲା । ଏପଟେ ସମ୍ଭାବ୍ୟ



ତୃତୀୟ ଲହର ପାଇଁ ଓଡ଼ିଶାରେ ମଧ ପ୍ରସ୍ତୁତି ଆରମ୍ଭ ହୋଇଛି । ତୃତୀୟ ଲହର କେବଳ ଛୋଟ ପିଲାଙ୍କୁ ପ୍ରଭାବିତ କରିବ ତାହା ନୁହେଁ ବରଂ ଅନ୍ୟମାନଙ୍କୁ ସଂକ୍ରମିତ କରିପାରେ ବୋଲି ଆଇଏଲଏସର ନିର୍ଦ୍ଦେଶକ ଅଜୟ ପରିଡ଼ା ସୂଚନା ଦେଇଛନ୍ତି । ତେବେ ତୃତୀୟ ଲହର ପ୍ରଭାବ ତିନୋଟି ଦିଗ ଉପରେ ନିର୍ଭର କରୁଛି ବୋଲି ସେ କହିଛନ୍ତି । ପ୍ରଥମରେ କୋଭିଡ ନିମୟ, ଦ୍ୱିତୀୟରେ ଟିକାକରଣ ଏବଂ ତୃତୀୟରେ ଭୂତାଣୁର ରୂପ ପରିବର୍ତନ । ଏହି ତିନୋଟି ଦିଗ ଉପରେ ତୃତୀୟ ଲହର ପ୍ରଭାବ ନିର୍ଭର କରିପାରେ ।

# ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ ଭାବେ ଯୋଗଦେଲେ ଇନ୍ଦ୍ରମଣି ତ୍ରିପାଠୀ

ଭୁବନେଶ୍ୱର,୦୩/୦୬ (ନି.ପ୍ର): ସୂଚନା ଓ ଲୋକସଂପର୍କ ବିଭାଗକୁ ଅଧିକ କ୍ରିୟାଶୀଳ କରିବା ଉପରେ ନୂତନ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ଗୁରୁତ୍ୱ ଆରୋପ କରିଛନ୍ତି । ଓଡ଼ିଶା ପ୍ରଶାସନିକ ସେବାର ବରିଷ୍ଠ ଅଧିକାରୀ ଶ୍ରୀ ତ୍ରିପାଠୀ ଗୁରୁବାର ବିଭାଗର ନୂତନ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ପରେ ସୂଚନା ପ୍ରଦାନ କ୍ଷେତ୍ରରେ ଆଧୁନିକ ବୈଷୟିକ ଜ୍ଞାନ ପ୍ରୟୋଗ ମାଧ୍ୟମରେ ସର୍ବଦା ଆଗୁଆ ରହିବା ଏବଂ



କାର୍ଯ୍ୟଦକ୍ଷତା ସହ ନିୟମିତ ଭାବେ କାର୍ଯ୍ୟ ତୁଲାଇବାକୁ ବିଭାଗର ଅଧିକାରୀ ତଥା କର୍ମଚାରୀମାନଙ୍କୁ ପରାମର୍ଶ ଦେଇଛନ୍ତି । ନିର୍ଦ୍ଦେଶକ ଶ୍ରୀ ତ୍ରିପାଠୀ ଗୁରୁବାର ପୂର୍ବାହ୍ନରେ ଅଧିକାରୀମାନଙ୍କ ସହିତ ବିଭାଗର ବିଭିନ୍ନ କାର୍ଯ୍ୟାବଳୀ ସଂପର୍କରେ ସବିଶେଷ ଆଲୋଚନା କରିଥିଲେ । ସେ ଲୋକସଂପର୍କ ଭବନରେ ବିଭାଗର ବିଭିନ୍ନ ଶାଖା ପରିଦର୍ଶନ କରିଥିଲେ । ଶ୍ରୀ ତ୍ରିପାଠୀ ଆଜିର ଯୁଗରେ ବିଜ୍ଞାନ ଓ ବୈଷୟିକ ବିଦ୍ୟାର ପ୍ରୟୋଗକୁ ବିଭାଗ ଆପଣେଇବା ସହ ଜନସାଧାରଣଙ୍କ ନିକଟରେ ସମ୍ବାଦ ସରବରାହ କ୍ଷେତ୍ରରେ ଅଧିକ ଆଗୁଆ ହେବା ସହିତ ଅଭିନବତ୍ୱ ▶▶ପୃଷ୍ଠା ୭

## ଶ୍ରୀକ୍ଷେତ୍ରରେ ଭଉଁରୀ ନୀତି : ଆସିଲା ଆଜ୍ଞାମାଳ, ରଥଖଳାରେ ନାହାକ ଚକଅଖ ଡେରା ନୀତି ସମ୍ପନ୍ନ

ପୁରୀ,୦୩/୦୬(ନି.ପ୍ର): ଆଜି ପବିତ୍ର ଭଉଁରୀ ତିଥିରେ ପୁରୀରେ ଶ୍ରୀମନ୍ଦିରରୁ ରଥଖଳାକୁ ମହାପ୍ରଭୁଙ୍କ ଆଜ୍ଞାମାଳ ବିଜେ କରାୟାଇଛି । ସକାଳ ଧୂପ ପରେ ରତ୍ନ ସିଂହାସନରୁ ତିନି ଠାକୁରଙ୍କଠାରୁ ଆଜ୍ଞାମାଳ ଆସି ତିନିରଥର ଚକ ଅଖରେ ଲାଗି କରାୟାଇଥିଲା । ମହାପ୍ରଭୁଙ୍କ ଆଜ୍ଞା ମିଳିବା ପରେ ପୂର୍ବ ପ୍ରସ୍ତୁତ ଚକ ସହ ଅଖକୁ ସଂଯୋଗ କରାଯାଇଛି । ଅନୁକୂଳ ପର୍ବରେ ତିନି ରଥର ତିନୋଟି ଚକଡେରା କାମ ଶେଷ ହୋଇଥିବା ବେଳେ ମହାରଣା ସେବକ ଓ ଭୋଇ ସେବକମାନେ ଏହି କାର୍ଯ୍ୟ ସଂପାଦନ କରିଛନ୍ତି । ପର୍ଯ୍ୟାୟକ୍ରମେ ଅନ୍ୟ ସବୁ ଚକଡେରା କାର୍ଯ୍ୟ ଶେଷ ହେବ । ପରମ୍ପରା ଅନୁଯାୟୀ, ଆଜି ସକାଳେ ରବି ଭୋଇଙ୍କ ନେତୃତ୍ୱରେ ଭୋଇ ସେବକମାନେ ମହାରଣା ସେବକଙ୍କୁ ଚକ, ଅଖ ଡେରା ସଂପର୍କରେ ଅବଗତ କରିଥିଲେ । ପରେ ଚକ, ଅଖ ଡେରା ହୋଇଥିଲା । ଶ୍ରୀମନ୍ଦିରରୁ ମହାପ୍ରଭୁଙ୍କ ଆଜ୍ଞାମାଳ ଆସିବା ପରେ ଡେରା ହୋଇଥିବା ଚକରେ ବିଜେ କରାଯାଇଥିଲା । ପୂଜାପଣ୍ଡା ସେବକମାନେ ବିଧି ମୁତାବକ ପୂଜାର୍ଚ୍ଚନା ପରେ ଚକଡେରା କାର୍ଯ୍ୟ ଅନୁକୂଳ ହୋଇଥିଲା ।

# ଆଉ ଏକ ସ୍ୱଦେଶୀ ଟିକା ନିର୍ମାତା କମ୍ପାନୀ ସହ କେନ୍ଦ୍ର ସରକାରଙ୍କୁ ଚୁକ୍ତି

ନୂଆଦିଲ୍ଲୀ,୦୩/୦୬(ନି.ପ୍ର): କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କରୋନା ଟିକାର ୩୦ କୋଟି ଡୋଜ୍ ପାଇଁ ହାଇଦ୍ରାବାଦ ସ୍ଥିତ ଟିକା ନିର୍ମାତା ବାୟୋଲୋଜିକାଲ-ଇ କୁ ୧୫ ଶହ କୋଟି ଟଙ୍କା ଅଗ୍ରୀମ ପ୍ରଦାନ କରିବ । ଏହି ଟିକା ଅଗଷ୍ଟରୁ ଡିସେମ୍ବର ମାସ ମଧ୍ୟରେ ମେସର୍ସ ବାୟୋଲୋଜିକାଲ କମ୍ପାନୀ ପ୍ରସ୍ତୁତ ଓ ଷ୍ଟୋର କରିବ । କହିରଖୁ କି ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟରେ କ୍ଲିନିକାଲି ପରୀକ୍ଷଣରେ ପଜିଟିଭ୍ ରେଜଲ୍ଟ ମିଳିବା ପରେ ଏବେ କମ୍ପାନୀ ତରଫରୁ ତୃତୀୟ ପର୍ଯ୍ୟାୟ ପରୀକ୍ଷଣ ଜାରି ରହିଛି । ବାୟୋଲୋଜିକାଲ-ଇ ଦ୍ୱାରା ପ୍ରସ୍ତୁତ ହେଉଥିବା ଏହି ଟିକା ଆରବିଡି ପ୍ରୋଟିନ ସବ୍-ୟୁନିଟ୍ ଭ୍ୟାକ୍ସିନ ବୋଲି କୁହାଯାଇଛି । ଆଗାମୀ କିଛି ମାସ ମଧ୍ୟରେ ଏହା ବଜାରରେ ଉପଲବ୍ଧ ହେବ ବୋଲି ଆଶା କରାଯାଉଛି । ସୂଚନା ଥାଉକି ବାୟୋଲୋଜିକାଲ-ଇ କୋଭିଡ-୧୯ ଭ୍ୟାକ୍ସିନର ପ୍ରଥମ ପର୍ଯ୍ୟାୟ କ୍ଲିନିକାଲ ଟ୍ରାଏଲ ଠାରୁ ତୃତୀୟ ପର୍ଯ୍ୟାୟ ପରୀକ୍ଷଣ ପର୍ଯ୍ୟନ୍ତ ଭାରତ ସରକାର ସହାୟତା ଯୋଗାଇ ଆସୁଛନ୍ତି । ଯେଉଁଥିପାଇଁ କେନ୍ଦ୍ର ସରକାରଙ୍କର ଜୈବ ପ୍ରଦ୍ୟୋଗୀକ ବିଭାଗ ୧୦୦ କୋଟିରୁ ଅଧିକ ଟଙ୍କା ସହାୟତା ଦେଇଛି । ଅନ୍ୟପଟେ ଭାରତକୁ ଫାଇଜର ମଡର୍ନା ଭଳି ବିଦେଶୀ ଟିକା ଆଣିବାକୁ ସରକାର ତୁରନ୍ତ ପଦକ୍ଷେପ ଗ୍ରହଣ କରିଛନ୍ତି । ଡ୍ରଗ୍ସ କଣ୍ଟ୍ରୋଲର ଅଫ୍ ଇଣ୍ଡିଆ ବା ଡିସିଜିଆଇ ଏହି ଟିକାକୁ ଭାରତରେ ଅଲଗା ପରୀକ୍ଷଣ ପାଇଁ ଥିବା ସର୍ତ୍ତକୁ ହଟାଇ ଦେଇଛନ୍ତି । ଏବେ ଏଭଳି ବିଦେଶୀ ଟିକା, ଯାହାକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଆପାତକାଳୀନ ବ୍ୟବହାର ପାଇଁ ଅନୁମତି ପ୍ରଦାନ କରିଛନ୍ତି ସେହି ସବୁ ଟିକା ଭାରତରେ ବିନା ବ୍ରିଜିଙ୍ଗ୍ ଟେଷ୍ଟରେ ବ୍ୟବହାର କରାଯାଇପାରିବ ।

# କଣାସରେ ଗଡିଲା ରାଜସ୍ୱ ରଥ: ୬୬ ଜଣଙ୍କୁ ଜମି ଓ ଘରବାଡ଼ି ପଟ୍ଟା ବଂଟନ

କଣାସ,୩/୬ (ନି.ପ୍ର): ଜନସାଧାରଣ ଘରବାଡି ପଟ୍ଟା ଓ ବିଭିନ୍ନ ପ୍ରମାଣପତ୍ର ପାଇଁ ବାରମ୍ବାର ତହସିଲ କାର୍ଯ୍ୟାଳୟକୁ ଦୌଡି ଦୌଡି ନୟାନ୍ତ ହେଉଥିବା ଏବଂ ଦୁଇବର୍ଷ ହେଲା କରୋନା କଟକଣା ଯୋଗୁଁ ତାଲା ବନ୍ଦ ହେଉଥିବାରୁ ରାଜ୍ୟର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉକ୍ତ କଥାକୁ ବିଚାରକୁ ନେଇ ରାଜସ୍ୱରଥ ଗଡେଇ ଜନସାଧାରଣଙ୍କ ଘରେ ପଟ୍ଟା ଓ ବିଭିନ୍ନ ପ୍ରମାଣପତ୍ର ଦେବାକୁ ନିର୍ଦ୍ଦେଶ ଦେବାପରେ ଆଜି କଣାସ ବ୍ଲକରେ ରାଜସ୍ୱ ରଥ ଗଡିବା ଆରମ୍ଭ ହୋଇଛି । ଆଜି କଣାସ ବ୍ଲକରେ ରାଜସ୍ୱ ରଥକୁ ପୁରୀ ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ନାଥଶର୍ମା ପତାକା ଦେଖାଇ ଉଦ୍‌ଘାଟନ କରିବା ସହିତ କଣାସ ଗ୍ରାମରେ ଜଣେ ବ୍ୟକ୍ତିଙ୍କୁ ଶ୍ରୀ ଶର୍ମା ପ୍ରଥମେ ପଟ୍ଟା ପ୍ରଦାନ କରିଥିଲେ । ପଟ୍ଟା ପ୍ରଦାନ ସମୟରେ ତହସିଲଦାର ଲକ୍ଷ୍ମୀଧର ମହାରଣା, ବିଡିଓ ଲୋଚନ ଦାସ, କଣାସ ଥାନା ଆଇ.ଆଇ.ସି ତପନ ରାଉତ, ଅତିରିକ୍ତ ତହସିଲଦାର ସହଦେବ ସାହୁ, ଅତିରିକ୍ତ ତହସିଲଦାର ଅନିଲ କୁମାର ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହିଥିଲେ। ଆଜି କଣାସ ରାଜସ୍ୱ ସର୍କଲ୍‌ର ୬୬ ଜଣଙ୍କୁ ଜମି ଓ ଘରବାଡ଼ି ପଟ୍ଟା ବଂଟନ କରାଯାଇଥିବା ତହସିଲଦାର ଶ୍ରୀ ଆଚାର୍ଯ୍ୟ ପ୍ରକାଶ କରିବା ସହିତ କଣାସ ତହସିଲ ଅଧିନରେ ଥିବା ୯ଟି ଯାକ ରାଜସ୍ୱ ସର୍କଲ୍‌ରେ ଏହି ରଥ ବୁଲିବ । ପ୍ରତ୍ୟେକ ଦିନ ପ୍ରମାଣପତ୍ର ଓ ପଟ୍ଟା ବଂଟନ କରିବେ ବୋଲି ତହସିଲଦାର ଶ୍ରୀ ମହାରଣା ସୂଚନା ଦେଇଛନ୍ତି।

# କରୋନାରେ ଆକ୍ରାନ୍ତ ମାଓନେତା ଗିରଫ

ମାଲକାନଗିରି,୩/୬ (ନି.ପ୍ର): ବର୍ତ୍ତମାନ ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ, ଆନ୍ଧ୍ର ଓ ତେଲେଙ୍ଗାନା ରାଜ୍ୟରେ ମାଓବାଦୀ ମାନେ ଏବେ କରୋନା ରେ ଆକ୍ରାନ୍ତ ହୋଇ ଚିକିତ୍ସା ସୁବିଧା ନପାଇଁ ମୃତ୍ୟୁ ବରଣ କରୁଥିବା ଜଣାପଡିଛିାଗତ କିଛିଦିନ ତଳେ ଛତିଶଗଡ ରାଜ୍ୟ ପୋଲିସ ପକ୍ଷରୁ ମାଓବାଦୀ ଆସି ଆତ୍ମସମର୍ପଣ କଲେ ସେମାନଙ୍କୁ ଚିକିତ୍ସା ସୁବିଧା ଯୋଗାଇ ଦିଆଯିବ ଘୋଷଣା କରିବା ପରେ କରୋନାରେ ସଂକ୍ରମିତ ହୋଇଥିବା ୩ ଜଣ ମାଓବାଦୀ ଆତ୍ମସମର୍ପଣ କରି ଥିଲେ। ସେହିପରି ତେଲେଙ୍ଗାନା ରାଜ୍ୟରେ କରୋନା ସଂକ୍ରମିତ ଜଣେ ମାଓବାଦୀ କୁ ଚିକିତ୍ସା ପାଇଁ ଆଣିଥିବାବେଳେ ତାର ମୃତ୍ୟୁ ହୋଇଥିଲା ତାକୁ ଆଣିଥିବା ୩ଜଣ ମାଓବାଦୀ ଙ୍କୁ କୋତାଗୁଡେମ୍ ପୋଲିସ ସନ୍ଦିଗ୍ଧ ଅବସ୍ଥାରେ ଗିରଫ କରିଥିଲା । ଆଜି ତେଲେଙ୍ଗାନାରେ ମାଓବାଦୀ ଙ୍କ କମ୍ୟୁନିକେଶନ୍ ଟିମର ମୁଖିଆ ସୋବରାୟକୁ ଗିରଫ କରାଯାଇଛି । ଦକ୍ଷିଣ ସବ୍ ?-ଜୋନାଲ୍ ବ୍ୟୁରୋ ଟେକ୍ନିକାଲ୍ ଟିମର ମୁଖିଆ ସୋବରାୟ କରୋନାରେ ସଂକ୍ରମିତ ଥିବା ଜଣାପଡିଛି । ଓ୍ୱାରଙ୍ଗଲ ଜିଲ୍ଲାରେ ଆଜି ସକାଳୁ ଯାନବାହାନ ଯାଂଚ ବେଳେ ସୋବରାୟକୁ ଗିରଫ କରାଯାଇଥିଲା। ତେବେ ଗିରଫଦାରୀ ପୂର୍ବରୁ କୋତାଗୁଡେମ୍ ଏସ୍ ?.ପି, ମାଓନେତା ସୋବରାୟ କରୋନାରେ ସଂକ୍ରମିତ ଥିବା ଖବର ଲୋକଲୋଚନକୁ ଆଣିଥିଲେ । ସୋବରାୟକୁ ବାଦ୍ ଦେଲେ ମାଓ ଗଡ଼ରେ ବହୁ ମାଓ ନେତା କରୋନାରେ ସଂକ୍ରମିତ ଥିବା ଜଣାପଡିଛିାମାଓବାଦୀ ଙ୍କୁ ଏବେ ପୋଲିସ ଗୁଳି ଠୁ ଅଧିକ ଭାରି ପଡିଛି କରୋନା।

# ବ୍ରହ୍ମପୁରରେ ଗତ ୨୪ ଘଂଟାରେ ୨୭୬ ବାହନରୁ ୧ଲକ୍ଷ ୩୮ହଜାର ଟଙ୍କା ଚାଲାଣ ଆଦାୟ

ବ୍ରହ୍ମପୁର,୩/୬ (ନି.ପ୍ର): ଗତ ୨୪ଘଂଟା ମଧ୍ୟରେ ବ୍ରହ୍ମପୁର ପୋଲିସ୍ ୨୭୬ଟି ବିଭିନ୍ନ ଯାନବାହନ ଚାଳକଙ୍କ ଠାରୁ ୧ଲକ୍ଷ ୩୮ ହଜାର ଟଙ୍କା ଚାଲାଣ ଆଦାୟ କରିଛି। ବ୍ରହ୍ମପୁର ଏସ୍‌ପିଙ୍କ ପକ୍ଷରୁ ଟୁଇଟ୍ କରି ଏହି ସୂଚନା ଦିଆଯାଇଛି। ଏହି ସମୟ ମଧ୍ୟରେ ନାଇଟ୍ କର୍ଫ୍ୟୁ ଉଲ୍ଲଂଘନ ୧୧ଟି କେଶ୍‌ରୁ ୫ହଜାର ୨୦୦, ସାମାଜିକ ଦୂରତା ନରଖିବା ୧୭ଜଣ ବ୍ୟକ୍ତିଙ୍କ ଠାରୁ ୮ହଜାର ୧୦୦, ୧୫ଟି ଦୋକାନ ସିଲ୍ କରାଯାଇ ୭ହଜାର ୨୦୦ ଟଙ୍କା ଜୋରିମାନା ଆଦାୟ କରାଯାଇଥିବା ସୂଚନା ଦିଆଯାଇଛି। ଏହି ଅବଧି ମଧ୍ୟରେ ମାକ୍ସ ନପିନ୍ଧିବା ଅଭିଯୋଗରେ ୪୨ହଜାର ୬୦୦ଟଙ୍କା ଆଦାୟ କରାଯାଇଛି। ଅପରପକ୍ଷରେ ୬ ଲିଟର ମଦ ଜବତ ହେବା ସହିତ ୨ଟି ଅବକାରୀ ମାମଲାରେ ୨ଜଣଙ୍କୁ ଗିରଫ କରାଯାଇଛି।

# ଦେଶି ମଦଭାଟି ଉପରେ ଚଢ଼ଉ: ୨୮୫୯ କେଜି ପୋଚ ନଷ୍ଟ କରାଗଲା

ଗଞ୍ଜାମ,୩/୬ (ନି.ପ୍ର): ବେଆଇନ ଭାବେ ଚାଲିଥିବା ମଦ କାରବାରକୁ ବନ୍ଦ କରିବା ପାଇଁ ଅବକାରୀ ବିଭାଗ ଓ ପୋଲିସ ପକ୍ଷରୁ ବିଭିନ୍ନ ସମୟରେ ଚଢ଼ଉ ଜାରୀ ରହିଛି । ବ୍ରହ୍ମପୁର ଅବକାରୀ ବିଭାଗର ଏକ ଟିମ୍ ଗୋଳନ୍ଥରା ଥାନା ଇନ୍ଦ୍ରାକ୍ଷି ନିକଟସ୍ଥ କିଆ ଜଙ୍ଗଲରେ ଚାଲିଥିବା ଏକ ବେଆଇନ ଦେଶି ମଦ ଭାଟିକୁ ଠାବ କରିଛି । ସେଠାରୁ ବିପୁଳ ପରିମାଣର ମଦ ଜବତ କରାଯିବା ସହ ମଦ ପ୍ରସ୍ତୁତ ନିମନ୍ତେ ରଖାଯାଇଥିବା ପୋଚକୁ ନଷ୍ଟ କରାଯାଇଛି । ଲକ୍‌ଡାଉନ୍ ସମୟରେ ସହରରେ ବେଆଇନ ମଦ ବିକ୍ରୀ ଉପରେ ରୋକ୍ ଲଗାଇବାକୁ ବ୍ରହ୍ମପୁର ଅବକାରୀ ଅଧିକ୍ଷକ ରମେନ୍ଦ୍ର ନାୟକଙ୍କ ନେତୃତ୍ୱରେ ଏକ ଟିମ୍ ଇନ୍ଦ୍ରାକ୍ଷି ନିକଟ ଏହି କିଆ ଜଙ୍ଗଲରେ ଚଢ଼ଉ କରିଥିଲେ । ଚଢ଼ଉ ସମ୍ପର୍କରେ ପୂର୍ବରୁ ଜାଣିପାରି ମଦ ମାଫିଆ ମାନେ ସେଠାରୁ ଚମ୍ପଟ୍ ମାରିଥିଲେ । ଅବକାରୀ ଟିମ୍ ଘଟଣାସ୍ଥଳରୁ ୨୮୫୯ କେଜି ଗୁଡ଼ ମିଶ୍ରିତ ପୋଚ ଜବତ କରିବା ସହ ଏହାକୁ ନଷ୍ଟ କରିଥିଲେ । ୪୦ ଲିଟର ଦେଶି ରନ୍ଧା ମଦ ଜବତ କରିଥିଲେ । ଅଭିଯୁକ୍ତଙ୍କୁ ଧରିବାକୁ ଉଦ୍ୟମ ଜାରୀ ରହିଥିବା ଅବକାରୀ ବିଭାଗ ସୂତ୍ରରୁ ସୂଚନା ମିଳିଛି । ଏହି ଚଢ଼ଉରେ ଅବକାରୀ ଇନ୍ସପେକ୍ଟର ବାଳକୃଷ୍ଣ ପରିଡ଼ା, ଏସଆଇ ଶ୍ରୀଧର ମହାନ୍ତି, ଏସଆଇ ବାଳକ ବିଶି, ଏସଆଇ ସନ୍ତୋଷ ସାହୁ ପ୍ରମୁଖ ସାମିଲ୍ ଥିଲେ ।

# ଗାନ୍ଧୀବାଦୀ କାଳନ୍ଦି ସାହୁଙ୍କ ସ୍ମୃତିଚାରଣ ସଭା ଓ ଶ୍ରଦ୍ଧାଞ୍ଜଳି

ଭୁବନ,୩/୬ (ନି.ପ୍ର): ବାଜିରାଉତ ସ୍ମୃତି ପରିଷଦର ସ୍ଥାୟୀ ସଭାପତି, ଗାନ୍ଧୀବାଦୀ ତଥା ପୂର୍ବତନ କାଉନସିଲର ସ୍ୱର୍ଗତ କାଳନ୍ଦି ସାହୁଙ୍କ ବିୟୋଗର ଆଜି ନବମ ଦିବସରେ ଭୁବନ କଂଗ୍ରେସ କମିଟି ତରଫରୁ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । କାମାକ୍ଷାନଗର ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି ବିନୋଦ ମହାରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଯୁବନେତା ପ୍ରଭୁଦତ ଭଟ୍ଟ, ମନମୋହନ ସାହୁ, ଭାଗବତ ନାୟକ, ପୀତବାସ ବେହେରା, ସିରାଜ ଉଦ୍ଦିନ ଖାଁ, ରାଜ କିଶୋର ପୋଥାଳ, ଅମୂଲ୍ୟ ଚିନରା, ଜିତେନ୍ଦ୍ର ସାହୁ, ଜ୍ୟୋତି ପ୍ରକାଶ ସାହୁ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ଆତ୍ମାର ସଦଗତି କାମନାର୍ଥେ ୨ ମିନିଟ ନିରବ ପ୍ରାର୍ଥନା କରିବା ସହିତ ସ୍ମୃତିଚାରଣ କରି ସ୍ୱର୍ଗତ କାଳନ୍ଦି ବାବୁ ଏକାଧାରରେ ଜଣେ ସ୍ୱାଧିନତା ସଂଗ୍ରାମୀ, ସ୍ୱାଭିମାନୀ, ଗାନ୍ଧୀବାଦୀ, ମିଷ୍ଟଭାସୀ, ପରୋପକାରୀ ଓ ଦୟାଳୁ ବ୍ୟକ୍ତି ଥିଲେ ବୋଲି କହିଥିଲେ ।

# ଭାଗବତ ମହାନ୍ତି ଟ୍ରଷ୍ଟ ପକ୍ଷରୁ କରୋନା ସଚେତନତା ଓ ମାକ୍ସ ବଣ୍ଟନ

କେନ୍ଦ୍ରାପଡ଼ା,୩/୬ (ନି.ପ୍ର): ଭାଗବତ ପ୍ରସାଦ ମହାନ୍ତି ଟ୍ରଷ୍ଟ ପକ୍ଷରୁ କରୋନା ସଚେତନତା ବାର୍ତ୍ତା ପ୍ରଚାର ଓ ମାକ୍ସ , ସାନିଟାଇଜର ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର ମହାକାଳପଡା ବ୍ଲକ ଅନ୍ତର୍ଗତ ବତୀଘର ପଂଚାୟତର ବରକୋଳି ଖଳା, ବଡଟୁବି, ସାନ ଟୁବି , ନିପାଣିଆ ଓ କଜଳ ପାଟିଆ ଗ୍ରାମ ମାନଙ୍କରେ ଥିବା ଦଳିତ ଓ ଅବହେଳିତ ଶ୍ରେଣୀ ପରିବାର ଲୋକମାନଙ୍କ ମଧ୍ୟରେ କରୋନା ମହାମାରୀ ସଂକ୍ରମଣରୁ ନିଜକୁ ଓ ପରିବାରକୁ ରକ୍ଷା କରିବା ପାଇଁ ଆବଶ୍ୟକୀୟ କଟକଣା ପାଳନ, ସାମାଜିକ ଦୂରତା, ମାକ୍ସ ପରିଧାନ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇ ଥିଲା । ଟ୍ରଷ୍ଟର ବରିଷ୍ଠ ସଦସ୍ୟ ଫକିର ଚରଣ ଖଟୁଆ, ମ୍ୟାନେଜିଂ ଟ୍ରଷ୍ଟି ବସନ୍ତ କୁମାର ସେଠୀ, ଆଇନଜୀବି ବିଦୂ ଭୂଷଣ ମହାପାତ୍ର ପ୍ରମୁଖ ଏହି ସମ୍ବନ୍ଧରେ ସଚେତନତା ବାର୍ତ୍ତା ପ୍ରଚାର କରିବା ସହ ସମସ୍ତଙ୍କୁ ସାନିଟାଇଜର, ମାକ୍ସ ଓ ସାବୁନ ବଣ୍ଟନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଶଙ୍କର୍ଷଣ ଜେନା, ଅନିଲ ମଣ୍ଡଳ, ଜୟନ୍ତୀ ହାଜା ଓ ପଂଚାନନ ଦାସ ପ୍ରମୁଖ ସହଯୋଗ କରିଥିଲେ ।

# ଜୟପୁର ଗ୍ଲୋକାଲ ହସ୍ପିଟାଲ ଚାଲୁ ହେବା ପୂର୍ବରୁ ହସ୍ପିଟାଲରେ ପହଂଚି ସ୍ଥିତି ପରଖିଲେ ବିଧାୟକ

ଜୟପୁର,୩/୬ (ନି.ପ୍ର): ଜୟପୁର ଗ୍ଲୋକାଲ ହସ୍‌ପିଟାଲକୁ କୋଭିଡ଼ ହସ୍ପିଟାଲରେ ପରିଣତ କରିବା ପାଇଁ ବିଧାୟକ ତାରା ପ୍ରସାଦ ବାହୀନିପତି ଗତ ତା ୧୬.୫.୨୦୨୧ ରିଖ ଚିଠି ସଂଖ୍ୟା ୧୩/୨୦୨୧ରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ ଲେଖବ ଜଣେଇଥିଲେ । ଏହା ପରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଓଡ଼ିଶା ତରଫରୁ ୨୨.୫.୨୦୨୧ରିଖ ଚିଠି ସଂଖ୍ୟା - ପିଟି୨-ଏଚଏଫଡ଼ବ୍ଲୁ-ଏମଇ୧୧-ଏମଆଇଏସର୍ସି-୦୧୦୨/୨୦୨୦/୧୫୩୭୧ରେ ଗ୍ଲୋକାଲ ହସ୍ପିଟାଲକୁ କୋଭିଡ଼ ହସ୍ପିଟାଲ କରିବାକ ପାଇଁ ଅନୁମୋଦନ ଦିଆଗଲା । ଓଡ଼ିଶାର ମୁଖ୍ୟ ଶାସନ ସଚବ ସୁରେଶ ଚନ୍ଦ୍ର ମହାପାତ୍ର ଓ ଅତିରିକ୍ତ ଶାସନ ସଚିବ/ସ୍ୱାସ୍ଥ୍ୟ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର କ୍ଲୋକାଲ ହସ୍ପିଟାଲକୁ ତଦାରଖ କରିବା ପାଁ କୋରାପୁଟ ଗସ୍ତରେ ଆସିଥିଲେ । ସେଇ ସୌଜନ୍ୟ ମୂଳକ ସାକ୍ଷାତକାରରେ କୋରାପୁଟ ସ୍ଥିତ ଡାକତରଖାନା ବିଷୟରେ ଆଲୋଚନା ହୋଇଥିଲା । ଏହି ଆଲୋଚନାରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଥିଲେ ଜୟପୁର ଅଂଚଳରେ ଟୀକାକରଣ ଉପରେ ପ୍ରାଧାନ୍ୟ ଦିଆଯିବ । ଆଜି ପ୍ରାରମ୍ଭିକ କାର୍ଯ୍ୟରେ କ୍ଲୋକାଲ ହସ୍ପିଟାଲକୁ କୋଭିଡ଼ ହସ୍ପିଟାଲରେ ପରିଣତ କରାଯିବ ବୋଲି କହିଥିଲେ ଏବଂ ଜୟପୁରବାସୀଙ୍କ ପାଇଁ ସମସ୍ତ ଉନ୍ନତିମୂଳକ କାର୍ଯ୍ୟ ପାଇଁ ମଧ୍ୟ ଆଲୋଚନା କରାଯାଇଥିଲା । ତାରାପ୍ରସାଦ ବାହୀନିପତି ଗ୍ଲୋକାଲ ହସ୍ପିଟାଲ ପହଂଚି ସ୍ଥିତି ପରଖିଲେ ଏବଂ ଯୁଦ୍ଧକାଳୀନ ଭିତିରେ କାର୍ଯ୍ୟ ସମାପ୍ତ କରି ହସ୍ପିଟାଲ ଚାଲୁ କରିଥିବାରୁ ମୁଖ୍ୟ ଶାସନ ସଚିବ, ଅତିରିକ୍ତ ମୁଖ୍ୟ ଶାସନ ସଚିବ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ କୋରାପୁଟ ଜିଲ୍ଲା ପ୍ରଶାସନକୁ ଧନ୍ୟବାଦ ଜ୍ଞାପନ କରିଛନ୍ତି । ଏହା ସହିତ ଗ୍ଲୋକାଲ ହସ୍ପିଟାଲର ଡାକ୍ତର, ସେବିକା ଏବଂ କର୍ମଚାରୀ ରୋଗୀଙ୍କୁ ଉତମ ସେବା ଯୋଗାଇଦେବା ନିମନ୍ତେ ନିବେଦନ କରିଛନ୍ତି ।

# ରାସ୍ତା ଉପରେ ଜମି ରହିଛି ଡ୍ରେନ୍ ପାଣି

କେନ୍ଦ୍ରାପଡ଼ା,୩/୬ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ୨୧ନଂ ୱାର୍ଡ କଜଳା ଗ୍ରାମର ଏକ ରାସ୍ତାରେ ୬ ମାସ ହେଲା ଡ୍ରେନ୍ ପାଣି ଜମି ରହି ଦୁର୍ଗନ୍ଧ ହେଉଥିବା ଜଣାପଡିଛି । କଜଳା ଗ୍ରାମର ମୁଖ୍ୟ ରାସ୍ତାରୁ ଭିତରକୁ ଯାଇଥିବା ଗ୍ରାମ ରାସ୍ତା ଉପରେ ଡ୍ରେନ୍ ପାଣି ନିଷ୍କାସନ ହୋଇ ନପାରୁ ଥିବାରୁ ଏହି ପାଣି ଜମାହୋଇ ରହି ଦୁର୍ଗନ୍ଧ ହେବାରୁ ସ୍ଥାନୀୟ ଲୋକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏଥି ସହିତ ମଶା, ମାଛି ଓ ଅନ୍ୟାନ୍ୟ କୀଟ ମାନଙ୍କର ପାର୍ଦୁର୍ଭାବ ବଢିବାରେ ଲାଗିଛି । ତୁରନ୍ତ ଡ୍ରେନ୍ ପାଣି ନିଷ୍କାସନ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି ।

# କୋଭିଡ଼୍ କେୟାର ସେଂଟର ପରିଦର୍ଶନ କଲେ ଜିଲ୍ଲାପାଳ

ପୁରୀ,୩/୬ (ନି.ପ୍ର): ପୁରୀ ଜିଲ୍ଲାପାଳ ସମର୍ଥ ବର୍ମା ଆଜି ବାଲିଗୁଆଳି ଠାରେ ଥିବା କୋଭିଡ଼୍ କେୟାର ସେଂଟର ପରିଦର୍ଶନ କରିଛନ୍ତି । ଶ୍ରୀଜଗନ୍ନାଥ ମେଡ଼ିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଏହି କୋଭିଡ଼୍ କେୟାର ସେଂଟର କରାଯାଇଛି । ଜିଲ୍ଲାପାଳ ଏହି ଗସ୍ତ ସମୟରେ ସେଠାରେ ଦାୟୀତ୍ୱରେ ଥିବା ଡ଼ାକ୍ତର, ସ୍ୱାସ୍ଥ୍ୟକର୍ମୀ ମାନେ ରୋଗୀମାନଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇ ଦେବା ଓ ଠିକ୍ ସମୟରେ ଅକ୍ସିଜେନ ଦେବା ପାଇଁ ପରାମର୍ଶ ଦେଇଥିଲେ ।

ଏଥି ସହିତ ଜିଲ୍ଲାପାଳ ପୁରୀ ସହରର ପୁରୁଣା ଜେଲ୍ ରୋଡ଼ ନିକଟରେ ଥିବା ଭକ୍ତ ନିବାସ ପରିଦର୍ଶନ କରିଥିଲେ । ଏହି ନିର୍ମାଣକୁ କାର୍ତିକ ମାସ ସୁଦ୍ଧା ଶେଷ କରିବା ପାଇଁ ଠିକାଦାରଙ୍କୁ ପରାମର୍ଶ ଦେଇଥିଲେ । ଏହା ପରେ ଜିଲ୍ଲାପାଳ ରଥଖଳାକୁ ଯାଇ ରଥ ନିର୍ମାଣର ଅଗ୍ରଗତି ଓ ଆସନ୍ତାକାଲି ଶ୍ରୀକ୍ଷେତ୍ର ଭଉଁରୀ ଉପଲକ୍ଷେ ଚକା ଡେରା ନୀତି ସମ୍ପର୍କରେ ବୁଝିଥିଲେ ।

# ୩ଜଣ କରୋନା ଅନାଥଙ୍କୁ ମିଳିବ ମଧୁବାବୁ ପେନ୍‌ସନ

କେନ୍ଦ୍ରାପଡ଼ା,୩/୬ (ନି.ପ୍ର): କୋଭିଡ-୧୯ କରୋନା ମହାମାରୀରେ ପିତାମାତାଙ୍କୁ ହରାଇଥିବା ୩ଜଣ ଅନାଥ ସନ୍ତାନଙ୍କୁ ମଧୁବାବୁ ପେନଶନ ଯୋଜନାରେ ସାମିଲ କରାଯିବ । ରାଜ୍ୟ ସରକାର ଏନେଇ ନିଷ୍ପତି ଗ୍ରହଣ କରିବା ପରେ କରୋନାର ଶିକାର ହୋଇ ଅନାଥ ହୋଇଥିବା ପିଲାମାନଙ୍କ ଏକ ତାଲିକା ପ୍ରକାଶ କରିଛନ୍ତି । ସେଥିରେ କେନ୍ଦ୍ରାପଡା ଜିଲ୍ଲା ଆଳି ବ୍ଲକ ଅନ୍ତର୍ଗତ ମାଣିକପାଟଣା ଗ୍ରାମର କିଶୋର ରଥ ଆନ୍ଧ୍ରରେ କାମ କରୁଥିବା ବେଳେ କରୋନାରେ ଶିକାର ହୋଇ ମୃତ୍ୟୁ ବରଣ କରିଥିଲେ । ଅପରପକ୍ଷରେ ତାଙ୍କ ପତ୍ନୀ ସତ୍ୟପ୍ରିୟା ରଥ ମଧ୍ୟ କରୋନାରେ ସଂକ୍ରମିତ ହୋଇ କେନ୍ଦ୍ରାପଡାରେ ଚିକିତ୍ସିତ ହେବା ସମୟରେ ମୃତ୍ୟୁ ବରଣ କରିଥିଲେ । ତେବେ ତାଙ୍କର ୩ଟି ନାବାଳକ ସନ୍ତାନ ବଡ ଝିଅ ସୁପ୍ରିୟା ରଥ(୧୩), ସାନ ଝିଅ ଶୁଭପ୍ରିୟା ରଥ(୧୧) ଓ ସବାସାନ ପୁଅ ଶୁଭମ ସ୍ମୃତିପ୍ରିୟ ରଥ(୭)ବର୍ଷର ୩ଟି ସନ୍ତାନ ଅଛନ୍ତି । ଖବର ପାଇ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଓ ଶିଶୁ ସୁରକ୍ଷା ଅଧିକାରୀ ପ୍ରଭାସ ଦାସ ଏହି ପିଲାମାନଙ୍କ ପାଖରେ ପହଁଚି ପେନଶନ ସମ୍ବନ୍ଧୀୟ କାଗଜ ପ୍ରସ୍ତୁତ କରିବା ସହ ଖୁବ ଶିଘ୍ର ତାଙ୍କୁ ସରକାରଙ୍କ ପକ୍ଷରୁ ସହାୟତା ପ୍ରଦାନ କରାଯିବ ବୋଲି ସୂଚନା ଦେଇଛନ୍ତି ।

# ଉପ ଜିଲ୍ଲାପାଳଙ୍କ କୋଭିଡ କେୟାର ସେଂଟର ପରିଦର୍ଶନ

## ମୁରୁଗାରେ ଗୋଟିଏ ଦିନରେ ୧୨୩ ସଂକ୍ରମିତ ଚିହ୍ନଟ, ସପ୍ତାହକ ପାଇଁ କଂଟେନମେଂଟ ଜୋନ ଘୋଷଣା

ଭୁବନ,୩/୬ (ନି.ପ୍ର): ଭୁବନ ବ୍ଲକ ଅନ୍ତର୍ଗତ ଗଡନୃସିଂହପ୍ରସାଦ ପଂଚାୟତର ମୁରୁଗା ଗ୍ରାମରେ ଗୋଟିଏ ଦିନରେ ୧୨୩ ଜଣ ସଂକ୍ରମିତ ବ୍ୟକ୍ତି ଚିହ୍ନଟ ହେବା ଜିଲ୍ଲା ପ୍ରଶାସନ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି । ଏଥିସକାଶେ କାମାକ୍ଷାନଗର ଉପ ଜିଲ୍ଲାପାଳ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ ଆଜି ଦିନିକିଆ ଭୁବନ ଗସ୍ତରେ ଆସି ଏହି ବ୍ଲକ ଅନ୍ତର୍ଗତ ଗଡନୃସିଂପ୍ରସାଦ ପଳାସପିଠିଆ ଗୋଡା ସ୍ଥିତ ପଂଚାୟତିରାଜ ଉଚ୍ଚ ବିଦ୍ୟାଳୟରେ ଚାଲିଥିବା କୋଭିଡ କେୟାର ସେଣ୍ଟର ପରିଦର୍ଶନ କରି ରୋଗୀଙ୍କ ଖାଦ୍ୟପାନୀୟ,ଔଷଧ ଯୋଗାଣ ସମ୍ପର୍କରେ ପଚାରି ବୁଝିଥିଲେ । ଡେଙ୍ଗାବାହାଳି ଗ୍ରାମର ଦୁଇଭାଇଙ୍କ ମୃତ୍ୟୁ ପରେ ପୁରୁଷ ଶୂନ୍ୟ ହୋଇ ପଡିଥିବା ପରିବାର ସଦସ୍ୟଙ୍କୁ ଅଣାଯାଇ କୋଭିଡ କେୟାର ସେଂଟରରେ ରଖାଯିବା ସହ ସମସ୍ତ ସହାୟତା ପ୍ରଦାନ ପାଇଁ ସାନ୍ତ୍ୱନା ଦେଇଥିଲେ । ମୁରୁଗା ଗ୍ରାମରେ ଗୋଟିଏ ଦିନରେ ୧୨୩ ଜଣ କରୋନା ପଜିଟିଭ ରୋଗୀ ଚିହ୍ନଟ ହେବା ପରେ ସମଗ୍ର ଗ୍ରାମକୁ ବିଶୋଧନ କରାଯିବା ସହିତ ସପ୍ତାହକ ପାଇଁ କଣ୍ଟେନମେଣ୍ଟ ଜୋନ ଘୋଷଣା କରିଥିଲେ । ମେଡିକାଲ ଟିମ୍‌ଙ୍କ ଦ୍ୱାରା କୋଭିଡ ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ଦିଆଯାଇଥିଲା । ସମସ୍ତ ଗ୍ରାମବାସୀ ହୋମ ଆଇସୋଲେସନରେ ରହିବାକୁ କୁହାଯାଇଥଲା ବଳକା ଲୋକଙ୍କର ଆସନ୍ତାକାଲି ସ୍ୱାବ ଟେଷ୍ଟ ହେବ । ପରେ ଧଳପଡା, ବଡକାଠିଆ ଗ୍ରାମ ଗସ୍ତ କରିଥିଲେ । ବିଡିଓ ଆଶୀର୍ବାଦ ପରିଡା, ତହସିଲଦାର ପ୍ରଭାସ କୁମାର ବେହୁରା, ସରପଂଚ ତପନ କଅଁର, ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଆକାଉଂଟସ ମ୍ୟାନେଜର ଦିଲ୍ଲୀପ କୁମାର ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ।

# ଜନଜାତି ଅଧ୍ୟୁଷିତ ଅଂଚଳରେ କରୋନା ସଚେତନତା ପାଇଁ ଗଡିଲା ସଚେତନତା ରଥ

କେନ୍ଦୁଝର ,୩/୬ (ନି.ପ୍ର): ବିଶ୍ୱ ମହାମାରୀ କରୋନା ସଂପର୍କରେ କେନ୍ଦୁଝର ଜିଲ୍ଲାର ଜନଜାତି ଅଧ୍ୟୁଷିତ ଅଂଚଳରେ ଜନ ସଚେତନତା ସୃଷ୍ଟି ପାଇଁ ଗଡିଛି ସଚେତନତା ରଥ। ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, କେନ୍ଦୁଝର ଅଧିନସ୍ଥ ୭ଟି ବ୍ଲକରେ ଏହି ରଥ ପରିକ୍ରମା କରି କିପରି ମହାମାରୀ କରୋନା ସଂକ୍ରମଣର ମୁକାବିଲା କରାଯାଇପାରିବ ସେ ସଂପର୍କରେ ଜନ ସଚେତନତା ସୃଷ୍ଟି କରାଯିବ। ଚଳିତ ଜୁନ୍ ୨ ତାରିଖ ବୁଧବାର ଦିନ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ବିଜନ କୁମାର ଥମ୍ବ ପତାକା ଦେଖାଇ ରଥର ଶୁଭାରମ୍ଭ କରିଥିଲେ। ସ୍ୱତନ୍ତ୍ର ଅଧିକାରୀ ସଞ୍ଜୁ ଦାଶ, ସେକ୍ସନ ଅଫିସର ଜଗବନ୍ଧୁ ରାଉତ, ଆଇଟିଡିଏ କେନ୍ଦୁଝରର କର୍ମଚାରୀ, ଓଟିଇଏଲ୍‌ପି ପ୍ଲସର ପ୍ରୋଗ୍ରାମ ଅଫିସର ସିଦ୍ଧେଶ୍ୱର ପଟ୍ଟନାୟକ ପ୍ରମୁଖ ଉକ୍ତ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ ଯେ, ଏହି ସଚେତନତା ରଥ କେନ୍ଦୁଝର ଆଇଟିଡିଏ ଅନ୍ତର୍ଗତ କେନ୍ଦୁଝର, ପାଟଣା, ସାହାରପଡା, ଘଟଗାଁ, ହରିଚନ୍ଦନପୁର, ତେଲକୋଇ ଓ ବାଂଶପାଳ ବ୍ଲକର ଜନଜାତି ଅଧ୍ୟୁଷିତ ଗ୍ରାମ ମାନଙ୍କରେ କରୋନା ସଂପର୍କରେ ସଚେତନତା ସୃଷ୍ଟି କରିବ। ଏହାଦ୍ୱାରା ଜନଜାତି ବର୍ଗର ଜନସାଧାରଣ କିପରି ଭୟଙ୍କର କରୋନା ସଂକ୍ରମଣକୁ ପ୍ରତିହତ କରିପାରିବେ ଏବଂ ଟୀକାକରଣ କାର୍ଯ୍ୟକ୍ରମ ସଂପର୍କରେ ଅବଗତ ହେବେ ସେ ସଂପର୍କରେ ସଚେତନ ହୋଇ ପାରିବେ ସେ ଦିଗରେ ଅଧିକ ଦୃଷ୍ଟି ଦିଆଯିବ ବୋଲି ପ୍ରକଳ୍ପ ପ୍ରଶାସକ ଶ୍ରୀ ଥମ୍ବ ପ୍ରକାଶ କରିଛନ୍ତି।

# କନ୍ଧମାଳ ଜିଲ୍ଲାରେ ଦେଶୀ ଓ କଲମି ଆମ୍ବ ପ୍ରବଳ

## ଖାଇବାଠାରୁ ନଷ୍ଟ ହେଉଛି ଅଧିକ: ଆମ୍ବ ଜୁସ୍ ଓ ଜେଲି ପ୍ରସ୍ତୁତ ପାଇଁ ଶିଳ୍ପ ଆବଶ୍ୟକ

କନ୍ଧମାଳ,୩/୬ (ନି.ପ୍ର): ଜଙ୍ଗଲ ଭରା କନ୍ଧମାଳ ଜିଲ୍ଲାରେ ଅଧିକାଂଶ ଅଂଚଳରେ ପୂର୍ବରୁ ହିଁ ବିଭିନ୍ନ କିସମର ଦେଶୀ ଆମ୍ବ ଗଛ ଭରପୁର ହୋଇ ରହିଛି । ତେଣୁ ଆମ୍ବ ଋତୁ ଆସିଲେ ସମଗ୍ର ଜିଲ୍ଲାରେ ପ୍ରବଳ ଆମ୍ବ ହେବାର ଦେଖାଯାଏ । ଏଥିରୁ ବଛାବଛା ମିଠା କିଶମର ଆମ୍ବ ଗୁଡିକୁ ବାଛି ବାଛି ଜିଲ୍ଲାର ଗ୍ରାମାଂଚଳର ଲୋକେ ଏହାକୁ ସଂଗ୍ରହ କରି ଫୁଲବାଣୀ, ବାଲିଗୁଡା ଭଳି ଜିଲ୍ଲାର ବିଭିନ୍ନ ଅଂଚଳର ବଜାର ମାନଙ୍କରେ ଅତି କମ ଦରରେ ବିକ୍ରି କରିଥାଆନ୍ତି । କାରଣ ଏହି ଠୁରି ଆମ୍ବର ଚାହିଦା କମ ଥିବାରୁ ଏହାକୁ ସେମାନେ କିଲୋ ୧୦ ରୁ ୧୫ ଟଙ୍କା ଦରରେ ବିକ୍ରି କରିଥାଆନ୍ତି ସେଥିପାଇଁ ସେଥିରୁ ସେମାନଙ୍କର ଗାଡି ଭଡା ମାଧ୍ୟ ବାହାରିବା କଷ୍ଟକର ହୋଇଥଏ । ଲୋକମାନେ ମଧ୍ୟ ବର୍ଷକୁ ଥରେ ଏହାକୁ ନୁଆ ଫଳ ଭାବରେ ଥରେ କିମ୍ବା ଦୁଇଥର କିଣି ଖାଇଥାଆନ୍ତି । ତେଣୁ ଜିଲ୍ଲାରେ ଆମ୍ବ ସିଜନରେ ଫଳୁଥିବା ସମସ୍ତ ଆମ୍ବର ମାତ୍ର ୨୫ ପ୍ରତିଶତ ଆମ୍ବ ଲୋକେ କିଣି ଖାଇ ଥାଆନ୍ତି । ବଳକା ଆମ୍ବ ସବୁ ଗଛ ତଳେହିଁ ପଡି ନଷ୍ଟ ହୋଇଥାଏ । ଏପରିକି ଜିଲ୍ଲାରେ ଥିବା ଲୋକଙ୍କ ବାଡିର ଆମ୍ବକୁ ସେମାନେ ତୋଳିବାକୁ ମଧ୍ୟ ଚାହାନ୍ତି ନାହିଁ । କାରଣ ଏହାର ଉଚିତ ମୁଲ୍ୟ ସେମାନଙ୍କୁ ମିଳେ ନାହିଁ । ଯାହାଦ୍ୱାରା ପ୍ରତି ବର୍ଷ ହଜାର ହଜାର ଟନ ଆମ୍ବ ଗଛ ତଳେ ପଡି ନଷ୍ଟ ହୋଇଥାଏ । ଅନ୍ୟ ପକ୍ଷରେ ଜିଲ୍ଲାରେ ଉଦ୍ୟାନକୃଷି ବିଭାଗ ଦ୍ୱାରା ବିଭିନ୍ନ ଯୋଜନା ମାଧ୍ୟମରେ ଲୋକଙ୍କୁ ବିଭିନ୍ନ କିଶମର ବିଦେଶୀ ଏବଂ ମିଠା ଆମ୍ବ ଚାଷ ପାଇଁ ଚାରା ସମେତ ଗଛକୁ ବଢାଇବାକୁ ବିଭିନ୍ନ ପ୍ରକାରର ମାଧ୍ୟମରେ ସହାୟତା ମଧ୍ୟ ପ୍ରଦାନ କରାଯାଇଛି । କିଛି ବର୍ଷ ହେଲା ସେହି ଯୋଜନାରେ ଗଛ ଲଗାଇଥିବା ଚାଷି ମାନଙ୍କର ବଗିଚାରେ ଉନ୍ନତ କିଶମର ପ୍ରଚୁର ପରିମାଣର ଆମ୍ବ ମଧ୍ୟ ଫଳିବାରେ ଲାଗିଲାଣି । ସେହି ଗୁଡିକର ଚାହିଦା ରହିଥିଲେ ମଧ୍ୟ ଉତମ ବଜାର ବ୍ୟବସ୍ଥା ନ ଥିବାରୁ ସେହି ଆମ୍ବ ସବୁକୁ ବଗିଚାର ମାଲିକ ମାନେ କୋଭିଡ କଟକଣା ଯୋଗୁଁ ବାହାରକୁ ପଠାଇବାରେ ଅସଫଳ ହେବା ସହିତ ଅତି କମ ଦରରେ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି । ଅନ୍ୟ ପକ୍ଷରେ ଫଳ ବ୍ୟବସାୟୀ ମାନେ ବାହାରୁ କାର୍ବାଇଟ ଦ୍ୱାରା ପଚା ଯାଇଥିବା ଆମ୍ବ ଗୁଡିକୁ ୮୦ ରୁ ଶହେ ଟଙ୍କା ଦରରେ ବିକ୍ରି କରୁଥିବାବେଳେ ଜିଲ୍ଲାରେ ଫଳୁଥିବା ଅତି ଉନ୍ନତ କିଶମର ଆମ୍ବକୁ ଚାଷିମାନଙ୍କୁ ୨୦ ରୁ ୩୦ ଟଙ୍କା କିଲୋ ଦରରେ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି । ସରକାରଙ୍କ ତରଫରୁ ଏହି ସବୁ ଆମ୍ବର ବିକ୍ରି ପାଇଁ ବଜାର ବ୍ୟବସ୍ଥା କରିବା , ଆମ୍ବ ଜୁସ୍,ଜେଲି,ଆଚାର,ଆମ୍ବସଢା ଭଳି ବିଭିନ୍ନ ଆମ୍ବରୁ ତିଆରି ହେଉଥିବା ଖାଦ୍ୟ ପଦାର୍ଥ ତିଆରି କରିବାକୁ କୌଣସି ଶୀଳ୍ପଦ୍ୟୋଗୀଙ୍କୁ ପ୍ରୋତ୍ସାହିତ କଲେ କିମ୍ବା ଏହିସବୁ ଜିନିଷର ପ୍ରସ୍ତୁତ କରୁଥିବା କୌଣସି ଶିଳ୍ପ ସହିତ ସେମାନଙ୍କ ସହିତ ଯୋଗାଯୋଗ କରାଇଦେଲେ ସେମାନଙ୍କ ଏହି ପ୍ରକଳ୍ପ ଜରିଆରେ ସେମାନେ ଲାଭବାନ ହୋଇପାରନ୍ତେ ବୋଲି କହିଛନ୍ତି । ଏହାସହିତ ଜିଲ୍ଲାରେ ପ୍ରତି ବର୍ଷ ନଷ୍ଟ ହେଉଥିବା ଦେଶୀ ଆମ୍ବ ଗୁଡିକର ମଧ୍ୟ ସଠିକ ବ୍ୟବହାର ହେବା ସହିତ ଜିଲ୍ଲାର ଗ୍ରାମାଂଚଳର ଲୋକେ ଏହାକୁ ବିକ୍ରି କରି ଭଲ ରୋଜଗାର ମଧ୍ୟ କରିପାରନ୍ତେ ବୋଲି କହିଛନ୍ତି ଆମ୍ବ ଚାଷିମାନେ ।

# ଭାରତୀୟ ଜନତା ପାର୍ଟି ତରଫରୁ ରକ୍ତଦାନ ଶିବିରି: ୫୮ ୟୁନିଟ ସଂଗ୍ରହ

କେନ୍ଦ୍ରାପଡ଼ା,୩/୬ (ନି.ପ୍ର): ଭାରତୀୟ ଜନତା ପାର୍ଟି କେନ୍ଦ୍ରାପଡା ଶାଖା ତରଫରୁ ଏକ ରକ୍ତଦାନ ଶିବିର ବୁଧବାର ଗରାପୁର ସ୍ଥିତ ଗୁରୁକୁଳ ଆବାସିକ ଶିକ୍ଷା ନିକେତନ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଭାରତର ଲୋକପ୍ରିୟ ପ୍ରଧାନମନ୍ତ୍ରୀ ନରନ୍ଦ୍ରେ ମୋଦୀଙ୍କ ନେତୃତ୍ୱରେ କେନ୍ଦ୍ରରେ ବିଜେପି ଶାସନର ୭ବର୍ଷ ପୂର୍ତି ଉପଲକ୍ଷେ ଏହି ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା । ଜିଲ୍ଲା ବିଜେପି ସଭାପତି କିଶୋର କୁମାର ପଣ୍ଡା ଏହି ରକ୍ତଦାନ ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଜିଲ୍ଲା କମିଟିର ସଦସ୍ୟ ମାନେ ୫୮ ୟୁନିଟ୍ ରକ୍ତ ସଂଗ୍ରହ କରିଥିଲେ । କରୋନା ମହାମାରୀ ସମୟରେ ରକ୍ତର ଅତ୍ୟନ୍ତ ଆବଶ୍ୟକ ଥିବାରୁ ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରାଯାଇଛି । ଏହି ରକ୍ତଦାନ ଶିବିର କାର୍ଯ୍ୟକ୍ରମରେ ସୁନାକର ବେହେରା, ଉପ ସଭାପତି ଉପିନ ରାଉତ, ସାଧାରଣ ସଂପାଦକ ଅଭିମନ୍ୟୁ ଗୋଛାୟତ,କୃଷ୍ଣଚନ୍ଦ୍ର ପଣ୍ଡା,ଶଶାଙ୍କ ସେଖର ସେଠୀ, ଅମିତାବ ସୁଆର, ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରିୟଦର୍ଶିନୀ ନନ୍ଦ, ରଞ୍ଜିତ ଆଚାର୍ଯ୍ୟ, ସେକ ବୁରହାନ ଅଲ୍ଲୀ ପ୍ରମୁଖ ସହାୟତା କରିଥିଲେ ।

# କଣାସ ବ୍ଲକରେ କରୋନା ପଜେଟିଭ ସଂଖ୍ୟା ୭୨୧ରେ ପହଂଚିଲା

କଣାସ,୩/୬ (ନି.ପ୍ର): ପୁରୀ ଜିଲ୍ଲା କଣାସ ବ୍ଲକରେ ନୂଆ ୨୪ ଜଣ କରୋନା ପଜେଟିଭି ଚିହ୍ନଟ ହୋଇଥିବା କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସୂତ୍ରରୁ ପ୍ରକାଶ । ନୂଆ ଚିହ୍ନଟ ଏହି ଆକ୍ରାନ୍ତ ମାନଙ୍କ ମଧ୍ୟରେ ଅଁଳାଯୋଡି ଗ୍ରାମରୁ ଜଣେ, ବଡଓରା ୧, କଖାରୁବସ୍ତ ୧, ଗଡବଳଭଦ୍ରପୁର ୧, ଚୁପୁରିଙ୍ଗି ୧, ଦିବ୍ୟସିଂହପୁର ୧, ଦୋଛିଆଁ ୧, ତେନ୍ତୁଳିମୂଳ ୧, ଗଡସାହି ୩, ମର୍ଦ୍ଧାପଲ୍ଲୀ ୩, କଉଡିଖଣି ୧, ତୁଳସୀପୁର ୧, ଗଡମାଟିଆପଡା ୨, ପଣିଆପଡା ୧, ନୂଆପଡା ୧, କଣ୍ଟପଡା ୧, ରାଣୀପଡା ୧, ଡେଲାଙ୍ଗ ଚାରିପଡାରୁ ଜଣେ ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଗୁରୁତର ଆକ୍ରାନ୍ତ ମାନଙ୍କୁ କୋଭିଡ଼୍ ହସ୍ପିଟାଲରେ ଭର୍ତି କରାଯାଇଥିବା ବେଳେ ସାମାନ୍ୟ ଆକ୍ରାନ୍ତ ମାନେ ନିଜ ନିଜ ବାସଗୃହରେ ହୋମ୍ କ୍ୱାରେଂଟାଇନରେ ରହିଛନ୍ତି । ଏହାକୁ ମିଶାଇ କଣାସ ବ୍ଲକରେ ମୋଟ୍ ପଜିଟିଭ୍ ସଂଖ୍ୟା ୭୨୧ କୁ ବୃଦ୍ଧି ପାଇଛି । ବ୍ଲକରେ ଅଦ୍ୟାବଧି କରୋନାଜନିତ ମୃତ୍ୟୁ ସଂଖ୍ୟା ୫ ରହିଛି ।



ଦିଲ୍ଲୀପ କୁମାର ସାହୁ

# ମେରିଆ ପର୍ବ



ଗାଁର ସବୁଘର ପରିଷ୍କାର ଭାବରେ ଲିପାପୋଛା ହୋଇଥାଏ ଓ ସୁନ୍ଦର ଭାବରେ ଘରଗୁଡିକର କାନ୍ଥକୁ ରଙ୍ଗ କରାଯାଇଥାଏ । ଗାଁର ଆବାଳବୃଦ୍ଧବନିତା ରଙ୍ଗବେରଙ୍ଗର ନୂଆ ପୋଷାକ ପିନ୍ଧି ଉତ୍ସବ ପାଳନ କରିବାରେ ବ୍ୟସ୍ତ । ସେଥିପାଇଁ ଲାଗୁଥାଏ ସତେ ଯେମିତି ଚୈତ୍ରକୁ ବିଦାୟ ଦେବାପାଇଁ ବହୁ ଚର୍ଚ୍ଚିତ ନୀୟମଗିରି ପର୍ବତ ଉପରେ ଅବସ୍ଥିତ ସେହି ଡଙ୍ଗରିଆ କନ୍ଧଙ୍କ ଗାଁ ହୋଇ ଉଠିଥାଏ ବେଶ୍ ଉତ୍ସବ ମୁଖର । ସେଦିନ ସେ ଗାଁରେ ଅନୁଷ୍ଠିତ ହେଉଥିବା ଉତ୍ସବ ନାଁ ଶୁଣିଲେ ନିଶ୍ଚୟ ଭୟରେ ଦେହ ଶିହରି ଉଠିବ । ସେ ଉତ୍ସବର ନାଁ ହେଲା ମେରିଆ । ଆଉ କନ୍ଧ ମାନଙ୍କ ଭାଷାରେ ମେରିଆ ଅର୍ଥ ବଳି । ବହୁ ବର୍ଷ ପୂର୍ବେ ସେହି ପର୍ବରେ ମଣିଷ ବଳି ଦିଆଯାଉଥିଲା । ମଣିଷ ରକ୍ତ ପାଇଲେ ଧରଣୀପେନୁ ବା ମାଟି ଦେବତା ସନ୍ତୁଷ୍ଟ ହୋଇଥାନ୍ତି ଓ ଭଲ ଅମଳ ଦିଅନ୍ତିବୋଲି ସେହି ସରଳ କନ୍ଧ ଜନଜାତି ଲୋକଙ୍କ ବିଶ୍ୱାସ ଥିଲା । ସେଥିପାଇଁ ସେମାନେ ପ୍ରତିବର୍ଷ ମେରିଆ ପର୍ବ ପାଳନ ଅବସରରେ ଏକ ଅଜଣା ଅଚିହ୍ନା ଲୋକକୁ ଧରିଆଣି ନିର୍ମମ ଭାବରେ ବଳି ଦେଉଥିଲେ । ଏମିତି ଏକ ନାରକୀୟ ପରମ୍ପରାର ଉଚ୍ଛେଦ ପାଇଁ, ସେତେବେଳେ, ଆମକୁ ଶାସନ କରୁଥିବା ଇଂରେଜ ସରକାରଙ୍କୁ ବଳିଷ୍ଠ ପଦକ୍ଷେପ ନେବାକୁ ପଡିଥିଲା । ଏବେ ମଧ୍ୟ ସେହି ମେରିଆ ପର୍ବ ପାଳିତ ହେଉଛି ହେଲେ ଏଥିରେ ମଣିଷ ନୁହେଁ ମଇଁଶୀ ବଳି ଦିଆଯାଉଛି ।

ଖମ୍ବେସି ଗାଁରେ ବସିଥାଏ ରଙ୍ଗର ହାଟ । ଗାଁର ସବୁଘର ପରିଷ୍କାର ଭାବରେ ଲିପାପୋଛା ହୋଇଥାଏ ଓ ସୁନ୍ଦର ଭାବରେ ଘରଗୁଡିକର କାନ୍ଥକୁ ରଙ୍ଗ କରା ଯାଇଥାଏ । ଗାଁର ଆବାଳ ବୃଦ୍ଧବନିତା ରଙ୍ଗବେରଙ୍ଗର ନୂଆ ପୋଷାକ ପିନ୍ଧି ଉତ୍ସବ ପାଳନ କରିବାରେ ବ୍ୟସ୍ତ । ସେଥିପାଇଁ ଲାଗୁଥାଏ ସତେ ଯେମିତି ଚୈତ୍ରକୁ ବିଦାୟ ଦେବାପାଇଁ ବହୁ ଚର୍ଚ୍ଚିତ ନୀୟମଗିରି ପର୍ବତ ଉପରେ ଅବସ୍ଥିତ ସେହି ଡଙ୍ଗରିଆ କନ୍ଧଙ୍କ ଗାଁ ହୋଇ ଉଠିଥାଏ ବେଶ୍ ଉତ୍ସବ ମୁଖର । ସେଦିନ ସେ ଗାଁରେ ଅନୁଷ୍ଠିତ ହେଉଥିବା ଉତ୍ସବ ନାଁ ଶୁଣିଲେ ନିଶ୍ଚୟ ଭୟରେ ଦେହ ଶିହରି ଉଠିବ । ସେ ଉତ୍ସବର ନାଁ ହେଲା ମେରିଆ । ଆଉ କନ୍ଧ ମାନଙ୍କ ଭାଷାରେ ମେରିଆ ଅର୍ଥ ବଳି । ବହୁ ବର୍ଷ ପୂର୍ବେ ସେହି ପର୍ବରେ ମଣିଷ ବଳି ଦିଆଯାଉଥିଲା । ମଣିଷ ରକ୍ତ ପାଇଲେ ଧରଣୀପେନୁ ବା ମାଟି ଦେବତା ସନ୍ତୁଷ୍ଟ ହୋଇଥାନ୍ତି ଓ ଭଲ ଅମଳ ଦିଅନ୍ତିବୋଲି ସେହି ସରଳ କନ୍ଧ ଜନଜାତି ଲୋକଙ୍କ ବିଶ୍ୱାସ ଥିଲା । ସେଥିପାଇଁ ସେମାନେ ପ୍ରତିବର୍ଷ ମେରିଆ ପର୍ବ ପାଳନ ଅବସରରେ ଏକ ଅଜଣା ଅଚିହ୍ନା ଲୋକକୁ ଧରିଆଣି ନିର୍ମମ ଭାବରେ ବଳି ଦେଉଥିଲେ । ଏମିତି ଏକ ନାରକୀୟ ପରମ୍ପରାର ଉଚ୍ଛେଦ ପାଇଁ, ସେତେବେଳେ, ଆମକୁ ଶାସନ କରୁଥିବା ଇଂରେଜ ସରକାରଙ୍କୁ ବଳିଷ୍ଠ ପଦକ୍ଷେପ ନେବାକୁ ପଡିଥିଲା । ଏବେ ମଧ୍ୟ ସେହି ମେରିଆ ପର୍ବ ପାଳିତ ହେଉଛି ହେଲେ ଏଥିରେ ମଣିଷ ନୁହେଁ ମଇଁଶୀ ବଳି ଦିଆଯାଉଛି ।




ମେରିଆ ପର୍ବ ସବୁ ବର୍ଷ ସବୁ ଗାଁରେ ପାଳିତ ହୁଏ ନାହିଁ । ଗୋଟିଏ ଗାଁରେ ଥରେ ଏହା ପାଳିତ ହେଲେ, ଆଉଥରେ ସେ ଗାଁ ପାଳି ପଡିବା ବେଳକୁ ଦଶ ବାରବର୍ଷ ଲାଗିଯାଏ । ତେଣୁ ଏତେଦିନର ବ୍ୟବଧାନରେ ଖମ୍ବେସି ଗାଁର ପାଳି ପଡିଥିବାରୁ ଗ୍ରାମବାସୀଙ୍କ ମନରେ ଥାଏ ଅପୂର୍ବ ଉନ୍ମାଦନା । ମୋର ମଧ୍ୟ ବଡ ଭାଗ୍ୟ ଯେ ସେତେବେଳେ ମୁଁ ଭବାନୀପାଟଣାରେ ରହୁଥାଏ । ତେଣୁ କନ୍ଧ ମାନଙ୍କର ସେହି ଅନନ୍ୟ ପରମ୍ପରା ସମ୍ପର୍କରେ ଜାଣିବା ପାଇଁ କିଛି ବନ୍ଧୁ ମାନଙ୍କୁ ସାଥିରେ ନେଇ ଆମେ ବାହାରିଲୁ ସେହି ଅପୂର୍ବ ଶୋଭାସମ୍ପଦରେ ଭରା ନୀୟମଗିରି ଅଭିମୁଖେ ।

ରାୟଗଡା ଓ କଳାହାଣ୍ଡି ଜିଲ୍ଲାର ସୀମାରେ ଦଣ୍ଡାୟମାନ ନୀୟମଗିରି ପର୍ବତମାଳା ।

ସ୍ଥାନୀୟ ଭାଷାରେ ପାହାଡ ପର୍ବତକୁ ଡଙ୍ଗର କୁହାଯାଏ । ସେଥିପାଇଁ ଡଙ୍ଗର ଉପରେ ବାସକରୁଥିବା କନ୍ଧମାନଙ୍କୁ କୁହାଯାଏ ଡଙ୍ଗରିଆ କନ୍ଧ । ସେହି ଡଙ୍ଗରିଆ କନ୍ଧ ମାନଙ୍କ ଗାଁ ହେଲା ଖମ୍ବେସି । ଗାଁଟି ରାୟଗଡ଼ା ଜିଲ୍ଲାର ବିଶମକଟକ ବ୍ଲକ ଅନ୍ତର୍ଗତ କୁର୍ଲି ପଞ୍ଚାୟତରେ ଅବସ୍ଥିତ ।

ମେରିଆ ପର୍ବ ଦେଖିବା ପାଇଁ ମନ ଉଚ୍ଛନ୍ନ ହେଉଥାଏ । ଗାଡିଟିଏ କରି ଆମେ କିଛି ସାଙ୍ଗ ଭବାନୀପାଟଣାରୁ ସକାଳୁ ସକାଳୁ ବାହାରିପଡିଲୁ । ଭବାନୀପାଟଣା ସହରଠାରୁ ବିଷମକଟକର ଦୂରତା ପ୍ରାୟ ପଞ୍ଚାଅଶୀ କିଲୋମିଟର । ଦେଢଘଣ୍ଟା ଭିତରେ ଆମେ ପହଞ୍ଚିଗଲୁ ଚାଟିକଣାଠାରେ, ଯେଉଁଠି ରହିଛି ବିଷମକଟକ ରେଳ ଷ୍ଟେସନ । ଷ୍ଟେସନ ନିକଟରୁ ନଭଶ୍ଚୁମ୍ବି ନୀୟମଗିରି ସ୍ପଷ୍ଟ ଦୃଶ୍ୟମାନ ହେଉଥାଏ ଓ ସେହିଠାରୁ ପକ୍କା ରାସ୍ତାଟିଏ ଲମ୍ବି ଯାଇଥାଏ ଖମ୍ବେସି ଗାଁ ପର୍ଯ୍ୟନ୍ତ ।

ସେହି ରାସ୍ତାରେ ଆମ ଗାଡି ଚାଲିଲା । ପ୍ରାୟ କିଲୋମିଟର ଟିଏ ପରେ ଆରମ୍ଭହେଲା ଘାଟି । ଆଉ ସେହି ଘାଟି ଆରମ୍ଭରେ ଥିଲା ଏକ ଚିତାକର୍ଷକ ସ୍ଥାନ । ତେଣୁ ପର୍ବତ ଚଢିବା ଆଗରୁ ଆମେ ସେହି ସ୍ଥାନର ସୌନ୍ଦର୍ଯ୍ୟକୁ ଉପଭୋଗ କରିବାପାଇଁ କିଛି ସମୟ ଅଟକିଲୁ ।

ଘାଟି ଆରମ୍ଭ ଠାରୁ ମାତ୍ର ଦୁଇଶହ ମିଟର ଦୂରରେ ଅବସ୍ଥିତ ସେହି ରମଣୀୟ ସ୍ଥାନ । ସ୍ଥାନ ନିକଟରେ ପହଞ୍ଚିବା ପରେ ମନ ଆନନ୍ଦରେ ବିଭୋର ହୋଇଗଲା । ନୀୟମ ଗିରି ଶିଖରରୁ ଝରିଆସିଥିବା ଝରଣାଟିଏ ସେହି ସ୍ଥାନରେ ପାହାଡ ତଳକୁ ଲମ୍ଫଦେଇ କ୍ରମାନ୍ୱୟରେ ସୃଷ୍ଟି କରିଛି ତିନିଗୋଟି ଜଳ ପ୍ରପାତ । ଜଳ ପ୍ରପାତ ଗୁଡିକୁ ଅତି ନିକଟରେ ଦେଖି ମନ ଖୁସି ହୋଇଯାଉଥାଏ । ଅନେକ ପର୍ଯ୍ୟଟକ ପ୍ରପାତ ନିକଟକୁ ଯାଇ ଗାଧୋଇବାର ମଜା ଉଠାଉଥାନ୍ତି । ସେହି ପ୍ରପାତ ନିକଟରେ ପ୍ରଭୁ ପାତାଳେଶ୍ୱରଙ୍କ ମନ୍ଦିର । ପ୍ରପାତରେ ହାତ ମୁହଁ ଧୋଇ ଆମେ ମନ୍ଦିର ମଧ୍ୟରେ ପ୍ରବେଶ କଲୁ ଓ ପ୍ରଭୁଙ୍କୁ ଦର୍ଶନ କରି ତାଙ୍କ କୃପା ଭିକ୍ଷା କଲୁ । ମନ୍ଦିର ପୂଜକ ଠାରୁ ଜାଣିବାକୁ ପାଇଲୁ ଯେ ସେଠାରେ ବାରମାସରେ ତେରଯାତ୍ରା ଅନୁଷ୍ଠିତ ହୁଏ, ହେଲେ ଶ୍ରାବଣ ମାସ ସୋମବାର ମାନଙ୍କରେ ସ୍ଥାନଟି ଯେଭଳି ରଙ୍ଗମୟ ହୋଇଯାଏ ତାକୁ ଭାଷାରେ ବର୍ଣ୍ଣନା କରିବା ସମ୍ଭବ ନୁହେଁ । ବର୍ଷାଋତୁ ଯୋଗୁ ଝରଣାରେ ପ୍ରବଳ ପାଣି ଆସେ । ସେତେବେଳେ ପ୍ରପାତ ତିନୋଟିର ରୂପ ମଧ୍ୟ ଭୟଙ୍କର ଦେଖାଯାଏ । ପ୍ରପାତ ଗୁଡ଼ିକରୁ ପାଣି ତଳକୁ ବହିଯିବା ସମୟରେ ପାହାଡ ଚଟାଣରେ ବିଚ୍ଛେଇ ହୋଇଯିବା ଭଳି ଦେଖାଯାଏ । ଶହଶହ ସଂଖ୍ୟାରେ ଶ୍ରାବଣୀ ବ୍ରତଧାରୀମାନେ ସେଠାକୁ ଆସିଥାନ୍ତି । ଗେରୁଆ ରଙ୍ଗର ବସ୍ତ୍ର ପରିଧାନ କରିଥିବା ସେହି ବ୍ରତଧାରୀମାନେ ପ୍ରପାତ ଜଳରେ ସ୍ନାନ କରିବା ସମୟରେ ଯେଉଁ ରଙ୍ଗମୟ ଦୃଶ୍ୟ ସୃଷ୍ଟିହୁଏ ତାକୁ ନିଜ ଆଖିରେ ନଦେଖିଲେ ଅନୁଭବ କରିହେବ ନାହିଁ । ବ୍ରତଧାରୀମାନେ ସ୍ନାନ ସାରି ସେହି ଝରଣାର ଜଳକୁ ନେଇ ସେଠାରେ ପୂଜା ପାଉଥିବା ଦେବଦେବ ମହାଦେବ ପାତାଳେଶ୍ୱରଙ୍କଠାରେ ଲାଗି କରିଥାନ୍ତି ।

ପୂଜକଙ୍କଠାରୁ ଶ୍ରାବଣୀ ବ୍ରତର ମନୋରମ ପରିବେଶ କଥା ଶୁଣିଲୁ ଓ ମନେମନେ ସେହି ଦୃଶ୍ୟକୁ କଳ୍ପନା କରି ଆମେ ଘାଟି ରାସ୍ତାରେ ଅଗ୍ରସର ହେବାକୁ ଆରମ୍ଭ କଲୁ । ସେହିଠାରୁ ଖମ୍ବେସିର ଦୂରତା ପ୍ରାୟ ବାର କିଲୋମିଟର । ତେଣୁ



ମାତ୍ର ଅଧଘଣ୍ଟା ମଧ୍ୟରେ ଆମେ ପହଞ୍ଚି ଗଲୁ ଆମ ଲକ୍ଷ୍ୟ ସ୍ଥଳରେ । ଦୀର୍ଘ ବାରବର୍ଷ ପରେ ମେରିଆ ପର୍ବ ଆୟୋଜନ କରିଥିବା ସେହି ଡଙ୍ଗରିଆକନ୍ଧ ମାନଙ୍କ ଗାଁ ଖମ୍ବେସିରେ ।

ନୀୟମଗିରି ଶିଖରରୁ ଗଡିଆସିଥିବା ଲମ୍ବା ରାସ୍ତାର ଉଭୟପାର୍ଶ୍ୱରେ ଥିବା ଧାଡିଧାଡି ଘରକୁ ନେଇ ଖମ୍ବେସି ଗାଁ । ୨୦୧୧ମସିହା ଜନଗଣନା



ଅନୁସାରେ ଗାଁର ଲୋକସଂଖ୍ୟା୮୯୬ । ଆମ୍ବ ପଣସ ଗଛରେ ଭରପୁର ଗାଁଟିରେ ଖରାତେଜ ଜମା ବାଧୁନଥାଏ । ଗାଁ ପଛକୁ ଦିଗନ୍ତ ବିସ୍ତାରି ସପୁରୀ କ୍ଷେତ । ପାହାଡ ଉପରେ ସପୁରୀ ଚାଷ ଦେଖି ଯେତିକି ଆଶ୍ଚର୍ଯ୍ୟ ଲାଗୁଥିଲା କ୍ଷେତର ସବୁଜିମା ସେତିକି ଆନନ୍ଦ ଦେଉଥିଲା । ଏପ୍ରିଲ ମାସରୁ ଜୁନ୍ ମାସଯାଏ ପ୍ରତିଦିନ ଟ୍ରକଟ୍ରକ ସପୁରୀ ସେଠାରୁ ସାରା ରାଜ୍ୟକୁ ପଠାଯାଇଥାଏ । ସପୁରୀ ଚାଷ ଯୋଗୁ ଖମ୍ବେସି ଲୋକଙ୍କ ଆର୍ଥିକ ଅବସ୍ଥା ଭଲ । ଖମ୍ବେସିରେ ପହଞ୍ଚୁ ପହଞ୍ଚୁ ଗାଁ ର ଜଣେ ଯୁବକ ଆମକୁ ଆସି ସ୍ୱାଗତ କଲେ । ବୃତ୍ତିରେ ସେ ଜଣେ ଶିକ୍ଷକ । ତେଣୁ ତାଙ୍କଠାରୁ ମେରିଆ ପର୍ବ ସମ୍ପର୍କରେ ଜାଣିବା ଆମ ପାଇଁ ବେଶ୍ ସହଜ ହୋଇଥିଲା । ଡଙ୍ଗରିଆ କନ୍ଧମାନେ ପ୍ରକୃତିର ଉପାସକ । ସେମାନେ ମାଟି ଦେବତାଙ୍କୁ ଧରଣୀପେନୁ ଭାବରେ ପୂଜା କରନ୍ତି । ଧରଣୀପେନୁ ସନ୍ତୁଷ୍ଟ ହେଲେ ଭଲ ଫସଲ ଅମଳ ହୋଇଥାଏ । ସେହି ଧରଣୀପେନୁଙ୍କୁ ସନ୍ତୁଷ୍ଟ କରିବା ପାଇଁ ମେରିଆ ପର୍ବର ଆୟୋଜନ, ଯେଉଁଥିରେ ଆଗରୁ ନରବଳି ଦିଆଯାଉଥିଲା, ଏବେ ଦିଆଯାଉଛି ମଇଁଶୀ ବଳି । ଯେଉଁ ଗାଁରେ ମେରିଆ ପର୍ବ ଆୟୋଜନ ପାଇଁ ନିଷ୍ପତ୍ତି ନିଆଯାଏ, ସେହି ଗାଁରେ ବର୍ଷକ ଆଗରୁ ପ୍ରସ୍ତୁତି ଆରମ୍ଭ ହୋଇଯାଏ । ମେରିଆ ପର୍ବକୁ ସୁଚାରୁ ରୂପେ ଆୟୋଜନର ଦାୟିତ୍ୱ ବହନ କରନ୍ତି ଗାଁର ପୂଜକ ବା ଜାନି ଏବଂ ପୂଜା ଅର୍ଚ୍ଚନା କରୁଥିବା ମହିଳା ବା ବେଜୁଣି । ବର୍ଷକ ପୂର୍ବରୁ ଗାଁ ଲୋକ ହାଟକୁଯାଇ ଦୁଇଟି ହୃଷ୍ଟପୁଷ୍ଟ ମଇଁଷୀ କିଣି ଆଣନ୍ତି । ଗାଁରେ ପହଞ୍ଚିଲା ପରେ ମଇଁଷୀ ଦୁଇଟିକୁ ହଳଦୀ ପାଣିରେ ଗାଧୋଇ ଦିଅନ୍ତି । ବେଜୁଣୀ ସେମାନଙ୍କ ମୁହଁ ପାଖରେ ମୁଠାଏ ଚାଉଳ ଧରି ବିଭିନ୍ନ ଖାଦ୍ୟ ସାମଗ୍ରୀର ନାଁ ଉଚ୍ଚାରଣ କରନ୍ତି । ଯେଉଁ ଖାଦ୍ୟର ନାଁ ଶୁଣି ମଇଁଷୀମାନେ, ବେଜୁଣୀଙ୍କ ହାତରୁ ଚାଉଳ ଖାଇଥାନ୍ତି, ଗାଁ ଲୋକ ଧରି ନିଅନ୍ତି ଯେ ସେହି ଖାଦ୍ୟ ମଇଁଷୀମାନଙ୍କର ପ୍ରିୟ । ତେଣୁ ସାରା ବର୍ଷ ମଇଁଷୀ ଦୁଇଟିକୁ ସେହି ଖାଦ୍ୟ ଦିଆଯାଇଥାଏ । ମଇଁଶୀ ଦୁଇଟି ଗାଁରେ ନିର୍ଭୟରେ ଚରାବୁଲା କରନ୍ତି । ଫସଲ ନଷ୍ଟ କଲେବି ସେମାନଙ୍କୁ ମାରି ଗୋଡାନ୍ତି ନାହିଁ । ପର୍ବ ଦିନ ଯେତିକି ପାଖେଇ ଆସୁଥାଏ ଗାଁ ସେତିକି ଚଳଚଞ୍ଚଳ ହୋଇଉଠୁଥାଏ । ଲୋକମାନେ ଘରଦ୍ୱାର ମରାମତି ଓ ଲିପାପୋଛା କରିବା ସହିତ ଘରକୁ ରଙ୍ଗ ମଧ୍ୟ କରିଥାନ୍ତି । ମେରିଆ ବା ବଳି ନିମନ୍ତେ ଗାଁ ମଝିରେ ଥିବା ଠାକୁରାଣୀଙ୍କ ପାଖରେ ଏକ ଖୁଣ୍ଟ ପୋତାଯାଏ, ଯେଉଁଠି ଆଗରୁ ମେରିଆ ପାଇଁ ଅଣାଯାଇଥିବା ଲୋକକୁ ବାନ୍ଧି ବଳି ଦିଆଯାଉଥିଲା । ସେଠାରେ ବାଉଁଶ ତାଟି ଦିଆଯାଇ ଏକ ଅଡା ତିଆରି କରାଯାଏ । ମେରିଆ ପର୍ବ ପାଇଁ ନିର୍ଦ୍ଦିଷ୍ଟ ତିଥି ନଥାଏ । ସପ୍ତାହର ପ୍ରଥମ ଦିନ ଭାବରେ ରବିବାର ଦିନ ସେହି ପର୍ବ ପାଳନ କରାଯାଏ ଓ ଶନିବାର ଠାରୁ ଗାଁରେ ବନ୍ଧୁ ବାନ୍ଧବଙ୍କ ଭିଡ ଆରମ୍ଭ ହୋଇଯାଏ । ରବିବାରଦିନ ସକାଳ ହେଉହେଉ ପ୍ରତି ଘର ଆଗରେ ଝୋଟି ପକାଯାଏ ଓ କାନ୍ଦି ଲାଗିଥିବା ଦୁଇଟି କଦଳୀ ଗଛ ପୋତି ଦିଆଯାଏ । ମେରିଆ ଖୁଣ୍ଟ ନିକଟରେ ଶାଳପତ୍ରମାନଙ୍କରେ ହଳଦୀ ଗଣ୍ଠି ପକାଇ ରଖାଯାଏ । ହାଟରୁ କିଣା ଯାଇଥିବା ମଇଁଷୀ ଦୁଇଟିରୁ ଯେଉଁଟି ବେଶି ହୃଷ୍ଟପୁଷ୍ଟ ତାକୁ ବଳି ପାଇଁ ବଛାଯାଏ । ସେହି ମଇଁଷୀଟିକୁ ସକାଳୁ ଭଲଭାବରେ ଗାଧୋଇ ଦିଆଯାଏ ଓ ଗାଁ ସାରା ବୁଲାଯାଏ । ମଇଁଷୀଟି ଯେଉଁ ଘରପାଖକୁ ଯାଏ ସେଠାରେ ତାକୁ ସୁସ୍ୱାଦୁ ଖାଦ୍ୟ ଖାଇବାକୁ ଦିଆଯାଏ । ମଇଁଷୀଟି ଯଦି ପୋତା ଯାଇଥିବା କଦଳୀ ଗଛରୁ କଦଳୀ କାନ୍ଦିଟି ଛିଣ୍ଡାଇ ଖାଇଲା ତାହେଲେ ଆହୁରି ଭଲ ।

ଜାନି, ମଇଁଷୀ ସହିତ ବୁଲୁଥିବା ବେଳେ ବେଜୁଣୀ ଘରଘର ବୁଲି ଘରର ଇଷ୍ଟଦେବୀଙ୍କୁ ପୂଜା କରିଥାନ୍ତି । ହାତରେ କୁକୁଡ଼ାଟିଏ ଧରି ପିତୃପୁରୁଷଙ୍କୁ ଆବାହନ କରିଥାନ୍ତି । ଘରେ କୁକୁଡ଼ାକୁ ବଳି ନଦିଆଯାଇ କେବଳ ସମର୍ପଣ କରାଯାଇଥାଏ । କୁକୁଡାର ସାତଗୋଟି ପର ଆଣି ବେଜୁଣୀ ଖୋଷାରେ ଖୋଷନ୍ତି । ପରେ ସବୁ ପରକୁ ଏକାଠି କରି ମେରିଆ ଖୁଣ୍ଟରେ ଖୋଷି ଦିଅନ୍ତି ।

ମେରିଆ ପର୍ବଦିନ ଗାଁର ସବୁ ଘରେ ମାଂସ ଓ ଅନ୍ୟାନ୍ୟ ସୁସ୍ୱାଦୁ ଖାଦ୍ୟ ପ୍ରସ୍ତୁତ ହୋଇଥାଏ । ଘରଘର ମଧ୍ୟରେ ଖାଦ୍ୟ



ବଣ୍ଟାକୁଣ୍ଟ ମେରିଆ ପର୍ବର ନିଆରା ପରମ୍ପରା ଯାହାକି କନ୍ଧ ମାନଙ୍କ ଭିତରେ ଥିବା ଭାଇଚାରାକୁ ପ୍ରତିପାଦିତ କରିଥାଏ । ଆଦିବାସୀ ମାନେ ସାଧାରଣତଃ ଦଳଦଳ ହୋଇ ନାଚିଥାନ୍ତି । କିନ୍ତୁ ମେରିଆ ପର୍ବରେ ଏଥିରେ ବ୍ୟତିକ୍ରମ ଥାଏ । ଯିଏ ଯେଉଁଠି ମନହେଲା ସେଇଠି ଗୀତଗାଇ ନାଚ କରିଥାଏ । ଏମିତି ନାଚଗୀତ, ପୂଜାର୍ଚ୍ଚନା ଭିତରେ ଦିନ ଯାଇ ରାତି ଆସେ । ଆଉ ରାତି ବହଳ ହୋଇଗଲେ ଆରମ୍ଭ ହୁଏ ମେରିଆ ବା ବଳି । ଜାନି ପ୍ରଥମେ ଏକ ଧାରୁଆ ଅସ୍ତ୍ରରେ ମଇଁଶୀ ଉପରେ ଚୋଟ ପକାନ୍ତି । ତାପରେ ମଇଁଶୀଟି ଦୌଡିବାକୁ ଆରମ୍ଭ କରେ । ଲୋକମାନେ ତା ପଛରେ ଦୌଡ଼ି ଦୌଡି ତାକୁ ହାଣିଥାନ୍ତି । ହଣା ଖାଇଖାଇ ମଇଁଷୀଟିର ଜୀବ ଛାଡିଯାଏ । ଜାନି ମଇଁଶୀର ମୁଣ୍ଡଟିକୁ କାଟି ମେରିଆ ଖୁଣ୍ଟ ତଳେ ରଖିଦିଅନ୍ତି । ଅନ୍ୟମାନେ ମଇଁଷୀର ଖଣ୍ଡେଖଣ୍ଡେ ମାଂସ ନେଇ ନିଜନିଜ କ୍ଷେତରେ ଧରଣୀ ପେନୁଙ୍କୁ ସମର୍ପଣ କରନ୍ତି । ଯା ଭିତରେ ରାତି ପାହି ଯାଇଥାଏ ଓ ଶେଷ ହୋଇଥାଏ ମେରିଆ ପର୍ବ । ଶିକ୍ଷକ ଜଣକ ତାଙ୍କ ଛାତ୍ରମାନଙ୍କ ପରି ଆମକୁ ମେରିଆ ପର୍ବ କଥା ବୁଝାଉ ବୁଝାଉ ସମୟ କେତେବେଳେ ଦୁଇଟା ଉପରେ ହୋଇଗଲାଣି ଆମକୁ ଜଣା ନଥାଏ । ଶିକ୍ଷକଙ୍କ ଅନୁରୋଧ କ୍ରମେ ଆମେ ତାଙ୍କ ଘରେ ମଧ୍ୟାହ୍ନ ଭୋଜନ କଲୁ । ଭୋଜନ ସାରି ଗାଁର ଏମୁଣ୍ଡରୁ ସେମୁଣ୍ଡ ଯାଏ ବୁଲି ମେରିଆ ପର୍ବର ଆନନ୍ଦ, ଗାଁ ଲୋକେ କିପରି ଉପଭୋଗ କରୁଛନ୍ତି ଦେଖିଲୁ । ଦେଖିଲୁ ବଳି ପୂର୍ବରୁ ମଇଁଶୀଟିକୁ କିପରି ଆଦର ଯତ୍ନ କରାଯାଉଛି ଓ ବେଜୁଣୀ କିଭଳି ଘରଘର ବୁଲି ପୂଜାର୍ଚ୍ଚନା କରୁଛନ୍ତି । ଛାଇ ଲେଉଟାଣି ବେଳକୁ ମେରିଆ ଖୁଣ୍ଟ ପାଖରେ ଜୁହାର ହୋଇ ଆମେ ପ୍ରତ୍ୟାବର୍ତ୍ତନ କରିଥିଲୁ ଭବାନୀପାଟଣା ।



+ ଶଙ୍କରପୁର, ଚାରବାଟିଆ, ଚୌଦ୍ୱାର
(ମୋ) ୯୮୬୧୧୨୬୧୯୭

# ଖାଦ୍ୟ ଉପଯୋଗୀ ବାସନ

ଆମେ ବାସନରେ ଖାଦ୍ୟ ଖାଆନ୍ତି । କିନ୍ତୁ ବାସନକୁ ଖାଦ୍ୟ ଭାବେ ଖାଇବା, ଏକଥା କେବେ ଚିନ୍ତା କରିଛନ୍ତି କି ? ବିଶ୍ୱାସ ହେଉନଥିଲେ ବି କଥାଟି ସତ । ବେଙ୍ଗାଲୁରୁର ଦୁଇଜଣ ମହିଳା ଶୈଳା ଗୁରୁଦତ୍ତ ଏବଂ ଲକ୍ଷ୍ମୀ ଭୀମାଚାର ଆଇବିଏମ୍ ଭଳି ପ୍ରସିଦ୍ଧ ସଫ୍ଟୱାର କଂପାନି ଚାକିରି ଛାଡ଼ି ଏଭଳି ନିଆରା ବାସନ ପ୍ରସ୍ତୁତ କରୁଛନ୍ତି । ଖାଦ୍ୟ ଖାଇବା ପରେ ଏହି ବାସନକୁ ବିବ ଆପଣ ଖାଇପାରିବେ । ସେମାନଙ୍କ କଂପାନିର ନାମ ରହିଛି ଏଡିବଲ ପ୍ରୋ । କଂପାନିକୁ ଏଫଏସଏସଏଆଇରୁ ମଞ୍ଜୁରି ବି ମିଳିଛି । ଏହା ପରିବେଶ ଅନୁକୂଳ ଖାଦ୍ୟ ଉପଯୋଗୀ ବାସନକୁସନ ପ୍ରସ୍ତୁତ କରିଥାଏ । ସେଥିମଧ୍ୟରେ



କଣ୍ଟା ଚାମଚ, ଛୁରୀ, କପ୍, ପ୍ଲେଟ୍, ଗିନା ପ୍ରଭୃତି ସାମିଲ । ଏହାଛଡ଼ା ଆହୁରି ୮୦ରୁ ଅଧିକ ଉତ୍ପାଦ ପ୍ରସ୍ତୁତ କରାଯାଉଛି । ଏ ସଂପର୍କରେ ଲକ୍ଷ୍ମୀ ଏବଂ ଶୈଳା କହିଛନ୍ତି, 'ବିବାହ, ଜନ୍ମଦିନ, ବ୍ରତଘର ଭଳି ଉତ୍ସବମାନଙ୍କରେ ବହୁ ପରିମାଣରେ ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକ୍ ବ୍ୟବହାର ହେଉଥିବାର ଦେଖି ଆମକୁ ଏଭଳି ଉତ୍ପାଦ ପ୍ରସ୍ତୁତ କରିବାର ଆଇଡିଆ ଆସିଲା । ଖାଦ୍ୟ ଉଦ୍ୟୋଗରେ ପରିବେଶ ଅନୁକୂଳ ବିକଳ୍ପ ଆଣିବାକୁ ଆମେ ଚିନ୍ତା କଲୁ । ଆମେ ପ୍ରସ୍ତୁତ କରିଥିବା ବାସନକୁସନ ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକ୍ ଭଳି । ଫରକ ଏତିକି ଖାଦ୍ୟ ଖାଇବା ପରେ ଆପଣ ଏହାକୁ ବି ଖାଇପାରିବେ ।' ବାଜରା, ଡାଲି, ଚାଉଳ ଆଦିରୁ ସେମାନେ ବାସନକୁସନ ପ୍ରସ୍ତୁତ କରିଥାନ୍ତି । ଏହି ସବୁ ଶସ୍ୟ ସ୍ଥାନୀୟ ଚାଷୀମାନଙ୍କଠାରୁ ସିଧାସଳଖ କିଣାଯାଇଥାଏ । ସେହିଭଳି କୌଣସି ଉତ୍ପାଦରେ କୃତ୍ରିମ ରଙ୍ଗ ବ୍ୟବହାର ହୋଇନଥାଏ । ବାସନକୁ ପ୍ରସ୍ତୁତ କରିବା ଲାଗି ବିଟ୍, ଗାଜର, ପାଳଙ୍ଗ ଭଳି ପରିବାରୁ ବାହାର କରାଯାଇଥିବା ପ୍ରାକୃତିକ ରଙ୍ଗକୁ ସେମାନେ ବ୍ୟବହାର କରନ୍ତି । ନିଆରା ସ୍ୱାଦ ପାଇଁ ସେଥିରେ ଶିମଳା ଲଙ୍କାର ଅର୍କ, ଭାନିଲା, ଡାଲଚିନି, ଗୁଜରାଟି ପ୍ରଭୃତି ମିଶାଯାଇଥାଏ । ଏହି ବାସନର ଦାମ୍ ୨ଟଙ୍କାରୁ ୧୫୫ଟଙ୍କା ଯାଏ ରହିଛି । ବିବାହ, ଜନ୍ମଦିନ ଆଦି ଉତ୍ସବ ପାଇଁ ସେମାନେ ଏହି ବାସନକୁ ଅର୍ଡର ଅନୁସାରେ ଯୋଗାଉଛନ୍ତି ।

## ସ୍ୱାସ୍ଥ୍ୟ ମନ୍ତ୍ର

ହୃତ୍‌ପିଣ୍ଡର ସୁରକ୍ଷା ପାଇଁ ସ୍ନେହସାର ଓ ଶ୍ୱେତସାର କମ୍ ଏବଂ ଅଧିକ ପୁଷ୍ଟିସାର ଖାଆନ୍ତୁ । ସପ୍ତାହରେ ପାଞ୍ଚ ଦିନ ଅଧ ଘଣ୍ଟାରୁ ଏକ ଘଣ୍ଟା ଚାଲନ୍ତୁ । ଜଗିଂଠାରୁ ଚାଲିବା ଭଲ । ଓଜନ, ରକ୍ତ ଚାପ, ରକ୍ତ ଶର୍କରା ନିୟନ୍ତ୍ରଣରେ ରଖନ୍ତୁ । ଧୂମପାନ ଓ ସୁରାପାନ କରନ୍ତୁ ନାହିଁ । ନିରବ ହୃଦ୍‌ଘାତ ଅତି ମାରାତ୍ମକ । ତିରିଶ ବର୍ଷ ଟପିବା ପରେ ନିୟମିତ ବ୍ୟବଧାନରେ ରକ୍ତ ଚାପ, ରକ୍ତ ପରୀକ୍ଷା ଆଦି କରାନ୍ତୁ । ହୃତ୍‌ପିଣ୍ଡ ଜନିତ ରୋଗ ବଂଶଗତ ମଧ୍ୟ ହୋଇପାରେ । ସର୍ବଦା ଚାପଗ୍ରସ୍ତ ରହିବା ହୃତ୍‌ପିଣ୍ଡ ପାଇଁ କ୍ଷତିକାରକ । ନିମ୍ନ ରକ୍ତଚାପ ସାଧାରଣତଃ ହୃତ୍‌ପିଣ୍ଡ ରୋଗ କରାଏନାହିଁ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ସହଭାଗିତା ଆବଶ୍ୟକ...

ଦେଶରେ ଏବେ କରୋନା ସଂକ୍ରମଣ ମାତ୍ରା ହ୍ରାସ ପାଇବାରେ ଲାଗିଛି । ଏହା ଦେଶବାସୀଙ୍କୁ ଯେତିକି ଆଶ୍ୱସ୍ତ କରିଛି, ସରକାରଙ୍କ ପାଇଁ ମଧ ସେତିକି ସୁଖବର ପହଞ୍ଚାଇଛି । ଗତ ସୋମବାର ଦିନ ଦେଶରେ ୧ଲକ୍ଷ ୨୨ ହଜାର ୯୬୪ ଜଣ ନୂତନ କରୋନା ପଜିଟିଭ୍ ଚିହ୍ନଟ ହେବା ଏକ ରେକର୍ଡ ବୋଲି କୁହାଯାଇପାରେ । ଦୀର୍ଘଦିନ ପରେ ସଂକ୍ରମିତଙ୍କ ସଂଖ୍ୟା ୧ ଲକ୍ଷ ୨୫ ହଜାର ତଳକୁ ଖସିଛି । ତେବେ ଦେଶର କେତେକ ରାଜ୍ୟରେ ଏବେସୁଦ୍ଧା ଏହାର ପ୍ରକୋପ ଉଦ୍‌ବେଗଜନକ ଅବସ୍ଥାରେ ଅଛି । ସେହିସବୁ ରାଜ୍ୟ ମଧରେ ତାମିଲନାଡୁ, କର୍ଣ୍ଣାଟକ, ମହାରାଷ୍ଟ୍ର ଭଳି ରାଜ୍ୟ ରହିଛନ୍ତି । ଏହିସବୁ ରାଜ୍ୟରେ ଏବେସୁଦ୍ଧା ଦୈନିକ ନୂତନ ସଂକ୍ରମିତଙ୍କ ସଂଖ୍ୟା ନୁହେଁ, ମୃତ୍ୟୁସଂଖ୍ୟା ମଧ ଚିନ୍ତାଜନକ ସ୍ଥିତିରେ ରହିଛି । କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସୋମବାର ଦିନ ଜାରି ରିପୋର୍ଟ ଅନୁସାରେ, ସାରା ଦେଶରେ ବିଗତ ୨୪ ଘ । ଭିତରେ ୨୭୪୩ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ କେବଳ ମହାରାଷ୍ଟ୍ରରେ ୫୦୦, ତାମିଲନାଡୁରେ ୪୭୮ ଏବଂ କର୍ଣ୍ଣାଟକରେ ୪୧୧ଜଣ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିବା ଅବଶ୍ୟ ଉଦ୍‌ବେଗର କାରଣ । ତେବେ ସାମଗ୍ରିକ ଭାବେ ଦେଶରେ କରୋନାର ଦ୍ୱିତୀୟ ଲହର ଏବେ ତା'ର ଶୀର୍ଷ ଛୁଇଁବା ପରେ ତଳମୁହାଁ ହୋଇଛି ବୋଲି ସମସ୍ତଙ୍କର ହୃଦ୍‌ବୋଧ ହୋଇଛି । ଏଥିପାଇଁ ଟେଷ୍ଟିଂ, ଟ୍ରେସିଂ ଏବଂ ଟ୍ରିଟ୍‌ମେ ପଦ୍ଧତି ଅବଲମ୍ବନ ସହିତ ଲକ୍‌ଡାଉନ୍ ଘୋଷଣା ଯେ ଅନେକାଂଶରେ ଦାୟୀ ସେ କଥାକୁ ଅସ୍ୱୀକାର କରାଯାଇପାରେ । ଯେଉଁସବୁ ରାଜ୍ୟରେ କରୋନାର ସ୍ଥିତି ନିୟନ୍ତ୍ରଣକୁ ଆସିଛି ସେମାନେ ଏହି ଲକ୍‌ଡାଉନ୍ କଟକଟାକୁ କୋହଳ କରିଥିବା ବେଳେ ଅନ୍ୟ କିଛି ରାଜ୍ୟ ଏହାର ଅବଧିକୁ ଆଉ କିଛିଏ ବଢ଼ାଇଛନ୍ତି । ଲକ୍‌ଡାଉନ୍ ଯୋଗୁ ଜନ ଚଳାଚଳରେ ଲଗାଯାଇଥିବା ନିୟନ୍ତ୍ରଣ ଯେ କରୋନାକୁ କାବୁ କରିବା ଦିଗରେ ଅମୋଘ ଅସ୍ତ୍ରଭାବେ କାର୍ଯ୍ୟ କରିଛି ତାହା ସମସ୍ତେ ସ୍ୱୀକାର କରୁଛନ୍ତି । ସ୍ମରଣଯୋଗ୍ୟ ଯେ, ପ୍ରଥମ ଲହର ବେଳେ ଯେତେବେଳେ କି ଆମ ପାଖରେ ପ୍ରତିଷେଧକ ଟିକା ନଥିଲା କିମ୍ବା ଚିକିତ୍ସା ସଂସୋଧନକୁ ବ୍ୟାପକ କରାଯାଇନଥିଲା, ସେତେବେଳେ ଲକ୍‌ଡାଉନ୍ କଟକଣା ମାଧମରେ ଏହାକୁ ଆୟ କରାଯାଇପାରିଥିଲା । ଏବେ ମଧ ତାହା ଫଳପ୍ରସୂ ସାବ୍ୟସ୍ତ ହୋଇଛି । ଏହା ସ୍ତ୍ୱେ ଟିକାକରଣକୁ ଚୂଡ଼ାନ୍ତ ସାଧନ ଭାବେ ଗ୍ରହଣ କରାଯାଇପାରେ । ଦେଶରେ ଟିକାକରଣ ବ୍ୟାପକ ଭାବେ ଜାରି ରହିଛି । ଏଥିପାଇଁ କେନ୍ଦ୍ର ଓ ରାଜ୍ୟ ସରକାରମାନେ ଚଳିତ ଭାବେ ବିସ୍ତୃତ ଯୋଜନା ପ୍ରସ୍ତୁତ କରିଛନ୍ତି । ତେଣୁ ୧୪୦ କୋଟିରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ଏକ ରାଷ୍ଟ୍ରରେ ସମସ୍ତଙ୍କୁ ଟିକାକରଣ କରିବା ଯେତିକି ବ୍ୟୟବହୁଳ ସେତିକି ସମୟସାପେକ୍ଷ ମଧ । ଦେଶରେ ଆହୁରି ଅଧିକ ଟିକା ଆସିବାର ସମ୍ଭାବନା ରହିଛି । ଟିକା ଉତ୍ପାଦନ ମାତ୍ରାକୁ ମଧ ପର୍ଯ୍ୟାପ୍ତ ମାତ୍ରାରେ ବୃଦ୍ଧି କରାଯାଇଛି । ତେଣୁ ଆମେ ଯେ ତୁଳନାତ୍ମକ ଭାବେ ନିରାପଦ ସ୍ଥିତିରେ ରହିଛୁ ତାହା ନିଃସନ୍ଦେହ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସଦ୍ୟତମ ଆଶଙ୍କା ଅନୁସାରେ ଭାରତ ଅନ୍ୟ ରାଷ୍ଟ୍ରଙ୍କୁ ଟିକା ଯୋଗାଣ ହ୍ରାସ କରିବା ପରେ ବିଶ୍ୱର ପ୍ରାୟ ୯୧ଟି ରାଷ୍ଟ୍ର କରୋନାର କରାଳ କବଳକୁ ପୁଣି ଥରେ ଟାଣି ହୋଇଯିବାର ଆଶଙ୍କା ଦେଖାଦେଇଛି । କରୋନା ଭୂତାଣୁ ତା'ର ସ୍ୱରୂପକୁ ନିୟମିତ ବ୍ୟବଧାନରେ ବଦଳାଇ ଚାଲିଛି । ଏହା ଭବିଷ୍ୟତରେ କି ରୂପ ନେବ ଓ ତା'ର ସମ୍ଭାବ୍ୟ ପରିଣାମ କ'ଣ ହେବ ତାହା କେହି ନିର୍ଦ୍ଦିଷ୍ଟ ଭାବେ ଆକଳନ କରିପାରୁନାହାଁନ୍ତି । ତଥାପି ସାରା ବିଶ୍ୱ ଏହି ଅଦୃଶ୍ୟ ଭୂତାଣୁ ବିରୋଧରେ ସଂଗ୍ରାମ ଜାରି ରଖିଛି । ଟିକାକୁ ନେଇ ଏବେ ବିଶ୍ୱ ବଜାର ଚଳଚଞ୍ଚଳ ହେବାରେ ଲାଗିଛି । ଆଶ୍ୱସ୍ତିର କଥା, ଭାରତ ନିଜସ୍ୱ ଭାବେ ବିକାଶ ଘଟାଇଥିବା ଟିକା ନିଜର ଆବଶ୍ୟକତା ପୂରଣ କରିବା ସହ ବିଶ୍ୱ ପାଇଁ ମଧ ସୁଲଭ ଭାବେ ଭବିଷ୍ୟତରେ ଉପଲବ୍ଧ ହୋଇପାରିବ । ସ୍ମରଣ ରଖିବାକୁ ହେବ ଯେ, ଯେତେ ପର୍ଯ୍ୟନ୍ତ ଶେଷତମ ବ୍ୟକ୍ତି କରୋନାମୁକ୍ତ ହୋଇନାହିଁ, ସେପର୍ଯ୍ୟନ୍ତ ବିଶ୍ୱରୁ କରୋନା ଆତଙ୍କ ଲୋପ ପାଇବ ନାହିଁ । ତେଣୁ ଏହି ଲଢ଼େଇରେ ବିକଶିତ ଓ ବିକାଶଶୀଳ ଉଭୟ ବର୍ଗର ରାଷ୍ଟ୍ର କାନ୍ଧକୁ କାନ୍ଧ ମିଳାଇ କାର୍ଯ୍ୟ କରିବା ଉଚିତ୍ । ତାହାହେଲେ ଏକବିଂଶ ଶତାବ୍ଦୀରେ ମାନବ ସଭ୍ୟତା ସୁରକ୍ଷିତ ହୋଇପାରିବ ।

## ପରିଜା ସାହେବ



ଅକ୍ଷୟ କୁମାର ରାଉତ

ଯେଉଁ ବିଶ୍ୱବିଖ୍ୟାତ ବୈଜ୍ଞାନିକଗଣ ନିଜର ମହାନ୍ ଅବଦାନ ଦ୍ୱାରା ବିଜ୍ଞାନ ଜଗତକୁ ଋଦ୍ଧିମନ୍ତ କରି ମାନବ ସମାଜକୁ ବିପୁଳ ଜ୍ଞାନାଲୋକରେ ଉଦ୍ଭାସିତ କରିଯାଇଛନ୍ତି । ସେମାନଙ୍କ ମଧରେ ବାପ ମା' ଛେଉଣ୍ଡ ନିପଟ ମଫସଲ ଗାଁର ଦରିଦ୍ର ଓଡ଼ିଆ ପିଲା ପ୍ରାଣକୃଷ୍ଣ ପରିଜା ନିଜ ଗୋଡରେ ଠିଆ ହୋଇ କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟରେ ଗବେଷଣା କରି ବିଶ୍ୱବିଖ୍ୟାତ ବୈଜ୍ଞାନିକ ହେବାର ଗୌରବ ଅର୍ଜନ କରିଥିଲେ । ପ୍ରାଣକୃଷ୍ଣ ପରିଜା ଆଦିକବି ଶାରଳା ଦାସଙ୍କ ବଂଶଜ ପରିଡା ବଂଶ ସାରୋଳ ଗ୍ରାମରୁ ଯାଇ ଜଗତ୍‌ସିଂହପୁରର ଖେରସ ଓ ବାଲିକୁଦାର ଇଚ୍ଛାପୁର ଗ୍ରାମରେ ବସତି ସ୍ଥାପନ କରିଥିଲେ । କ୍ରମେ ପରିଡା ବଂଶର ଲୋକେ ପରିଜା ସାଙ୍ଗିଆରେ ପରିଚିତ ହେଲେ ।

୧୮୯୧ ମସିହା ଏପ୍ରିଲ ପହିଲା ତାରିଖ ଦିନ ପ୍ରାଣକୃଷ୍ଣ ଇଚ୍ଛାପୁର ଗ୍ରାମର ବିଶ୍ୱନାଥ ପରିଜା ଓ ଜୟନ୍ତି ପରିଜାଙ୍କ ପୁତ୍ରରୂପେ ଜନ୍ମଗ୍ରହଣ କରିଥିଲେ । ବିଶ୍ୱନାଥ ପରିଜା ପାଠ ପଢ଼ି ନଥିବାରୁ ମୟୂରଭଞ୍ଜରେ ଫରେଷ୍ଟ ଗାର୍ଡ ରୂପେ କାର୍ଯ୍ୟ କରୁଥିଲେ। ତେଣୁ ପ୍ରାଣକୃଷ୍ଣ ଗାଁ ଚାହାଳିରେ ନିଜର ପଢ଼ା ଆରମ୍ଭ କରିଥିଲେ। ଦିନଯାକ ଚାହାଳିରେ ପ୍ରାଣକୃଷ୍ଣ ପାଠ ପଢ଼ନ୍ତି ଓ ରାତିରେ ଭାଗବତ ଟୁଙ୍ଗୀରୁ ମହାଭାରତ, ରାମାୟଣ ଓ ଭାଗବତ ଶୁଣନ୍ତି । ଏହି ପୁରାଣର କାହାଣୀଗୁଡିକ ପ୍ରାଣକୃଷ୍ଣଙ୍କ ଉପରେ ବହୁତ ପ୍ରଭାବ ପକାଇଥିଲା । ଚାହାଳି ପାଠ ପଢ଼ାଶେଷ ହେବାପରେ ତାଙ୍କ ମା ପ୍ରାଣକୃଷ୍ଣଙ୍କୁ ତାଙ୍କର ଧର୍ମମଉସା ଉଦୟନାଥ ପାଖକୁ ଚାକିରି ପାଇଁ ପଠାଇଦେଲେ । ମଉସା ଉଦୟନାଥ ଜଗତ୍‌ସିଂହପୁରର ଲାଲବଂଶୀୟ ମାନଙ୍କ ଜମିଦାରୀ ଅଧିନରେ ତହସିଲଦାର ରୂପେ କାର୍ଯ୍ୟକରୁଥିଲେ । ପ୍ରାଣକୃଷ୍ଣ ଜମୀଦାରୀ କାଗଜପତ୍ର କାମସାଙ୍ଗକୁ କଚେରୀରେ କାମ ଶିଖନ୍ତି ଓ ନିଜେ ରୋଷେଇ କରିଖାଆନ୍ତି । ବାପା ମୟୁରଭଞ୍ଜରୁ ଘରକୁ ଆସି ପ୍ରାଣକୃଷ୍ଣଙ୍କୁ ୧୯୦୧ ମସିହାରେ ବାଲିକୁଦା ମାଇନର ସ୍କୁଲରେ ନାମ ଲେଖାଇ ଦେଲେ। ସେଠାରେ ପ୍ରାଣକୃଷ୍ଣ ମନ ଲଗାଇ ପାଠ ପଢ଼ିଲେ । ଏହି ସମୟରେ ତାଙ୍କର ପିତା ଆରପାରିକୁ ଚାଲିଗଲେ । ମା ଜୟନ୍ତି ଦେବୀସ୍ୱାମୀଙ୍କୁ ଝୁରିଝୁରି ଆଖି ବୁଜିଦେଲେ। ପ୍ରାଣକୃଷ୍ଣ ହୋଇଗଲେ ଅନାଥ ବାପାମା ଛେଉଣ୍ଡ ପିଲା । ତାଙ୍କବାପାଙ୍କ ଦାଦା ରଘୁନାଥ ପ୍ରାଣକୃଷ୍ଣଙ୍କ ଲାଳନପାଳନ ଓ ପାଠପଢ଼ାର ଦାୟିତ୍ୱ ନେଲେ । ପାଠ ପଢ଼ିବା ପାଇଁ ପ୍ରତିଦିନ ପ୍ରାଣକୃଷ୍ଣଙ୍କୁ ୪ ମାଇଲ ଚାଲିବାକୁ ପଡୁଥିଲା । ୧୯୦୪ ମସିହାରେ ପ୍ରାଣକୃଷ୍ଣ ମଧ ଇଂରାଜୀ ପାଠଶେଷ କରିଥିଲେ । ପରୀକ୍ଷାରେ ସାରା ଓଡିଶାରେ ପ୍ରଥମ ହୋଇ ଚାରିଟଙ୍କା ବୃତ୍ତି ପାଇଲେ । ଆଖପାଖରେ କେଉଁଠି ହାଇସ୍କୁଲ ନଥିବାରୁ ଜେଜେ ପ୍ରାଣକୃଷ୍ଣ ନାମ କଟକ ରେଭେନ୍‌ସା କଲେଜିଏଟ୍ ସ୍କୁଲର ଲେଖାଇ ଦେଲେ ।

ଗାଁରୁ କଟକ ଯିବା ଆସିବା କରିବା ପାଇଁ ସେତେବେଳ ବିଶେଷ କିଛି ସୁବିଧା ନଥିଲା । ବିଦ୍ୟାଳୟ ଛୁଟି ହେଲେ ପ୍ରାଣକୃଷ୍ଣ ପ୍ରାୟ ୩୪ ମାଇଲ ବାଟ ଚାଲିଚାଲି ଆସନ୍ତି ଓ ଯାଆନ୍ତି । ପ୍ରାଣକୃଷ୍ଣ ବାଟୋଇମାନଙ୍କ ସହିତ ରାତ୍ରିଯାପନ କରନ୍ତି ଚଟିଘରେ । ସେ ବାବଦକୁ ମାଲିକଙ୍କୁ ଛ' ପଇସା ଦିଅନ୍ତି । ଚଟିଘରେ ଯାତ୍ରାମାନେ ରୋଷେଇ କରନ୍ତି ଓ ଖିଆପିଆସାରି ଶୋଇପଡନ୍ତି । ପ୍ରାଣକୃଷ୍ଣଙ୍କ ଘରଠାରୁ ରେଭେନ୍‌ସା କଲେଜିଏଟ୍ ସ୍କୁଲ ପର୍ଯ୍ୟନ୍ତ ୬ଟି ଚଟିଘର ଥାଏ ଯାତ୍ରୀଙ୍କବିଶ୍ରାମ ନିମନ୍ତେ । ସ୍କୁଲରେ ପଢ଼ିବା ସମୟରେ ପ୍ରାଣକୃଷ୍ଣ ପ୍ୟାଣ୍ଟ୍ ବଦଳରେ ତନ୍ତବୁଣା ଖଦୀ ପିନ୍ଧିଥାନ୍ତି ଓ ଚଦରଟିଏ ବେକରେ ପକାଇ ଥାଆନ୍ତ । ବିଦ୍ୟାଳୟରେ ପ୍ରାଣକୃଷ୍ଣଙ୍କ ଏହିପରି ପରିଧାନ ନେଇ ପଣ୍ଡିତ ମହାଶୟ କହିଲେ ତୁ ଦିନେ ବଡ ମଣିଷ ହେବୁ । ଭବିଷ୍ୟତରେ ତାଙ୍କ ପଣ୍ଡିତଙ୍କ କଥା ସତରେ ପରିଣତ ହେଲା। ପତ୍ରପତ୍ରିକାରେ ପ୍ରବନ୍ଧ ଲେଖି ସେ ଚାରିଶହଟଙ୍କ ପୁରସ୍କାର ପାଇଥିଲେ । ଏହି ଟଙ୍କାର ମୂଲ୍ୟ ସେତେବେଳେ ଖୁବ୍‌ବେଶୀ । ଶେଷରେ ସେ ହାଇସ୍କୁଲ ପରୀକ୍ଷାରେ ଓଡ଼ିଶାରେ ପ୍ରଥମ ହୋଇ ପାସ୍‌କଲେ । ତେଣୁ ତାଙ୍କୁ ମାସିକ ୨୦ ଟଙ୍କା ସରକାରୀ ବୃତ୍ତି ମିଳିଲା । ରେଭେନ୍‌ସା କଲେଜରେ ସେ ଆଇ.ଏସ୍‌ସି ପାସ୍ କଲେ । ରେଭେନ୍‌ସା କଲେଜରେ ବି.ଏସ୍‌ସି. ନଥିବାରୁ କଲିକତାର ପ୍ରେସିଡେନସି କଲେଜରେ ବି.ଏସ୍‌ସି ପାଠ ପଢ଼ିଲେ । ଚଳିବା ପାଇଁ ଅର୍ଥର ଅବଶ୍ୟକତାରୁ ସେ କଲିକତାରେ ଟିଉସନ୍ କଲେ । ବି.ଏସ୍‌ସି ପାସ୍ ପରେ ଏମ.ଏସ୍‌ସି. ପଢ଼ିଲେ । ପ୍ରାଣକୃଷ୍ଣ ଏମ୍.ଏସ୍.ସି.ରେ ପାସ୍ କରିପାରିଲେ ନାହିଁ । ଏହାଥିଲା ତାଙ୍କ ଜୀବନର ପ୍ରଥମ ବିଫଳତା । ପ୍ରାଣକୃଷ୍ଣ ବିହାର - ଓଡ଼ିଶା ଛାତ୍ରବୃତି ପାଇ ବିଲାତ ପଢ଼ିବାକୁ ଗଲେ । କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟ ଅଧିନସ୍ଥ କ୍ରାଏଷ୍ଟ କଲେଜରେ ଉଦ୍ଭିଦ ବିଜ୍ଞାନ ପଢ଼ିଲେ । ଉଦ୍ଭିଦ ବିଜ୍ଞାନରେ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ପାସ୍ କରିଥିବାରୁ ତାଙ୍କ ଗବେଷଣା ପାଇଁ ଛାତ୍ରବୃତି ମିଳିଥିଲା ।

ପ୍ରାଣକୃଷ୍ଣ ଅଧ୍ୟାପକ ବ୍ଲାକ୍‌ମ୍ୟାନ୍‌ଙ୍କ ଅଧୀନରେ ଚେରିଲ ପତ୍ର ଉପରେ ଗବେଷଣା କଲେ । ଗଛର ଶ୍ୱାସକ୍ରିୟା ଉପରେ ସେ ଯେଉଁ ନୂଆତତ୍ତ୍ୱ ବାହାର କଲେ ତାହା 'ପରିଜା-ବ୍ଲାକ୍‌ମ୍ୟାନ' ଥିଓରି ଭାବେ ପରିଚିତ । ଏହା ପରେ ସେ ପୃଥିବୀର ଖ୍ୟାତନାମା ବୈଜ୍ଞାନିକ ହୋଇଗଲେ । ବିଲାତରେ ସାତବର୍ଷ କାଳ ସାହେବମାନଙ୍କ ମେଳରେ ରହି ସେମାନଙ୍କଠାରୁ ଭଲଗୁଣ ଗ୍ରହଣ କରିଥିଲେ । ଗାଁରୁ ଶିଖିଥିବା ଦୟା, କ୍ଷମା, ସରଳତା ଓ ସାଧୁତାସାଙ୍ଗରେ ବିଲାତର ଭଲଗୁଣ ଗୁଡିକ ମିଶିଯିବାରୁ ସେ ଏକ ନୂଆ ମଣିଷ ପାଲଟି ଗଲେ । ନାମହେଲା 'ପରିଜାସାହେବ' । ପରିଜାସାହେବ ରେଭେନ୍‌ସା କଲେଜରେ ଉଦ୍ଭିଦ ବିଜ୍ଞାନରେ ମୁଖ୍ୟ ଅଧ୍ୟାପକ ରୂପେ ଯୋଗଦେଲେ । ତାଙ୍କ ଚେଷ୍ଟାରୁ ରେଭେନ୍‌ସା କଲେଜର ଉଦ୍ଭିଦ ବିଜ୍ଞାନ ବିଭାଗ ସମଗ୍ର ଭାରତବର୍ଷରେ ଗବେଷଣାର କେନ୍ଦ୍ରସ୍ଥଳୀ ପାଲଟିଗଲା । ବିଭିନ୍ନ ପ୍ରକାର ଦଳ ଉପରେ ଗବେଷଣା କରି ସେ ଅନେକ ନୂଆ କଥା ବାହାର କରିଥିଲେ । ମରୁଡି, ବନ୍ୟା ଓ ଲୁଣିପାଣି ଯୋଗୁଁ ବହୁସମୟରେ ଧାନ ଫସଲ ନଷ୍ଟ ହୋଇଯାଇଥାଏ । ଧାନ ଉପରେ ଗବେଷଣା କରି ସେ ବହୁ ନୂଆ ତତ୍ତ୍ୱ ବାହାର କଲେ । ଅଳ୍ପଦିନ ମଧରେ ସେ ପ୍ରଖ୍ୟାତ ବୈଜ୍ଞାନିକ ହୋଇଗଲେ ।

ମହାନ୍ ବୈଜ୍ଞାନିକ ପରିଜା ସାହେବ ବାଲିପାଟଣା ଗାଁର ଗୌରାଙ୍ଗ ଚରଣ କାନୁନ୍‌ଗୋଙ୍କ ବଡ଼ଝିଅ ସୁନ୍ଦରମଣିଙ୍କୁ ବିବାହ କଲେ । ସୁନ୍ଦରମଣି ଅଳ୍ପ ପାଠ ପଢ଼ିଥିବାରୁ ତାଙ୍କୁ ପାଠପଢ଼ାଇ ଠିକ୍ ଓଡ଼ିଆ ଘରର ବୋହୂ ପରି ଗଢ଼ିଦେଲେ । ବାହାରକୁ ଗଲେ ପରିଜା ସାହେବ ଯାଆନ୍ତି ଠିକ୍ ସାହେବ ପରିଧାନରେ କିନ୍ତୁ ସୁନ୍ଦର ମଣି ଯାଉଥିଲେ ଖାଣ୍ଟି ଓଡ଼ିଆଣୀ ପୋଷାକ ପିନ୍ଧି । ଘରର ଚଳଣି ଓ ଖାଦ୍ୟପେୟ ଠିକ୍ ଓଡିଆର ଦହିପଖାଳ, ଶାଗ, ବଡ଼ି, କାଞ୍ଜିପାଣି, ଚକୁଳି, ପିଠା । ସେ କେବେ ନିଜଗାଁର ପାଣିପବନ ଓ ଓଡ଼ିଆର ସଂସ୍କୃତି ଓ ପରମ୍ପରାକୁ ଭୁଲନ୍ତି ନାହିଁ ।

ରେଭେନ୍‌ସା କଲେଜରେ ଅଧାପକରୁ ଅଧ୍ୟକ୍ଷ ପଦ ଅଳଙ୍କୃତ କରିଥିଲେ । ଅଧ୍ୟକ୍ଷ ପଦରୁ ଯାଇ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପଦରେ ବସିଲେ । ବିଭିନ୍ନ ସମୟରେ ସେ କୁଳପତି ରୂପେ ଦୀର୍ଘ ୧୮ ବର୍ଷ କାର୍ଯ୍ୟ କରିଥିଲେ । ବନାରସ 'ହିନ୍ଦୁ' ବିଶ୍ୱବିଦ୍ୟାଳୟର ଉପକୁଳପତି ପଦରେ କିଛି କାଳ କାର୍ଯ୍ୟ କରିଥିଲେ । ସେ କୁଳପତି ପାଇଁ ମନୋନିତ ହୋଇ ମଧ ହୋଇ ପାରିଲେ ନାହିଁ । କାରଣ ସେ ହିନ୍ଦି ଭାଷାଭାଷୀ ଅଂଚଳର ଲୋକ ନଥିଲେ । ବନାରସରୁ ଫେରି ପରିଜା ସାହେବ ନିଜଗାଁ ଇଚ୍ଛାପୁରରେ ରହି ଲୋକମାନଙ୍କର ସୁବିଧା ଓ ଅସୁବିଧା ବୁଝିଲେ । ବାଲିକୁଦାରୁ ସ୍ୱାଧୀନ ପ୍ରାର୍ଥୀ ରୂପେ ଠିଆହୋଇ ବିଜୟଲାଭ କରି ବିଧାୟକ ହେଲେ । ସଭାସମିତି ହେଉ ବା ଘରକାର୍ଯ୍ୟ ହେଉ ସବୁ କାମରେ ସେ ଥିଲେ ସମୟ ଅନୁବର୍ତ୍ତୀ । ଠିକ୍ ସମୟରେ ଠିକ୍ କାମ ସର୍ବଦା କରୁଥିଲେ।

ସଦାସର୍ବଦା ପରିଜା ସାହେବ ନିଜକାମ ନିଜେ କରୁଥିଲେ । ସେ କୌଣସି କାର୍ଯ୍ୟ ପାଇଁ କାହା ଉପରେ ନିର୍ଭର କରୁନଥିଲେ । ଜଣେ ବୈଜ୍ଞାନିକ ହେଲେବି ରାମାୟଣ, ମହାଭାରତ, ଭାଗବତ ଆଦି ବିଭିନ୍ନ ପୁରାଣ ଓ ଇତିହାସ ପାଠକ ଥିଲେ। ସେ ଥିଲେ ଜ୍ଞାନର ପ୍ରତୀକ । ସେ ମେଧାବୀ ଛାତ୍ରମାନଙ୍କୁ ନିଜ ଦରମାରୁ ସାହାଯ୍ୟ କରୁଥିଲେ । କୌଣସି ଛାତ୍ର ଅସୁବିଧାରେ ପଡ଼ିଲେ ପରିଜାସା ହେବ ସାହାଯ୍ୟ କରୁଥିଲେ ।

ନିଜ ଦେହ କଥା ପଛକୁ ରଖି କର୍ତ୍ତବ୍ୟକୁ ସେ ପ୍ରଥମ ସ୍ଥାନ ଦେଉଥିଲେ । ତାଙ୍କର ସହକର୍ମୀ ତଥା ବନ୍ଧୁମାନେ ସେଥି ପାଇଁ ଭାବନ୍ତି ପରିଜା ସାହେବ ମଣିଷ ନା ଦେବତା । ସେ କୁଳପତି ପଦବୀଠାରୁ ପଦ୍ମଭୂଷଣ ଉପାଧି ଯାଏଁ ଅନେକ ସମ୍ମାନ ପାଇଛନ୍ତି। ସେଥିରେ ପ୍ରଥମ ଓଡ଼ିଆ ଯେ ଭାରତୀୟ ବିଜ୍ଞାନ କଂଗ୍ରେସର ସଭାପତି ପଦ ମଣ୍ଡନ କରିଥିଲେ ।

ଆଗେ ତ ସୁନ୍ଦରମଣି ଯାଇଥିଲେ ତାପରେ ସେହି ମହାନ୍ ବୈଜ୍ଞାନିକ ୧୯୭୯ ମସିହା ଜୁନ୍ ମାସ ୨ ତାରିଖରେ ଶୁକ୍ରବାର ସକାଳ ୧୧.୫୫ ମିନିଟ୍‌ରେ ଚିରନିଦ୍ରାରେ ଶୋଇଗଲେ ।


+ ପାରାଦ୍ୱୀପଗଡ଼, କୁଜଙ୍ଗ, ଜଗତ୍‌ସିଂହପୁର

ମୋ: ୯୯୩୭୬୯୧୪୭୫


## ଇଂରେଜମାନେ ଯାଇଛନ୍ତି, ମାନସିକତା ରହିଯାଇଛି



ଗୋପାଳ ମହାପାତ୍ର

ଭାରତ ବର୍ଷରେ ଦଙ୍ଗା ଫସାଦ ବା ସାମ୍ପ୍ରଦାୟିକ ଦଙ୍ଗା ହେଉନଥିଲା । ସମସ୍ତ ଭାରତୀୟ ହିନ୍ଦୁ ହୁଅନ୍ତୁ ବା ମୁସଲମାନ ଭାଇଭାଇ ଭଳି ଚଳୁଥିଲେ । ସବୁ କଥାକୁ ସମସ୍ତେ ସମାନ ନଜରରେ ଦେଖୁଥିଲେ ଏବଂ ସବୁ ଘଟଣାକୁ ସମାନ ଢଙ୍ଗରେ ଆପଣେଇ ନେଉଥିଲେ ଓ ସ୍ୱୀକାର କରୁଥିଲେ ମଧ । ହିନ୍ଦୁ-ମୁସଲିମ ଏକତା ଉଦାହରଣ ସୃଷ୍ଟି କରିଥିଲା । ଶତାବ୍ଦୀ ଶତାବ୍ଦୀ ଧରି ଏକଜୁଟ ରହିବା କାରଣରୁ ଦୁଇ ସମ୍ପ୍ରଦାୟ ମଧରେ ସୁସମ୍ପର୍କ ରହିଥିଲା । ଅତି ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ସେ ସମୟରେ ସାମାଜିକ ବାତାବରଣ ଉତ୍ତେଜକ ବା ସାଂପ୍ରଦାୟିକ ଦଙ୍ଗା ସୃଷ୍ଟି ହେବା ଭଳି ନଥିଲା । କହିବାକୁ ଗଲେ ଏବେ ଯେଭଳି ଦୁଇ ସଂପ୍ରଦାୟ ମଧରେ ମୁହାଁମୁହିଁ ଅବସ୍ଥା ସୃଷ୍ଟି ହୋଇଛି ସେଭଳି ପରିସ୍ଥିତି ସେ ସମୟରେ ନଥିଲା । ଇଂରେଜମାନେ କିନ୍ତୁ ପରସ୍ପର ମଧରେ ତିକ୍ତତା ସୃଷ୍ଟି କରିବା ଏବଂ ବିଭାଜନକାରୀ ପ୍ରକ୍ରିୟା ଆରମ୍ଭ କରିଦେଇଥିଲେ । ଏ କଥା ମଧ ସତ୍ୟ ଯେ 'ଗୋରା' ବା ଇଂରେଜମାନଙ୍କର ହିନ୍ଦୁମାନଙ୍କ ଉପରେ ଅଧିକ ଭରସା ଥିଲା ।

ଇଷ୍ଟ ଇଣ୍ଡିଆ କମ୍ପାନୀର ମୁଖ୍ୟ ବ୍ରିଟିଶ ପାର୍ଲିଆମେଣ୍ଟରେ ଯେଉଁ ଭାଷଣ ଦେଇଥିଲେ ସେଥିରେ ସେ ସ୍ପଷ୍ଟ ଭାବରେ କହିଥିଲେ 'ଈଶ୍ୱର ଆମକୁ ହିନ୍ଦୁସ୍ଥାନ ଭଳି ବିଶାଳ ରାଜ୍ୟ ଏଇଥିପାଇଁ ପ୍ରଦାନ କରିଛନ୍ତି ଯେ ଆମେ ଦେଶର ଗୋଟିଏ ପଟରୁ ଅନ୍ୟପଟ ପର୍ଯ୍ୟନ୍ତ ଇଶା ମସୀହାଙ୍କ ବିଜୟ ଛତ୍ର ଉଡ଼ାଇ ପାରିବା । ଏବେ ଆମ ସମସ୍ତଙ୍କର କାମ ହେଉଛି ସମ୍ପୂର୍ଣ୍ଣ ଭାରତବର୍ଷର ଲୋକଙ୍କୁ ଖ୍ରୀଷ୍ଟଧର୍ମରେ ଦୀକ୍ଷିତ କରାଇବା ପାଇଁ ଉଦ୍ୟମ କରିବା ଆବଶ୍ୟକ ।' ଇଷ୍ଟ ଇଣ୍ଡିଆ କମ୍ପାନୀର ମୁଖ୍ୟଙ୍କ ଏହି ଭାଷଣକୁ ସମର୍ଥନ କରି ରବର୍ଟ ମାଉଣ୍ଟ ଗୁମରି କହିଥିଲେ 'ଆପଣଙ୍କ ବକ୍ତବ୍ୟକୁ ସମର୍ଥନ କରି ମୁଁ ଏତିକି କହିବାକୁ ଚାହେଁ ଯେ ଯେତେ ଅସୁବିଧା ଆସିଲେ ମଧ ଭାରତରେ ଆମର ସାମ୍ରାଜ୍ୟ କାଏମ ରହିବ, ସେ ପର୍ଯ୍ୟନ୍ତ ଆମେ ଭୁଲିଯିବା ଉଚିତ ନୁହେଁ ଯେ ଆମର କାମ ହେଉଛି ସମ୍ପୂର୍ଣ୍ଣ ଭାରତକୁ ଖ୍ରୀଷ୍ଟିଆନରେ ପରିଣତ କରିବା । ଏହି ଭାବନାରେ ପ୍ରେରିତ ହୋଇ ୧୮୩୬ରେ ମାକଲେ ଗର୍ବୋକ୍ତି ପ୍ରକାଶ କରି କହିଥିଲେ ୩୦ ବର୍ଷ ଭିତରେ ଜଣେ ବି ମୂର୍ତ୍ତୀ ପୂଜକ ଭାରତରେ ରହିବେ ନାହିଁ । ଏହି ଦୃଷ୍ଟିକୋଣକୁ ନେଇ ତତ୍‌କାଳୀନ ରେଭରେଣ୍ଡ କେନେଡି କହିଥିଲେ 'ଯେପର୍ଯ୍ୟନ୍ତ ଭାରତରେ ଆମ ସାମ୍ରାଜ୍ୟ ରହିଛି ସେ ପର୍ଯ୍ୟନ୍ତ ଖ୍ରୀଷ୍ଟଧର୍ମର ବିସ୍ତାର ପାଇଁ କାମ କରିବାକୁ ପଡ଼ିବ ।' ବ୍ରିଟିଶମାନଙ୍କ ଏହି ମାନସିକତାକୁ ଅଧିକ ଭାବରେ ପ୍ରୋତ୍ସାହିତ ତଥା କାର୍ଯ୍ୟକାରୀ କରିଥିଲେ ମିଶନାରୀମାନେ । ମିଶନାରୀମାନେ ଦେଶରେ ଏବେ ଖୋଲାଖୋଲି ଭାବରେ ଧର୍ମାନ୍ତରଣ କରି ଚାଲିଛନ୍ତି ।

ଚିନ୍ତା କରିବାର କଥା । କେତେ ଦୂରଦର୍ଶୀ ଥିଲେ ସେମାନେ । ଲୋକଙ୍କୁ ବିଭାଜିତ କରି ଶାସନ ସୁଖ ଭୋଗ କରିବାରେ ଏମାନେ ଥିଲେ ଓସ୍ତାଦ । ବ୍ରିଟିଶ ଶାସକ ମାକଲେଙ୍କୁ ଦାୟିତ୍ୱ ଦେଇଥିଲେ ଭାରତବର୍ଷର ଶିକ୍ଷା ପଦ୍ଧତିରେ ପରିବର୍ତ୍ତନ କରିବା ପାଇଁ । ମାକଲେ ମଧ ଶିକ୍ଷା ପଦ୍ଧତିକୁ ଏମିତି ବଦଳେଇ ଦେଇଥିଲେ ଯେ ଗୌରବଶାଳୀ ଇତିହାସ ଓ ସଂସ୍କୃତି ଶିକ୍ଷା ପଦ୍ଧତିରୁ କିଛି ପରିମାଣରେ ଗାଏବ ହୋଇଯାଇଥିଲା । ଇଂରେଜମାନଙ୍କ ଉଦ୍ଦେଶ୍ୟ କିନ୍ତୁ ସମ୍ପୂର୍ଣ୍ଣ ଭାବେ ପୂରଣ ହୋଇପାରିନଥିଲା । କିନ୍ତୁ ମାକଲେ ଆମ ପୌରାଣିକ ଏବଂ ପରମ୍ପରାଗତ ଶିକ୍ଷାକୁ ଓଲଟା ଦିଗକୁ ନେଇଯାଇଥିଲେ । ଏଯାବତ୍ ଭାରତ ସରକାର ମଧ ଶିକ୍ଷା ପଦ୍ଧତିକୁ ପରିବର୍ତ୍ତନ କରିବାରେ ସମ୍ପୂର୍ଣ୍ଣ ଫଳପ୍ରଦ ପଦକ୍ଷେପ ନେଇପାରୁନାହାନ୍ତି । ଇଂରେଜମାନେ ଏକ ଭିନ୍ନ ନୀତିକୁ ଆପଣେଇଥିଲେ । ସେମାନେ ହିନ୍ଦୁମାନଙ୍କୁ ମୁସଲମାନଙ୍କ ଅପେକ୍ଷା ଅଧିକ ଗୁରୁତ୍ୱ ଦେଉଥିଲେ । ପରିଣାମ ସ୍ୱରୂପ ଉଭୟ ସଂପ୍ରଦାୟ ମଧ ଦୂରତା ଓ ତିକ୍ତତା ବଢ଼ିଲା ଯାହା କାଳାନ୍ତରରେ ଉଭୟ ସଂପ୍ରଦାୟକୁ ପରସ୍ପରର ଶତ୍ରୁରେ ପରିଣତ କରିଦେଲା । ଇଂରେଜମାନେ ଯୋଜନାବଦ୍ଧ ଭାବରେ ସବୁ କାର୍ଯ୍ୟ କରୁଥିଲେ କିନ୍ତୁ ତାକୁ କାର୍ଯ୍ୟକାରୀ କରୁଥିଲେ ଭାରତବର୍ଷରେ ଥିବା ସେମାନଙ୍କର ଉଚ୍ଚ ଅଧିକାରୀମାନେ । ଇଂରେଜମାନଙ୍କର ଯୋଜନା କାର୍ଯ୍ୟ କରିଥିଲା ଓ ଭାରତରେ ହିନ୍ଦୁ-ମୁସଲିମ ବିଭେଦ ବଢ଼ିବାରେ ଲାଗିଲା । ଏହି ନୀତିକୁ ଆପଣେଇ ୩୮ କୋଟିର ବିଶାଳ ଜନସଂଖ୍ୟା ବିଶିଷ୍ଟ ଦେଶକୁ ମାତ୍ର ଲକ୍ଷେ ବା ତା'ଠାରୁ କମ୍ ଇଂରେଜ ଶାସନ କରିବାରେ ଲାଗିଲା ।

ଇଂରେଜମାନେ ଚାହୁଁଥିଲେ ଯେ ଭାରତୀୟମାନଙ୍କୁ ପଙ୍ଗୁ କରି ଦିଆଗଲେ ସେମାନେ କେବେ ବି ଶିକ୍ଷା, ଯୁଦ୍ଧକୌଶଳ ଏବଂ ନୀତି-ନିର୍ମାଣ କ୍ଷେତ୍ରରେ ଆଗେଇ ପାରିବେ ନାହିଁ । ଇଂରେଜମାନେ ଭାରତବର୍ଷ ସମେତ ବିଶ୍ୱର ଅନେକ ଦେଶକୁ ଶହଶହ ବର୍ଷ ଧରି ଶାସନ କରିଥିଲେ ଓ ଲୁଟ୍ କରିଚାଲିଥିଲେ । ନେତାଜୀ ସୁବାସ ଚନ୍ଦ୍ର ବୋଷ ମଧ କହୁଥିଲେ ଯେ ୩୮ କୋଟି ଲୋକଙ୍କୁ ମାତ୍ର ଲକ୍ଷେ ବିଦେଶୀ ଶାସନ କରିପାରୁଛନ୍ତି କେମିତି ? ଗାନ୍ଧୀ ଓ ନେତାଜୀଙ୍କ ଚିନ୍ତା ଓ କାର୍ଯ୍ୟଧାରା ଭିନ୍ନ ଥିଲା । ଗାନ୍ଧୀ ଓ ତାଙ୍କ ଅନୁଗାମୀମାନେ ଆଲୋଚନା ମାଧ୍ୟମରେ ଓ ଅହିଂସା ଆନ୍ଦୋଳନ କରି ଇଂରେଜଙ୍କୁ ପରାସ୍ତ କରିବାକୁ ଚାହୁଁଥିଲେ । ଦେଶକୁ ସ୍ୱାଧୀନ କରିବା ପାଇଁ ଅନେକଙ୍କୁ ଶହୀଦ ହେବାକୁ ପଡ଼ିଛି, ସତ୍ୟାଗ୍ରହ ଆନ୍ଦୋଳନ ହୋଇଛି । ଏ ସବୁ ପରେ ଇଂରେଜମାନେ ଭାରତକୁ ସ୍ୱାଧୀନତା ଦେବା ପାଇଁ ରାଜି ହୋଇଥିଲେ । କିନ୍ତୁ ଦେଶକୁ ଦୁଇଭାଗ କରି ଦିଆଯାଇଥିଲା । ମୁସଲିମ ବହୁଳ ଅଞ୍ଚଳ ପାକିସ୍ଥାନରେ ପରିଣତ ହୋଇଗଲା । ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଭାରତ ବର୍ଷ ସ୍ୱାଧୀନ ହେଲା । ହେଲେ 'ବିଭାଜନ କର-ରାଜକର' ଯେଉଁ ଯୋଜନା ଇଂରେଜମାନେ କରି ଦେଶକୁ ଶାସନ କରୁଥିଲେ ସେଇ ଯୋଜନା ଏବେ ବି ଏ ଦେଶରେ ରହିଯାଇଛି । ମାକଲେଙ୍କ ଶିକ୍ଷା ନୀତି ଏବେ ବି ଦେଶରେ ରହିଛି । ଆମ ସଭ୍ୟତା-ସଂସ୍କୃତିକୁ ବିକୃତ କରାଯାଇଛି । ଏ ସବୁକୁ ଠିକ୍ ରାସ୍ତାକୁ ଅଣାଯାଇପାରୁନାହିଁ । ସେହିପରି ହିନ୍ଦୁ-ମୁସଲିମଙ୍କ ମଧରେ ଲଢ଼େଇ କରି ଶସାନ ଗାଦି ଅକ୍ତିଆର କଥା ମଧ ଚାଲିଛି ଓ ନେତାମାନେ ଏଥିରେ ସଫଳ ହେଉଛନ୍ତି । ଦେଶବାସୀ ତିକ୍ତତା, ଅସହିଷ୍ଣୁତାର ଜାଲରୁ ମୁକୁଳି ପାରୁନାହାନ୍ତି । ଦୁର୍ଭାଗ୍ୟର କଥା ଯେ ଏଭଳି ଘଟଣାକ୍ରମକୁ ରାଜନୈତିକ ବ୍ୟକ୍ତିବିଶେଷମାନେ ବିରୋଧ କରିବା ପରିବର୍ତ୍ତେ ପ୍ରୋତ୍ସାହିତ କରି ଚାଲିଛନ୍ତି ।

ଯେକୌଣସି ଦେଶର ଜନତାଙ୍କର ଭାଗ୍ୟ ବିଧାତା ହେଉଛନ୍ତି ସେ ଦେଶର ସରକାର । କିନ୍ତୁ ଦେଶର ସାମାଜିକ ଅବକ୍ଷୟକୁ ଦୂର କରିବା ପାଇଁ କୌଣସି ସରକାର ଉଦ୍ୟମ କରୁନାହାନ୍ତି । ଓଲଟା ଅନେକ ସମୟରେ ନିଆଁରେ ଘିଅ ଢାଳିବା ପରି କାର୍ଯ୍ୟ କରାଯାଉଛି । ସମସ୍ୟାର ଜଡ଼ ଖୋଜିବା ଓ ତା'ର ନିରାକରଣ ଦିଗରେ ପଦକ୍ଷେପ ନେବା ପରିବର୍ତ୍ତେ ସମସ୍ୟାକୁ ଅଧିକ କରାଯାଉଛି ଓ ସେଥିରୁ ନିର୍ବାଚନର ଲାଭକ୍ଷତିକୁ ହିସାବ କରାଯାଉଛି । ଲୋକଙ୍କୁ ନୂଆନୂଆ ସ୍ୱପ୍ନରେ ବିଭୋର କରାଯାଉଛି ଓ ଭୋଟବ୍ୟାଙ୍କ ପାଇଁ କ୍ଷେତ୍ର ପ୍ରସ୍ତୁତ କରାଯାଇଛି । କ'ଣ ଏ ଦେଶରେ ଶିବାଜୀଙ୍କ ଭଳି ବୀର ଗୁରୁ ଗୋବିନ୍ଦ ସିଂହଙ୍କ ଭଳି ମହାପୁରୁଷ ଜନ୍ମ ନେବେ ନାହିଁ ଯିଏ ଏଭଳି ଅତ୍ୟାଚାରୀ (ବ୍ରିଟିଶ ମାନସିକତାବାଦୀ)ମାନଙ୍କୁ ଦେଶରୁ ବାହାର କରିଦେଇପାରିବେ ?


+ ରାମଚନ୍ଦ୍ରପୁର, ରଣପୁର,


## କବିତା କୋଣାର୍କ

### ସିରସ୍ତାରେ ଶିହରଣ



ମିହିରକାନ୍ତି ଦାଶ

ଅଚଳ ଆକାଶ ଲଂଘେ, ଅତଳେ ସମୁଦ୍ର ତାପେ
ମାପିବାର ହୃଦୟ ଯେ ବକ୍ଷେ ବକ୍ଷେ କମ୍ପେ
ଯା' ଧାରକରା ମନ ଉହାଡରେ ଉଡେ ରକ୍ତ ସ୍ରୋତ ଧାଏଁ
ଧାଇଁବାର ବିଜନ ବେଳା ବୟସାନ୍ତେ ଲକ୍ଷ୍ୟ ଭେଦେ ।

ହଁ ତୁ କାହୁଁ ଥାଉରେ ଭଅଁର, ପ୍ରଜାପତି ମେଳଣରେ ଥାଏ
କେହି କେହି ପରତରେ ପ୍ରୀତି ପର୍ବେ ପର୍ବେ ଭ୍ରମେ
ଭ୍ରମିବାର ମଧୁମିଷ୍ଟ ଅସ୍ୱାଦ ଯେ ତୋର କେଳି କୁଞ୍ଜେ ଥାଏ
ତୁ କାହୁଁ ଥାଉ ଲୋ ସାଧବାଣୀ, ଚଇତରେ ପୁନେଇ ଯେ ଆଣ ବାନ୍ଧୁଥାଏ ।

କେଉଁ କଥା କହିବିରେ ସଙ୍ଗାତ, ମଇତ୍ର ମୋହର
ମରମ ଯେ ଚରମରେ ନିଆଁ ସେକା ଆଖିରେ ଚାତକ
ଭଳିକି ଭୋଦେଇ ପାଗେ, ନିଆଁ ସେକା ତାର ଓଠ ମାପୁଥାଏ
ଆଖିରେ କଜ୍ଜ୍ୱଳ, ଅନ୍ଧାରକୁ ନିଶାମିଶା, ସାଧବାଣୀ ଲାଜବନ୍ତି ବେଳା
ଭୋଗୁଥାଏ ।

ଏ ବେଳରେ ଅଶିହଣ ସିରସ୍ତାରେ ଶିହରଣ ତେଜି
କେହି ଏ ପୃଥ୍ୱୀ ବକ୍ଷେ ବେଳା ପାରେ ମନ୍ଥନକୁ ତେଜି ।।


+ ବିଡିଏ କଲୋନୀ, ଏମ୍‌ଆଇଜି-୧,୮/୧. ସିଏସ୍ ପୁର, ଭୁବନେଶ୍ୱର

ମୋ: ୯୩୩୭୬୧୦୫୧୭


## କବିତା କୋଣାର୍କ

### ଚାଲିବାକୁ ହେବ....

ରତ୍ନକାନ୍ତି ମିଶ୍ର



ଘନ ବାଦଲର ଆସ୍ତରଣ ତଳେ
ଶୁଭେ କା' ରଣ ହୁଙ୍କାର
ମୁହଁକୁ ମୁହଁ ତ ଦିଶୁନାହିଁ ଏବେ
ରାତି ଦିନ ଏକାକାର ।।

ଏ ଅନ୍ଧାର ଆଉ କେତେକାଳ ଥିବ
କଳା ମେଘ ଖଣ୍ଡ ନେଇ
କେମିତି ଚାଲିବା ଏଇ ପଥପରେ
ଦିଶଇ କାଳର ଛାଇ ।।

ନିୟତି ରଚିଛି ପ୍ରଳୟ ତାଣ୍ଡବ
ଚଉଦିଗ ଅନ୍ଧକାର
ଦୃଶ୍ୟ ହୁଏ ନାହିଁ ନୂତନ ସୂରୁଜ
ବିଭୋରିତ ସକାଳର ।।

ସଂଶୟରେ ଏବେ କଟୁଛି ଜୀବନ
ଦେହରୁ ହଜିଛି ତାତି
ଟୋପାଏ ଉଷ୍ମତା ଲୋଡା ବଂଚିବାକୁ
ମାଗୁଥାଏ ହାତ ପାତି ।।

ବୁଝି ହୁଏ ନାହିଁ ଜୀବନର ମାନେ
ପାଶେ ଠିଆ ନିଃସଙ୍ଗତା
ନୟନର ନୀରେ ଧୋଇ ବି ଯାଇଛି
ଜୀଇଁବାର ମାଦକତା ।।

କିଏ ବା ଶୁଣିବ କାହା ଦୁଃଖ କଥା
ଏକକୁ ଆରକେ ବଳି
ଚାଲିବାକୁ ହେବ ବାକିତକ ରାସ୍ତା
ସମୟର ହାତ ଧରି ।।


+ ଆଳି, କେନ୍ଦ୍ରାପଡା


### ହସିକି ଜୀଇଁବା ଆମେ...

ଅଶୋକ କୁମାର ପ୍ରଧାନ



ସକାଳ ଆସିଲେ ପୂରୁବ ଦିଗରେ
ସୂରୁଜ ଉଏଁଇ ହସି
ସୂରୁଜ ଦେଖିଲେ ସକଳ ପଦୁଅ
ଜଳରେ ହସନ୍ତି ବସି।

ପଶୁ ପକ୍ଷୀ କୀଟ ହସି ହସି ସବୁ
ଯାଆନ୍ତି ଆହାର ଖୋଜି
ମନ ଖୋଲି ଶିଶୁ ଖେଳି ପଡ଼ିଆରେ
ଟୋଟାରେ କରନ୍ତି ଭୋଜି।

ଋତୁ ଅନୁଯାୟୀ ନାନା ଜାତି ଫୁଲ
ହସି ଡାଳେ ଯାନ୍ତି ଫୁଟି
ବାରମାସେ ଡେର ଫଳଫଳି ହସି
ଭୂଇଁରେ ଯାଆନ୍ତି ଲୋଟି।

କୃଷକ ଭାଇଟା ହସି କ୍ଷେତେ ଚଳେ
ହଳ ବଳଦକୁ ଧରି
ବସନ୍ତ ଆସିଲେ ଫୁଲ ଭରା ଗଛ
ହସି ଲାଗେ ସତେ ପରି।

ନୀଳ ଆକାଶରେ ଖରା ବରଷାରେ
ହସି ଉଠେ ଇନ୍ଦ୍ରଧନୁ
ଆକାଶ କୋଳରେ ସେ ଶୋଭା
ଦେଖିଲେ
ଦୁଃଖ ପାସୋରଇ ମନୁ।

ଆସ ପିଲେ ଆମେ ହସି ହସି ଏଠି
ଜୀଇଁ ବା ଜୀବନ ଆମ
ନିଜ ସୁଖ ଭୁଲି ଆନ ମୁଖେ ହସ
ଫୁଟାଇବା ଆମ କାମ।

ହେବା ନାହିଁ ଦୁଃଖୀ ଆମେ ମହାସୁଖୀ
କିଏ ହେବ ଆମ ପରି
ହସି ହସି ସଦା ଜୀବନ ଜୀଇଲେ
ତାହା ସମ କିଏ ସରି।


+ ଶିକ୍ଷକ
ରୋହିଗାଁ, ଗଞ୍ଜାମ
ମୋ-୮୨୪୯୧୧୯୧୩୦



ଟେଲିଭିଜନ ଜଗତର ଲୋକପ୍ରିୟ ଅଭିନେତ୍ରୀ ଏରିକା ଫର୍ଣ୍ଣାଣ୍ଡିଜ । ସେ ଘରେ ଘରେ ପ୍ରେରଣା ରୂପେ ପରିଚିତ । ଗତ କିଛି ଦିନ ହେବ ସେ 'କୁଛ ରଙ୍ଗ ପ୍ୟାର୍ କେ ଏସେ ଭି' ଶୋ'ର ସିଜିନ୍-୩କୁ ନେଇ ଚର୍ଚ୍ଚାରେ ଅଛନ୍ତି । ୨୦୧୭ରୁ ଟେଲିଭିଜନ ଦୁନିଆରେ ପାଦ ରଖିଥିବା ଏରିକା କିନ୍ତୁ ୱେବ ସିରିଜ୍‌ରେଏଯାଏଁ ପାଦ ଦେଇ ନାହାନ୍ତି । ତାଙ୍କୁ ଅନେକଗୁଡିଏ ୱେବ ସିରିଜରେ କାମ କରିବା ପାଇଁ ଅଫର୍ ହୋଇଛି । କିନ୍ତୁ ସେ ମନା କରିଦେଇଛନ୍ତି । କାରଣ ଏଥିରେ ତାଙ୍କୁ ବୋଲ୍ଡ ସିନ୍ କରିବା ପାଇଁ କୁହାଯାଇଛି । ସେ କିନ୍ତୁ ବୋଲ୍ଡ ସିନ୍ କରିବାକୁ ସଫା ସଫା ମନା କରିବା ସହ ଅଫରକୁ ରିଜେକ୍ଟ କରିଦେଇଛନ୍ତି । ଟାଇମ୍ସ ଅଫ୍ ଇଣ୍ଡିଆର ରିପୋର୍ଟ ମୁତାବକ, ଏରିକା ନିକଟରେ ଦେଇଥିବା ଏକ

## ବୋଲ୍ଡ ସିନ୍‌କୁ ଏରିକାଙ୍କ ନା'

ସାକ୍ଷାତକାରରେ କହିଛନ୍ତି, ବୋଲ୍ଡ କଣ୍ଟେଣ୍ଟ ଯୋଗୁଁ ତାଙ୍କୁ ଅନେକ ଗୁଡିଏ ଅଫର ରିଜେକ୍ଟ କରିବାକୁ ପଡିଛି। ସେ ବୋଲ୍ଡ ସିନ୍ କରିବାକୁ ଅସହଜ ମନେ କରନ୍ତି । ଅନେକ ସମୟରେ ଗୋଟିଏ ଶୋ'କୁ ବିକ୍ରି କରିବା ପାଇଁ ଜୋର ଜବରଦସ୍ତି ସେଥିରେ ବୋଲ୍ଡ ସିନ୍ ରଖାଯାଇଥାଏ ବୋଲି ସେ ମନେ କରନ୍ତି । କୌଣସି ଶୋ' ରେ କାହିଁକି ବୋଲ୍ଡ ସିନର ଆବଶ୍ୟକତା ରହୁଛି ବୋଲି ସେ ପ୍ରଶ୍ନ କରିଛନ୍ତି । ୨୦୧୭ରେ ଏରିକା ଟିଭି ଦୁନିଆରେ ଡେବ୍ୟୁ କରିଥିଲେ । ତାଙ୍କର ପ୍ରଥମ ଶୋ' 'କୁଛ ରଙ୍ଗ ପ୍ୟାର୍ କେ ଏସେ ଭି' ଥିଲା । ଏହାପୂର୍ବରୁ ସେ ୨୦୧୩ରେ ସାଉଥ ଫିଲ୍ମ ଇଣ୍ଡଷ୍ଟ୍ରିରେ କାମ କରିସାରିଛନ୍ତି । ଏରିକା କନ୍ନଡ ଫିଲ୍ମଠାରୁ ଆରମ୍ଭ କରି ତାମିଲ ଓ ତେଲୁଗୁ ଭାଷାର ଫିଲ୍ମରେ ମଧ୍ୟ କାମ କରିଛନ୍ତି ।

# ବାଘ ଖୋଜିବାକୁ ବାହାରିଲେ ବିଦ୍ୟା

ଚିନ୍ତା ବଢ଼ାଇଛି ବାଘ । ଜଙ୍ଗଲ ଭିତରେ ସମସ୍ତ ମୁଣ୍ଡ ବିନ୍ଧାର କାରଣ ପାଲଟିଛି । ଗାଁ ଲୋକଙ୍କ ନାକେଦମ୍ କରିଛି ଏହି ବାଘ । ଏହି ବାଘକୁ ଖୋଜିବାକୁ ସମସ୍ତେ ଲାଗିପଡିଛନ୍ତି । ଏହି ବାଘ ଖୋଜା ଅଭିଯାନରେ ସାମିଲ ହୋଇଛନ୍ତି ବଲିଉଡ ଅଭିନେତ୍ରୀ ବିଦ୍ୟା ବାଲନ ।

ରିଲିଜ ହୋଇଥିବା ବିଦ୍ୟାଙ୍କ ଅପ୍‌କମିଂ ଫିଲ୍ମ 'ଶେରନୀ'ର ଟ୍ରେଲରେ ଦେଖିବାକୁ ମିଳିଛି କିଛି ଏଭଳି ଦୃଶ୍ୟ । ବନ ବିଭାଗ ଅଫିସର ସାଜି ବିଦ୍ୟା ଘଞ୍ଚ ଜଙ୍ଗଲ ଭିତରେ ବାଘକୁ ଖୋଜିବା ପାଇଁ ବାହାରି ପଡିଛନ୍ତି । ତାଙ୍କ ସହ ବନ ବିଭାଗର ଅନ୍ୟ କର୍ମଚାରୀମାନେ ମଧ୍ୟ ଅଛନ୍ତି । ବିଦ୍ୟା ଜଙ୍ଗଲ ଏବଂ ଗାଁ ମଧ୍ୟରେ ସନ୍ତୁଳନ ବଜାୟ ରଖିବା ପାଇଁ ଚେଷ୍ଟା କରୁଛନ୍ତି । ନିର୍ଦ୍ଦେଶକ ଅମିତ ମସୁରକରଙ୍କ ନିର୍ଦ୍ଦେଶନାରେ ତିଆରି ଏହି ଫିଲ୍ମଟି ମାନବ ଜାତି ଏବଂ ପଶୁଙ୍କ ମଧ୍ୟରେ ସଂଘର୍ଷର କାହାଣୀ ଉପରେ ଆଧାରିତ । ଏଥିରେ ବିଦ୍ୟା ବାଲନ ଲିଡ୍ ରୋଲରେ ଅଛନ୍ତି ତାଙ୍କୁ ଏଥିରେ ଜଣେ ମଧ୍ୟସ୍ତରୀୟ ଫରେଷ୍ଟ ଅଫିସର ଭୂମିକାରେ ଦେଖିବାକୁ ମିଳିବ ।

ବିଦ୍ୟାଙ୍କ ବ୍ୟତୀତ ଏହି ଫିଲ୍ମରେ ଶରତ ସକ୍‌ସେନା, ବିଜୟ ରାଜ, ମୁକୁଲ ଚଡ୍ଡା, ଇଲା ଅରୁଣ, ବ୍ରିଜେନ୍ଦ୍ର କଲା ଏବଂ ନୀରଜ କାବି ଭଳି ଷ୍ଟାର ଅଛନ୍ତି । ଆସନ୍ତା ୧୮ ତାରିଖରେ ଫିଲ୍ମଟି ଓଟିଟି ପ୍ଲାଟଫର୍ମ ଆମାଜନ୍ ପ୍ରାଇମରେ ରିଲିଜ ହେବ ।



# ସୁଶାନ୍ତ ସିଂ ଡ୍ରଗ୍ସ ମାମଲା : ଆଉ ଜଣଙ୍କୁ ବାନ୍ଧିଲା ଏନ୍‌ସିବି

ବଲିଉଡର ଦିବଙ୍ଗତ ଅଭିନେତା ସୁଶାନ୍ତ ସିଂ ରାଜପୁତ । ତାଙ୍କ ମୃତ୍ୟୁକୁ ଆଉ କିଛି ଦିନ ଗଲେ ବର୍ଷେ ପୂରିବ । ଏହାରି ଭିତରେ ତାଙ୍କ ମୃତ୍ୟୁ ସହ ଜଡିତ ଡ୍ରଗ୍ସ ଲିଙ୍କ ମାମଲାରେ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ ଆଉ ଜଣଙ୍କୁ ଗିରଫ କରିଛି । ଗିରଫ ବ୍ୟକ୍ତି ଜଣଙ୍କ ହେଉଛନ୍ତି ହରିଶ ଖାନ୍, ସେ ଜଣେ ଡ୍ରଗ୍ସ ପେଡଲର୍ ବୋଲି ଜଣାପଡିଛି । ଏଥିସହ ଗିରଫ ବେଳେ ହରିଶଙ୍କ ନିକଟରୁ ଏନ୍‌ସିବି ବିପୁଳ ମାତ୍ରାରେ ଏମ୍‌ଡିଏମ୍ ଡ୍ରଗ୍ସ ଜବତ କରିଛି । ଏନ୍‌ସିବି ଲଗାତାର ଡ୍ରଗ୍ସ ଲିଙ୍କ ମାମଲାରେ ତଦନ୍ତ ଜାରି ରଖିଛି । ଗତ କିଛି ଦିନ ପୂର୍ବରୁ ଏନ୍‌ସିବି ସିଶାନ୍ତ ସିଂଙ୍କ ରୁମ୍‌ମେଟ୍ ସିଦ୍ଧାର୍ଥ ପିଠାନିଙ୍କୁ ଗିରଫ କରିଥିଲା । ଆସନ୍ତା ଜୁନ୍ ୪ ଯାଏ ତାଙ୍କୁ ଏନ୍‌ସିବି ହେଫାଜତରେ ରଖାଯାଇଛି ।

ଗତ ବର୍ଷ ଜୁନ୍ ୧୪ରେ ସୁଶାନ୍ତ ସିଂ ରାଜପୁତଙ୍କ ମୃତ୍ୟୁ ହୋଇଥିଲା । ଏହି ସମୟରେ ସିଦ୍ଧାର୍ଥ ପିଠାନି ତାଙ୍କ ରୁମ୍‌ମେଟ୍ ଥିଲେ । ସିଦ୍ଧାର୍ଥ ହିଁ ପ୍ରଥମେ ସୁଶାନ୍ତଙ୍କ ଝୁଲନ୍ତା ମୃତଦେହ ଦେଖିଥିଲେ । ସିଦ୍ଧାର୍ଥ ହିଁ ସୁଶାନ୍ତ ମୃତଦେହକୁ ଫ୍ୟାନ୍‌ରୁ ତଳକୁ ଓହ୍ଲାଇ ଥିଲେ, ଏଥିସହ ପୁଲିସକୁ ସୂଚନା ଦେଇଥିଲେ ।

ପୂର୍ବରୁ ଡ୍ରଗ୍ସ ଲିଙ୍କରେ ସୁଶାନ୍ତ ସିଂଙ୍କ ଗାର୍ଲଫ୍ରେଣ୍ଡ ରିଆ ଚକ୍ରବର୍ତ୍ତୀ ଏବଂ ତାଙ୍କ ଭାଇ ସୌଭିକ ଚକ୍ରବର୍ତ୍ତୀଙ୍କୁ ଗିରଫ କରାଯାଇଥିଲା । ଏକ ମାସ ପରେ ରିଆ ବେଲ୍‌ରେ ବାହାରକୁ ଆସିଥିଲେ । ଏହି ଡ୍ରଗ୍ସ ଲିଙ୍କରେ ବି-ଟାଉନର ଅନେକ ସେଲେବ୍ରିଟ ତଥା ଦୀପିକା ପାଦୁକୋନ୍, ସାରା ଅଲ୍ଲି ଖାନ୍, ଶ୍ରଦ୍ଧା କପୁର, ରକୁଲପ୍ରିତ ସିଂଙ୍କୁ ଏନ୍‌ସିବି ପଚରାଉଚରା କରିସାରିଛି ।

# ଟାଇଗର ଓ ଦିଶାଙ୍କ ବିରୋଧରେ ମାମଲା ରୁଜୁ



ବଲିଉଡ୍ ଅଭିନେତା ଟାଇଗର ଶ୍ରୋଫ୍ ଓ ଅଭିନେତ୍ରୀ ଦିଶା ପଟାନୀଙ୍କ ନାଁରେ ମାମଲା ରୁଜୁ କରିଛି ମୁମ୍ବାଇ ପୁଲିସ୍ । କୋଭିଡ୍-୧୯ ନିୟମ ଉଲ୍ଲଂଘନ ଅଭିଯୋଗରେ ସେମାନଙ୍କ ନାଁରେ ମାମଲା ରୁଜୁ ହୋଇଛି । ବିନା କାରଣରେ ନିୟମ ଉଲ୍ଲଂଘନ କରି ଉଭୟ ସର୍ବସାଧାରଣ ସ୍ଥାନରେ ବୁଲୁଥିବା ଅଭିଯୋଗ ହୋଇଛି ।

କଟକଣା କୋହଳ ସମୟ ପରେ ସନ୍ଧ୍ୟାରେ ଟାଇଗର ଓ ଦିଶା ବାନ୍ଦ୍ରା ବ୍ୟାଣ୍ଡଷ୍ଟାଣ୍ଡ ଅଞ୍ଚଳରେ ବୁଲୁଥିବା ବେଳେ ପୁଲିସ୍ ସେମାନଙ୍କୁ ଧରିଥିଲା । ସେମାନେ କେଉଁ କାରଣରୁ ଘରୁ ବାହାରିଛନ୍ତି ବୋଲି ପୁଲିସ୍ ପଚାରିଥିଲା । ତେବେ ସେମାନେ କୌଣସି ସନ୍ତୋଷଜନକ କାରଣ ଦର୍ଶାଇ ପାରି ନଥିଲେ । ତା'ପରେ ପୁଲିସ୍ ସେମାନଙ୍କ ବିରୋଧରେ ମାମଲା ରୁଜୁ କରିଛି । ମୁମ୍ବାଇ ପୁଲିସ୍ ପକ୍ଷରୁ ଏହି ଦୁଇ ଷ୍ଟାରଙ୍କ ବିରୋଧରେ ମାମଲା ରୁଜୁ ହୋଇଥିବା ନେଇ ଟ୍ୱିଟ୍ କରି ସୂଚନା ଦିଆଯାଇଛି । ତେବେ ଟିକେ ନିଆରା ଢଙ୍ଗରେ ପୁଲିସ୍ ଏହି ଟ୍ୱିଟ୍ କରିଛି । ଏଥିରେ ଦୁଇ ଷ୍ଟାରଙ୍କ ନାଁ ଉଲ୍ଲେଖ ନାହିଁ । କିନ୍ତୁ ସେମାନଙ୍କ ଫିଲ୍ମର ନାଁ ବ୍ୟବହାର କରିଛି । ଏହା ସହିତ ବିନା କାରଣରେ ବାହାରକୁ ନ ଆସିବାକୁ ମୁମ୍ବାଇବାସୀଙ୍କୁ ପୁଲିସ୍ ପକ୍ଷରୁ ଅନୁରୋଧ କରାଯାଇଛି । ପୁଲିସ୍ ପକ୍ଷରୁ ଲେଖାଯାଇଛି ବିନା କାରଣରେ ବାହାରକୁ ଆସି 'ହିରୋପନ୍ତି' ଦେଖାନ୍ତୁ ନାହିଁ, ଯାହା ଆପଣମାନଙ୍କ ସୁରକ୍ଷାକୁ କ୍ଷତି ପହଞ୍ଚାଇପାରେ ।

# ବଲିଉଡ ନିର୍ମାତା ଓ ଲେଖକଙ୍କୁ ମାଗଣାରେ ମିଳିବ ଟିକା

ଦେଶରେ ଜାରି ରହିଛି କରୋନାର ଦ୍ୱିତୀୟ ଲହର । ଚାରିଆଡେ ଚିନ୍ତାରେ କାରଣ ପାଲଟିଛି କୋଭିଡ । ଗତ କିଛି ଦିନ ହେବ ଦେଶରେ ସଂକ୍ରମଣ କମୁଥିବା ବେଳେ ମୃତ୍ୟୁ ସଂଖ୍ୟାରେ ସେତେଟା ଆଖିଦୃଶିଆ ପ୍ରଭାବ ପଡିନି । କରୋନା ସହ ଲଢ଼ିବା ପାଇଁ ଚାରିଆଡେ ଟିକାକରଣ ଚାଲିଛି । ଅଧିକାଂଶ ରାଜ୍ୟରେ ମାଗଣା ଟିକ ଦିଆଯାଉଛି । ଏହାରି ଭିତରେ ବଲିଉଡର ନିର୍ମାତା ଏବଂ ଲେଖକଙ୍କୁ ମାଗଣା ଟିକା ଦିଆଯିବା ନେଇ ଖବର ସାମ୍ନାକୁ ଆସିଛି । ବଲିଉଡରେ ନିର୍ମାତାମାନଙ୍କ ସବୁଠାରୁ ବଡ ସଂସ୍ଥା ଇଣ୍ଡିଆନ୍ ମୋଶନ୍ ପିକ୍‌ଚର୍ସ ପ୍ରଡ୍ୟୁସର୍ସ ଆସୋସିଏସନ୍ ନିଜ ସଂସ୍ଥା ସହ ଜଡିତ ସମସ୍ତ ନିର୍ମାତା ଓ ସଦସ୍ୟଙ୍କୁ ମାଗଣାରେ ଟିକାକରଣ କରାଇବା ପାଇଁ ଘୋଷଣା କରିଛି । ସଂସ୍ଥାର କହିବା ମୁତାବକ, ୨୦୦୫ ପରେ ଯେଉଁ ନିର୍ମାତାମାନେ ନିଜ ସଦସ୍ୟତାର ନବୀକରଣ କରିନଥିବେ ସେମାନଙ୍କୁ ମଧ୍ୟ ମାଗଣାରେ ଟିକା ଦିଆଯିବ । କେବଳ ସେତିକି ନୁହେଁ ତାଙ୍କ ପରିବାର ଲୋକଙ୍କୁ ମଧ୍ୟ ଯଦି କେହି ଟିକା ଦିବା ପାଇଁ ଚାହୁଁଛନ୍ତି ତେବେ ସେଥିପାଇଁ ୫୦୦ ଟଙ୍କା ଦେଇ ଟିକା ଲଗାଇପାରିବେ ବୋଲି ସଂସ୍ଥା କହିଛି । ଅନ୍ୟପଟେ ସ୍କ୍ରିନ୍ ରାଇଟର୍ସ ଆସୋସିଏସନ୍ ଓଟିଟି ପ୍ଲାଟଫର୍ମ ନେଟ୍‌ଫ୍ଲିକ୍ସ ସହ ମିଶି ବଲିଉଡର ଲେଖକଙ୍କୁ ମାଗଣା ଟିକା ଦେବା ପାଇଁ ନିଷ୍ପତ୍ତି ନେଇଛି । ସ୍କ୍ରିନ୍ ରାଇଟର୍ସ ଆସୋସିଏସନ କହିଛି ଯେ, ଏବେ ତା' ପାଖରେ ୧ ହଜାର ଟିକାର ଡୋଜ୍ ଉପଲବ୍ଧ ଅଛନ୍ତି । 'ପ୍ରଥମେ ଆସ, ପ୍ରଥମେ ନିଆ' ଆଧାରରେ ଲେଖକମାନେ ଏହାର ଲାଭ ଉଠାଇପାରିବେ । ଆସୋସିଏସନ୍ ପକ୍ଷରୁ ମୁମ୍ବାଇର ବାନ୍ଦ୍ରା, କୁର୍ଲା କମ୍ପ୍ଲେକ୍ସ ସେଣ୍ଟରରେ ଏହି ଟିକାକରଣ ବ୍ୟବସ୍ଥା କରାଯାଇଛି ।



# ୩୦୦୦ କର୍ମଚାରୀଙ୍କ ଆକାଉଣ୍ଟକୁ ଟଙ୍କା ପଠାଇବେ 'କେଜିଏଫ୍' ଷ୍ଟାର ଯଶ୍

କେଜିଏଫ୍ ସୁପରଷ୍ଟାର୍ ଯଶ୍ । ତାଙ୍କ ଅଭିନୟ ଏବଂ ଷ୍ଟାଇଲ୍‌କୁ ଦେଖି ଫ୍ୟାନ୍‌ମାନେ ପାଗଳ । ଯଶ୍ ତାଙ୍କ ପ୍ରତିଟି ଫ୍ୟାନ୍‌ମାନଙ୍କର ସମ୍ମାନ କରନ୍ତି ଏବଂ ତାଙ୍କର ଯତ୍ନ ମଧ୍ୟ ନିଅନ୍ତି । କେବଳ ଫ୍ୟାନ୍‌ମାନଙ୍କ ନୁହଁ ଫିଲ୍ମ ଇଣ୍ଡଷ୍ଟ୍ରିର ଅନ୍ୟ ଲୋକଙ୍କୁ ମଧ୍ୟ ସେ ବଶେ୍ ସମ୍ମାନ କରନ୍ତି । ଏବେ ଏହି ଫିଲ୍ମ ଇଣ୍ଡଷ୍ଟ୍ରୀର କର୍ମଚାରୀଙ୍କ ପାଇଁ ଆଗେଇ ଆସିଛନ୍ତି ଯଶ୍ । ସେମାନଙ୍କ ପାଇଁ ବଢ଼ାଇଛନ୍ତି ସହାୟତାର ହାତ ।

କନ୍ନଡ ଫିଲ୍ମ ଇଣ୍ଡଷ୍ଟ୍ରିର ଶ୍ରମିକମାନଙ୍କୁ ସାହାଯ୍ୟ କରିବା ପାଇଁ ଯଶ ଏକ ବଡ ନିଷ୍ପତ୍ତି ନେଇଛନ୍ତି । କରୋନା ମହାମାରୀ ଯୋଗୁଁ ଫିଲ୍ମ ଇଣ୍ଡଷ୍ଟ୍ରିରେ କାମ ବନ୍ଦ ହୋଇପଡିଛି । ଏଭଳି ସ୍ଥିତିରେ ସେଠାରେ କାମ କରୁଥିବା ଦୈନିକ ଶ୍ରମିକମାନେ ଆର୍ଥିକ ସଙ୍କଟ ଦେଇ ଗତି କରୁଛନ୍ତି । ସେମାନଙ୍କ ସଙ୍କଟ ଦୂର କରିବା ପାଇଁ ସୁପରଷ୍ଟାର ଯଶ କନ୍ନଡ ଫିଲ୍ମ ଇଣ୍ଡଷ୍ଟ୍ରିର ୩ ହଜାରରୁ ଅଧିକ ଶ୍ରମିକଙ୍କୁ ସାହାଯ୍ୟର ହାତ ବଢାଇଛନ୍ତି ।

ଯଶ ନିଜ ଟ୍ୱିଟର ଆକାଉଣ୍ଟରେ ଏକ ପୋଷ୍ଟ ସେୟାର କରିଛନ୍ତି । ଏଥିରେ ସେ କହିଛନ୍ତି, 'କୋଭିଡ -୧୯ ଏପରି ଏକ ଅଦୃଶ୍ୟ ଶତ୍ରୁ ଯାହା ଦେଶର ଅନେକ ଲୋକଙ୍କ ଜୀବିକା ଛଡ଼ାଇ ନେଇଛି । ମୋର କନ୍ନଡ ଫିଲ୍ମ ଇଣ୍ଡଷ୍ଟ୍ରୀ କୋଭିଡ ସମୟରେ କଠିନ ସମୟ ଦେଇ ଗତି କରୁଛି । ଏହି ସମୟରେ, ମୁଁ ନିଷ୍ପତ୍ତି ନେଇଛି ଯେ ଆମ ଫିଲ୍ମ ଇଣ୍ଡଷ୍ଟ୍ରୀର ୨୧ ଟି ବିଭାଗର ୩ ହଜାରରୁ ଅଧିକ କର୍ମଚାରୀଙ୍କୁ ମୁଁ ମୋର ରୋଜଗାରରୁ ପାଞ୍ଚ ହଜାର ଟଙ୍କା ଲେଖାଁଏ ସେମାନଙ୍କ ଆକାଉଣ୍ଟରେ ପଠାଇବି । ମୁଁ ଜାଣେ ଏହି କଷ୍ଟ ସମୟରେ ଆପଣମାନେ ଯେଉଁ କ୍ଷତି ସହିଛନ୍ତି, ତାହା ପୂରଣ କରିବାରେ ଏହା ସକ୍ଷମ ହେବ ନାହିଁ କିନ୍ତୁ ଏହା ଏକ ଆଶାର କିରଣ ।'

ଖୁବ୍ ଶୀଘ୍ର ଫିଲ୍ମ 'କେଜିଏଫ୍ ଚ୍ୟାପ୍ଟର ୨'ରେ ଯଶ ନଜର ଆସିବେ । ଏଥିରେ ସଞ୍ଜୟ ଦତ୍ତ ମୁଖ୍ୟ ଭିଲେନ୍ ଭୂମିକାରେ ଅଛନ୍ତି । ଏହି ଫିଲ୍ମ ତେଲୁଗୁ, ତାମିଲ, ମାଲାୟାଲମ୍ ଏବଂ ହିନ୍ଦୀ ଭାଷାରେ ରିଲିଜ୍ ହେବ । ଆସନ୍ତା ଜୁଲାଇ ୧୬ରେ ଫିଲ୍ମଟି ସିନେମା ହଲରେ ରିଲିଜ୍ ହେବ ବୋଲି ନିର୍ଦ୍ଦେଶକ ପ୍ରଶାନ୍ତ ନୀଲ କହିଛନ୍ତି ।

# ଅଭିନେତା କରଣ ମେହରା ଗିରଫ

ଟେଲିଭିଜନ ଦୁନିଆର ଜଣାଶୁଣା ଅଭିନେତା କରଣ ମେହରାଙ୍କୁ ଗିରଫ କରିଛି ମୁମ୍ବାଇ ପୁଲିସ୍ । ତାଙ୍କ ପତ୍ନୀ ନିଶା ରାୱଲଙ୍କ ଅଭିଯୋଗ କ୍ରମେ ପୁଲିସ୍ ତାଙ୍କୁ ଗିରଫ କରିଛି । କରଣ ତାଙ୍କୁ ମାଡ଼ ମାରିଥିବା ନେଇ ନିଶା ଅଭିଯୋଗ କରିଛନ୍ତି । ସୋମବାର ରାତିରେ ନିଶା ଗୋରେଗାଁଓ ଅଞ୍ଚଳର ଏକ ଥାନାରେ କରଣଙ୍କ ବିରୋଧରେ ଅଭିଯୋଗ କରିଥିଲେ । ଏହା ପରେ ପୁଲିସ୍ ମାମଲା ରୁଜୁ କରି କରଣଙ୍କୁ ଗିରଫ କରିଛି । କରଣ ଓ ନିଶାଙ୍କ ବୈବାହିକ ଜୀବନରେ ଫାଟ ସୃଷ୍ଟି ହୋଇଛି । ଏମିତିକି ଦୁହିଁଙ୍କ ମଧ୍ୟରେ ବିବାହ ବିଚ୍ଛେଦ ହେବ ବୋଲି ନିକଟରେ କିଛି ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା । ଅବଶ୍ୟ ନିଶା ଏହାକୁ ଖଣ୍ଡନ କରିଥିଲେ । କିନ୍ତୁ କରଣ ଏନେଇ କିଛି ମନ୍ତବ୍ୟ ଦେଇ ନଥିଲେ । କରଣ ଓ ନିଶାଙ୍କ ବାହାଘରକୁ ୯ ବର୍ଷ ହୋଇଗଲାଣି । ସେମାନଙ୍କର ଏ ୪ ବର୍ଷର ପୁଅ ଅଛି । ତେବେ ବେଶ୍ କିଛି ଦିନ ହେବ ସେମାନଙ୍କ ମଧ୍ୟରେ ଚାଲିଥିବା ବିବାଦ ପଦାରେ ପଡ଼ିଛି । କରଣ ମହେରା ଟିଭି ସିରିଏଲ୍ 'ୟେ ରିସ୍ତା କ୍ୟା କହଲାତା ହେ'ରେ ଲିଡ୍ ରୋଲ୍‌ରେ ଅଭିନୟ କରି ଘରେ ଘରେ ପରିଚିତ ହୋଇଥିଲେ । ଏହି ଧାରାବାହିକରେ ତାଙ୍କ ସହିତ ଲିଡ୍ ରୋଲ୍‌ରେ ଥିଲେ ଅଭିନେତ୍ରୀ ହୀନା ଖାନ୍ ।



# 'ସର୍କସ' କରିବେ ପୂଜା

ସାଉଥ ସୁନ୍ଦରୀ ପୂଜା ହେଗଡେ । ସେ ପ୍ୟାନ୍-ଇଣ୍ଡିଆର ସବୁଠାରୁ ବ୍ୟସ୍ତ ଅଭିନେତ୍ରୀଙ୍କ ମଧ୍ୟରୁ ଜଣେ । ଏହି ବ୍ୟସ୍ତ ଅଭିନେତ୍ରୀ ଜଣକ ଏବେ 'ସର୍କସ' କରିବେ । ତେବେ ସତ ସତିକା ସର୍କସ ନୁହେଁ ରଣବୀର ସିଂଙ୍କ ଅପକମିଂ ଫିଲ୍ମ 'ସର୍କସ'ରେ ତାଙ୍କୁ ଦେଖିବାକୁ ମିଳିବି ।

କରୋନାର ଦ୍ୱିତୀୟ ଲହର ଏବଂ ଲକଡାଉନ ପୂର୍ବରୁ , ପୂଜା ନିଜ ଫିଲ୍ମ ପାଇଁ ନନ୍‌ଷ୍ଟପ୍ ସୁଟିଂରେ ବ୍ୟସ୍ତ ଥିଲେ । ସେହି ଫିଲ୍ମ ମଧ୍ୟରୁ ଗୋଟିଏ ଫିଲ୍ମ ଥିଲା ରୋହିତ ସେଟ୍ଟିଙ୍କ 'ସର୍କସ' । ଏହି ଫିଲ୍ମରେ ପ୍ରଥମ ଥର ପାଇଁ ପୂଜାଙ୍କୁ ରଣବୀର ସିଂହଙ୍କ ଅପୋଜିଟ୍‌ରେ ଦେଖିବାକୁ ମିଳିବ । ନିକଟରେ ପୂଜା ଏହି ଫିଲ୍ମକୁ ନେଇ ନିଜ ଅନୁଭୂତି ବଖାଣିଛନ୍ତି । ସେ କହିଛନ୍ତି, ଏହି ଫିଲ୍ମରେ କାମ କରିବା ମୋ ପାଇଁ ଏକ ପାର୍ଟିରେ ଯୋଗ ଦେବା ଭଳି ଥିଲା । ମୁଁ କେବେବି କୌଣସି ଫିଲ୍ମ ସେଟ୍‌ରେ ଏତେ ହସି ନାହିଁ । ଏହି ପୂରା ଫିଲ୍ମ ସେଟ୍ ଏବଂ ଫିଲ୍ମରେ କାମ କରିବା ପାଇଁ ମୋତେ ବେଶ୍ ଭଲ ଲାଗିଲା ବୋଲି ପୂଜା କହିଛନ୍ତି । ଅଭିନେତ୍ରୀ ପୂଜା ହେଗଡେ କେବଳ ବଲିଉଡ ଫିଲ୍ମ ନୁହେଁ ତେଲୁଗୁ ଏବଂ ତାମିଲ ଫିଲ୍ମରେ ମଧ୍ୟ ବେଶ୍ ସକ୍ରିୟ । ରଣବୀର ସିଂହଙ୍କ 'ସର୍କସ' ବ୍ୟତୀତ ଆଗକୁ ପୂଜା ଅନେକ ବିଗ୍ ବଜେଟ୍ ଫିଲ୍ମରେ ନଜର ଆସିବେ । ସଲମାନଙ୍କ ସହ 'କଭି ଇଦ୍ କଭି ଦିୱାଲି', ପ୍ରଭାସଙ୍କ ସହ 'ରାଧେ ଶ୍ୟାମ', ରମଚରଣଙ୍କ ସହ 'ଆଚାର୍ଯ୍ୟ', ଅଖିଲ ଅକିନେନିଙ୍କ ସହ 'ମୋଷ୍ଟ ଏଲିଜିବଲ ବ୍ୟାଚଲର' ଏବଂ ତାମିଲ ସୁପରଷ୍ଟାର ବିଜୟଙ୍କ ସହ 'ଥଲାପତି-୬୫'ରେ ନଜର ଆସିବେ ପୂଜା ।

# ଲୋକଙ୍କ ସହଯୋଗ ଲୋଡ଼ିଲେ ବିବେକ



ମହାମାରୀ କରୋନା କାଳରେ ଲୋକଙ୍କ ସହାୟତା ମାଗିଛନ୍ତି ବଲିଉଡ ଅଭିନେତା ବିବେକ ଓବରୟ । ହେଲେ ସେ ନିଜ ପାଇଁ ନୁହେଁ କ୍ୟାନ୍‌ସର ପୀଡିତ ଛୁଆଙ୍କ ପାଇଁ ଏହି ସହାୟତା ଲୋଡିଛନ୍ତି ।

କରୋନା ମହାମାରୀ ଭିତରେ ପୂର୍ବରୁ ଅନେକ ଲୋକ ଗମ୍ଭୀର ରୋଗରେ ପୀଡିତ ଅଛନ୍ତି । ସେଥିମଧ୍ୟରୁ ଗୋଟିଏ ହେଲା କ୍ୟାନ୍ ?ସର । ଏବେ ଏହି ରୋଗ ସହ ଲଢୁଥିବା ଛୋଟ ଛୋଟ ଛୁଆଙ୍କ ସହାୟତା ପାଇଁ ଆଗେଇ ଆସିଛନ୍ତି ଅଭିନେତା ବିବେକ ଓବରୟ ।

ନିକଟରେ ସୋଶାଲ ମଡିଆରେ ବିବେକ ଏକ ଭିଡିଓ ସେଆର କରିଛନ୍ତି । ଏଥିରେ ସେ କହିଛନ୍ତି, 'କ୍ୟାନ୍‌ସର ସହ ଲଢୁଥିବା ୩୦୦୦ ଆବଶ୍ୟକୀୟ ପିଲାଙ୍କ ପାଇଁ ସେ ଖାଦ୍ୟ ପହଁଚାଇବାକୁ ଚାହୁଁଛନ୍ତି । ଏହି ସମୟରେ ସେ ଫଣ୍ଡରେଜ ଜରିଆରେ ଲୋକଙ୍କ ସହାୟତା ମଧ୍ୟ ମାଗିଛନ୍ତି । ଯଦି ଜଣେ ଲୋକ ୧ ହଜାର ଟଙ୍କା ବି ଦାନ କରନ୍ତି ତେବେ ସେଥିରୁ ଜଣେ କ୍ୟାନ୍‌ସର ପୀଡିତ ଶିଶୁର ମାସକର ଖାଦ୍ୟ ଯୋଗାଡ ହୋଇପାରିବ ।'

ବିବେକ ଆହୁରି କହିଛନ୍ତି, କ୍ୟାନ୍‌ସର ପେସେଣ୍ଟ ଆଡ୍ ଆସୋସିଏସନ୍ ଗତ ୫୨ ବର୍ଷ ଧରି କ୍ୟାନ୍‌ସର ଚିକିତ୍ସା ପ୍ରତି ନିଜ ଧ୍ୟାନ କେନ୍ଦ୍ରିତ କରିଆସୁଛି । ଚିକିତ୍ସା ବ୍ୟତୀତ ଏହା ସର୍ବଦା ରୋଗୀଙ୍କ ବିଷୟରେ ଚିନ୍ତା କରିଥାଏ । ଯେଉଁମାନେ କ୍ୟାନସର ରୋଗର ଚିକିତ୍ସା କରିବାରେ ଅସମର୍ଥ ସେମାନଙ୍କୁ ସହାୟତା ଯୋଗାଇବା ଏହି ସଙ୍ଗଠନର ମୂଳ ଲକ୍ଷ୍ୟ । ତେଣୁ ଆସନ୍ତା ୩ ମାସ ପାଇଁ ଆମେ କ୍ୟାନ୍‌ସର ରୋଗୀଙ୍କ ଲାଗି ଖାଦ୍ୟପେୟ ଯୋଗାଡ କରିବା ପାଇଁ ଚେଷ୍ଟା ଚାଳାଇଛୁ । କିନ୍ତୁ ଏହି କାମକୁ ଆମ ଏକା କରିପାରିବୁ ନାହିଁ । ତେଣୁ ଏଥିରେ ଆପଣଙ୍କ ସହଯୋଗ ଦରକାର ବୋଲି ବିବେକ ଲୋକଙ୍କୁ ନିବେଦନ କରିଛନ୍ତି ।

କରୋନା ମହାମାରୀ ମଧ୍ୟରେ ଅଭିନେତା ବିବେକଙ୍କ ଏଭଳି ଚିନ୍ତାଧାରା ଓ ସହାୟତା ପାଇଁ ଲୋକେ ପ୍ରଶଂସା କରିଛନ୍ତି ।

# ମାଛ ଚାଷରେ ବାୟୋଫ୍ଲକ୍ ଏକ ବିପ୍ଳବ : ମନ୍ତ୍ରୀ



ଭୁବନେଶ୍ୱର,୩/୬ (ନି.ପ୍ର): ମାଛ ଚାଷ କ୍ଷେତ୍ରରେ ବାୟୋ-ଫ୍ଲକ୍ ଏକ ବିପ୍ଳବ ଆଣିପାରିବ । ବିଗତ ଦୁଇ ଦଶନ୍ଧି ମଧ୍ୟରେ ଓଡ଼ିଶା ମାଛ ଉତ୍ପାଦନରେ ଉଲ୍ଲେଖନୀୟ ଅଗ୍ରଗତି ହାସଲ କରିଛି । ବିଗତ ୨୦ ବର୍ଷ ମଧ୍ୟରେ ରାଜ୍ୟରେ ମାଛ ଉତ୍ପାଦନ ୧.୫୬ ଲକ୍ଷ ମେଟ୍ରିକ୍ ଟନ୍‌ରୁ ୨୦୨୦-୨୧ରେ ୮.୭୩ ଲକ୍ଷ ମେଟ୍ରିକ୍ ଟନ୍ ହୋଇଛି । ରାଜ୍ୟରେ ମତ୍ସ୍ୟ ଉତ୍ପାଦନ ବୃଦ୍ଧି ଦିଗରେ ରାଜ୍ୟରେ ପର୍ଯ୍ୟାପ୍ତ ସୁଯୋଗ ରହିଥିବାବେଳେ ନୂତନ ଜ୍ଞାନକୌଶଳ ବାୟୋ ଫ୍ଲକ୍ ପଦ୍ଧତିରେ ମାଛ ଚାଷ ରାଜ୍ୟକୁ ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ ଏକ ବଳକା ରାଜ୍ୟରେ ପରିଣତ କରିବା ସହିତ ବିପୁଳ ରପ୍ତାନୀର ସୁଯୋଗ ସୃଷ୍ଟି କରିବ ବୋଲି କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ, ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ କହିଛନ୍ତି । ରାଜ୍ୟରେ ବାୟୋ ଫ୍ଲକ୍ ପଦ୍ଧତିରେ କରାଯାଉଥିବା ମାଛ ଚାଷର ଅଗ୍ରଗତି ସଂପର୍କରେ ଆୟୋଜିତ ଏକ ଭର୍ଚୁଆଲ ସମୀକ୍ଷା ବୈଠକରେ ଯୋଗଦେଇ ରାଜ୍ୟର ବିଭିନ୍ନ ଅଂଚଳର ବାୟୋ ଫ୍ଲକ୍ ଉଦ୍ୟୋଗୀମାନଙ୍କ ସହିତ ସେମାନଙ୍କ ପ୍ରକଳ୍ପ ସଂପର୍କରେ ଆଲୋଚନା କରିଥିଲେ । ଆଲୋଚନା ଅବସରରେ ମନ୍ତ୍ରୀ ଡ. ସାହୁ କହିଲେ ଯେ ଏହି ପଦ୍ଧତିରେ କମ ଜାଗାରେ ଏବଂ କମ୍ ଜଳରେ ଫାର୍ମ ପଣ୍ଡ ତୁଳନାରେ ପ୍ରାୟ ଦଶଗୁଣ ଅଧିକ ମାଛ ଉତ୍ପାଦନ ହୋଇପାରୁଛି । ଏହି ଯୋଜନାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆକର୍ଷଣୀୟ ସବ୍‌ସିଡିର ବ୍ୟବସ୍ଥା କରାଯାଇଛି । ସାଧାରଣ ବର୍ଗର ଉଦ୍ୟୋଗୀମାନଙ୍କୁ ୪୦ ପ୍ରତିଶତ ସବ୍‌ସିଡି ଦିଆଯାଉଥିବାବେଳେ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଏବଂ ମହିଳା ଉଦ୍ୟୋଗୀମାନଙ୍କୁ ୬୦ ପ୍ରତିଶତ ସବ୍‌ସିଡି ପ୍ରଦାନ କରାଯାଉଛି । ବାୟୋ-ଫ୍ଲକ୍ ଟ୍ୟାଙ୍କ ପ୍ରତିଷ୍ଠା ନିମନ୍ତେ ବ୍ୟାଙ୍କରୁ ଋଣ ପ୍ରଦାନର ବ୍ୟବସ୍ଥା ରହିଥିବାବେଳେ ଯୁବ ଉଦ୍ୟୋଗୀମାନେ ଅଧିକ ସଂଖ୍ୟାରେ ପ୍ରକଳ୍ପ ପ୍ରତିଷ୍ଠା ଦିଗରେ ମନୋନିବେଶ କରି ଆତ୍ମନିଯୁକ୍ତି ପାଇବା ସହିତ ଅନ୍ୟମାନଙ୍କ ନିମନ୍ତେ ନିଯୁକ୍ତି ସୁଯୋଗ ସୃଷ୍ଟି କରିପାରିବେ । ରାଜ୍ୟ ସରକାର ବାୟୋ ଫ୍ଲକ୍ ପ୍ରଣାଳୀରେ ମାଛ ଚାଷକୁ ଗୁରୁତ୍ୱ ପ୍ରଦାନ କରୁଥିବାବେଳେ ଉଦ୍ୟୋଗୀ ମାନଙ୍କୁ ମାଛ ଚାଷ ସଂପର୍କରେ ବିଭାଗ ପକ୍ଷରୁ ପ୍ରଶିକ୍ଷଣ ଦେବାର ବ୍ୟବସ୍ଥା କରାଯାଇଛି । ବାୟୋ ଫ୍ଲକ୍ ଉଦ୍ୟୋଗୀମାନଙ୍କୁ ଠିକ୍ ସମୟରେ ମାଛ ଜାଅଁଳ ଯୋଗାଇଦେବା କ୍ଷେତ୍ରରେ ଆବଶ୍ୟକୀୟ ପଦକ୍ଷେପ ନେବା ପାଇଁ ମନ୍ତ୍ରୀ ଡ. ସାହୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ମତ୍ସ୍ୟ ନିର୍ଦ୍ଦେଶାଳୟର ଅଧିକାରୀମାନେ ନିୟମିତ ବାୟୋ-ଫ୍ଲକ୍ ଉଦ୍ୟୋଗୀମାନଙ୍କ ସହିତ ସିଧାସଳଖ ସଂପର୍କ ରଖିବା ପାଇଁ ମନ୍ତ୍ରୀ ଡ. ସାହୁ ପରାମର୍ଶ ଦେବା ସହିତ ବାୟୋ-ଫ୍ଲକ୍ ମାଛ ଚାଷ ସମ୍ବନ୍ଧିତ ସମସ୍ତ ତଥ୍ୟ ବିଭାଗୀୟ ୱେବ୍‌ସାଇଟ୍ ଏବଂ ସାମାଜିକ ଗଣମାଧ୍ୟମରେ ଉପଲବ୍ଧ କରାଇବା ପାଇଁ ମନ୍ତ୍ରୀ କହିଥିଲେ । ଆଜିର ଆଲୋଚନାରେ ବାୟୋ-ଫ୍ଲକ୍ ଉଦ୍ୟୋଗୀମାନଙ୍କର ମତାମତକୁ ତର୍ଜମା କରାଯାଇ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ଡ. ସାହୁ କହିଥିଲେ । ବୈଠକରେ ମତ୍ସ୍ୟ ଓ ପ୍ରାଣୀସଂପଦ ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀ ଆର. ରଘୁପ୍ରସାଦ କହିଲେ ଯେ ରାଜ୍ୟରେ ଅଦ୍ୟାବଧି ୧୬୧୨ଟି ବାୟୋ-ଫ୍ଲକ୍ ଟ୍ୟାଙ୍କ ନିର୍ମାଣ କରାଯାଇଛି । ଏବଂ ୨୦୨୧-୨୨ ବର୍ଷରେ ରାଜ୍ୟରେ ୫୦୦୦ ବାୟୋ-ଫ୍ଲକ୍ ଟ୍ୟାଙ୍କ ନିର୍ମାଣର ଲକ୍ଷ୍ୟ ରଖାଯାଇଛି । ଜିଲ୍ଲା ମତ୍ସ୍ୟ ଅଧିକାରୀମାନେ କ୍ଷେତ୍ର ଅଧିକାରୀମାନଙ୍କୁ ପଠାଇ ନିର୍ମାଣଧୀନ ସମସ୍ତ ବାୟୋ-ଫ୍ଲକ୍ ଟ୍ୟାଙ୍କକୁ ଜୁନ୍ ୨୦୨୧ ସୁଦ୍ଧା ସାରିବା ପାଇଁ ସଚିବ ଶ୍ରୀ ରଘୁପ୍ରସାଦ ନିର୍ଦ୍ଦେଶ ଦେଇଥିଲେ । ବୈଠକ ପ୍ରାରମ୍ଭରେ ମତ୍ସ୍ୟ ନିର୍ଦ୍ଦେଶାଳ ୟର ନିର୍ଦ୍ଦେଶକ ସ୍ମୃତିରଞ୍ଜନ ପ୍ରଧାନ ବାୟୋ-ଫ୍ଲକ୍ ଯୋଜନା ସଂପର୍କରେ ବିଶଦ ଭାବରେ ଆଲୋଚନା କରିଥିଲେ । କୋଭିଡ୍-୧୯ ମହାମାରୀ ପରିପ୍ରେକ୍ଷୀରେ ବାୟୋ-ଫ୍ଲକ୍ ମତ୍ସ୍ୟ ଉଦ୍ୟୋଗୀମାନଙ୍କୁ ବିଭାଗ ପକ୍ଷରୁ ଅନ୍‌ଲାଇନ୍ ମାଧ୍ୟମରେ ପ୍ରଶିକ୍ଷଣ ଦିଆଯାଉଛି ବୋଲି କହିଥିଲେ । ବୈଠକରେ ବିଭାଗୀୟ ବରିଷ୍ଠ ଅଧିକାରୀଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ରାଜ୍ୟର ବିଭିନ୍ନ ଜିଲ୍ଲାର ବାୟୋ-ଫ୍ଲକ୍ ମତ୍ସ୍ୟ ଉଦ୍ୟୋଗୀମାନେ ଯୋଗଦେଇ ସେମାନଙ୍କ ମତାମତ ପ୍ରଦାନ କରିଥିଲେ।

## ନୂତନ ଷ୍ଟାର୍ଟଅପ୍ କୃଷି କ୍ଷେତ୍ରରେ ଅଧିକ ସମ୍ଭାବନା ସୃଷ୍ଟି କରିବ

ଭୁବନେଶ୍ୱର,୩/୬ (ନି.ପ୍ର): କୃଷି ଓ ଆନୁଷଙ୍ଗିକ କ୍ଷେତ୍ରକୁ ଅଧିକ ପାରଦର୍ଶୀ ଏବଂ ସମୃଦ୍ଧ କରିବା ପାଇଁ ରାଜ୍ୟରେ କେତେକ ନୂତନ ଷ୍ଟାର୍ଟଅପ୍ ଆଗେଇ ଆସିଛନ୍ତି। ଏହା ଆଗାମୀ ଦିନରେ କୃଷି କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନର ମାଧ୍ୟମ ସାଜିବ ବୋଲି ଆଶା କରାଯାଉଛି। ରାଜ୍ୟ ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ ବିଭାଗର ଷ୍ଟାର୍ଟଅପ୍ ଓଡ଼ିଶା ଅଧୀନରେ ପଂଜୀକୃତ ତଥା ପ୍ରୋତ୍ସାହନ ଏବଂ ସହାୟତାରେ କାର୍ଯ୍ୟ କରୁଥିବା ଏହି ଷ୍ଟାର୍ଟଅପ୍‌ଗୁଡ଼ିକ ତାଙ୍କର ଉତ୍ପାଦଗୁଡ଼ିକୁ ବଜାର ପ୍ରବେଶ କରାଇଛନ୍ତି। ଏଥିରେ ଆଲଫାଇଭ୍ ଟେକ୍ନୋଲୋଜି ପ୍ରା.ଲିଃ ଦ୍ୱାରା ପ୍ରସ୍ତୁତ ଇଲେକ୍ଟ୍ରିକ୍ ଯାନ, ଯାହା ଡାଏରୀ ଫାର୍ମ ସଫେଇ, ଗୋବର ଉଠାଇବା, ଔଷଧ ସିଂଚନ ପାଇଁ ବ୍ୟବହାରଯୋଗ୍ୟ ମେସିନ୍ ଉତ୍ପାଦନ କରୁଛନ୍ତି। ଏହା ସ୍ୱଳ୍ପ ମୂଲ୍ୟର ଏବଂ ଏହା ଦ୍ୱାରା ଅଳ୍ପ ସମୟ ମଧ୍ୟରେ ଚାଷୀମାନେ ଅଧିକ କାର୍ଯ୍ୟ କରିବାରେ ସକ୍ଷମ ହୋଇପାରିବେ। ସେହିପରି ବାଲେଶ୍ୱର ଆଗ୍ରୋ ପ୍ରା. ଲିଃ ଦ୍ୱାରା ନିର୍ମିତ ମଞ୍ଜିବୁଣା ଯନ୍ତ୍ର, ବିଶେଷ ଭାବେ ବାଦାମ ବୁଣିବାରେ ଏହା ବ୍ୟବହୃତ ହୋଇପାରିବ। ଏହା ପ୍ରାୟ ୭ ହଜାର ଟଙ୍କାରେ ଉପଲବ୍ଧ ହେଉଛି ଏବଂ ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର ଜିଲ୍ଲାର ୩୫୦୦ ଚାଷୀ ଏହା କିଣିଥିବା ଏକ ରିପୋର୍ଟରେ ଦର୍ଶାଯାଇଛି। ଫଳରେ ଏହି ଯନ୍ତ୍ର ବ୍ୟବହାର କରି ଚାଷୀ ଅଧିକ କ୍ଷେତରେ ଚାଷ କରିପାରିବ। ଅନ୍ୟ ଏକ ଷ୍ଟାର୍ଟଅପ୍ ବାରିଫ୍ଲୋ ଲାବ୍ ପ୍ରା. ଲିଃ ସ୍ୱତନ୍ତ୍ର ଭାବେ ଜଳାଶୟ ଜଳ ବିଶୋଧନ ଏବଂ ପରିଚାଳନା ପାଇଁ ଉପାୟ ବାହାର କରିଛନ୍ତି। ଏହି ଜ୍ଞାନକୌଶଳ ପ୍ରୟୋଗରେ ପୌରାଂଚଳଗୁଡ଼ିକରେ ଥିବା ପ୍ରଦୂଷିତ ଜଳାଶୟଗୁଡ଼ିକୁ ପୁନରୁଦ୍ଧାର କରାଯାଇପାରିବ। ତା'ଛଡ଼ା ମତ୍ସ୍ୟଚାଷୀମାନେ ମଧ୍ୟ ଏମାନଙ୍କ ସହାୟତା ନେଇ ତାଙ୍କ ପୋଖରୀରେ ନ୍ୟୁଟ୍ରିଂଟ ପରିଚାଳନା କରିପାରିବେ। ହରିପ୍ରିୟା ଆଗ୍ରୋ ଇଂଟଷ୍ଟ୍ରିଜ୍ ଧାନକଳରୁ ବାହାରୁ ଥିବା କୁଣ୍ଡାରୁ ଇସ୍ପାତ କାରଖାନା ପାଇଁ ଉପଯୋଗୀ ପେଲେଟ ନିର୍ମାଣ କରୁଛି। ବର୍ତ୍ତମାନ ତାହା ସାଉଦୀ ଆରବ, ବାହାରିନ୍, ତାଇୱାନ୍ ଭଳି ଦେଶଗୁଡ଼ିକୁ ରପ୍ତାନୀ କରାଯାଉଛି। ମାକ୍ ଫି ସଲ୍ୟୁସନ୍ସ ପ୍ରା.ଲିଃ କୋଲଡ୍‌ଚେନ୍ ଉପରେ ଉତ୍ପାଦ ନିର୍ମାଣ କରୁଛି। ଏହା ଖାଦ୍ୟ ଦ୍ରବ୍ୟ, ଫଳ, ପନିପରିବା, ମାଛ ଭଳି ଦ୍ରବ୍ୟକୁ ସହଜରେ ଦୂର ସ୍ଥାନକୁ ତଟକା ରଖି ପରିବହନ କରିବାରେ ଉପଯୋଗୀ ହୋଇପାରୁଛି। ଏହା ଚାଷୀଙ୍କୁ କ୍ଷତି ସହିବାରୁ ରକ୍ଷା କରିପାରିବ। ସେହିପରି ନିସର୍ଗ ବ୍ଲିସ୍ ପ୍ରା. ଲିଃ ତାଜା ଗାଈକ୍ଷୀରରେ ବିଭିନ୍ନ ବେଭେରେଜ୍ ସାମଗ୍ରୀ ପ୍ରସ୍ତୁତ କରୁଛି। ବିନା ରାସାୟନିକ ପ୍ରୟୋଗ, ଅପମିଶ୍ରଣରହିତ, ଶୂନ୍ୟ ପ୍ରଦୂଷିତ ତଥା ଉତ୍ତମ ମାନର ଗୁଣଯୁକ୍ତ ଏହି ଉତ୍ପାଦ ସଂପୂର୍ଣ୍ଣ ଅର୍ଗାନିକ ଉତ୍ପାଦ ଭାବେ ପରିଗଣିତ ହୋଇଛି। ଏହା ଦୁଗ୍ଧ ଚାଷୀମାନଙ୍କୁ ଲାଭବାନ କରିବା ସହ ଉପଭୋକ୍ତାଙ୍କୁ ମଧ୍ୟ ଉତ୍ତମ ମାନର ସାମଗ୍ରୀ ଯୋଗାଇ ପାରିବ। ରିଙ୍ଗେଟଲେସ୍ ଫୁଡ୍ ପ୍ରା. ଲିଃ ଏକ କ୍ଲାଉଡ୍ ବେସଡ୍ ବୈଷୟିକ ଜ୍ଞାନକୌଶଳର ସୃଷ୍ଟି କରିଛି। ଏହା ଯେକୌଣସି କୃଷି ଉତ୍ପାଦକୁ ବଜାର ସହ ଲିଙ୍କ କରିପାରିବ। ଫଳରେ ବିପଣନ କ୍ଷେତ୍ର ଅଧିକ କ୍ରିୟାଶୀଳ ହେବା ସହ କାରବାର ଅଧିକ ସୁଗମ ହୋଇପାରିବ। ତା'ଛଡ଼ା ଅନ୍ୟ ସଂସ୍ଥା ଟି-ଫାର୍ମ ପ୍ରା.ଲିଃ ମଧ୍ୟ ଜଳ ବିଶୋଧନ ଏବଂ ବିନା ମୃର୍ତ୍ତିକାରେ ଉଦ୍ଭିଦ ଚାଷ କରିବା ଏବଂ ଏହାର ନିକଟ ନିରୀକ୍ଷଣ ଓ ତଦାରଖ ଆଦି ସେବା ଯୋଗାଉଛି। ଅଫ୍ ସଏଲ୍ ଟେକ୍ନୋଲୋଜି ପ୍ରା. ଲିଃ ୫ରୁ ୧୦ ମିନିଟ୍ ମଧ୍ୟରେ ମୃର୍ତ୍ତିକା ପରୀକ୍ଷା କରି ୧୨ଟି ନ୍ୟୁଟ୍ରିଏଂଟ ବିଶ୍ଳେଷଣ କରିବାର ଯନ୍ତ୍ର ନିର୍ମାଣ କରିଛି। ଏହା ଚାଷୀମାନଙ୍କୁ କେଉଁ ମାଟିରେ କି ପ୍ରକାର କୃଷି ହୋଇପାରିବ ତାହା ଜଣାଇଦେଇ ପାରିବ।

## ସାର୍ବଜନୀନ ଦେୟମୁକ୍ତ ଟିକାକରଣ ପାଇଁ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ଦେବ କଂଗ୍ରେସ

ଭୁବନେଶ୍ୱର,୩/୬ (ନି.ପ୍ର): ୧୪୦ କୋଟି ଦେଶବାସୀ ମଧ୍ୟରୁ ପ୍ରାୟ ୨୧କୋଟି ନାଗରିକ ସାରା ଦେଶରେ ଟୀକା ନେଇଥିବା ବେଳେ ଆଉ ୧୧୯ କୋଟି ଲୋକଙ୍କୁ କେନ୍ଦ୍ର ସରକାର ସାର୍ବଜନୀନ ଦେୟମୁକ୍ତ ଟୀକାକରଣର ସୁବ୍ୟବସ୍ଥା କରିବାକୁ ଭାରତୀୟ ଜାତୀୟ କଂଗ୍ରେସ ପ୍ରଧାନମନ୍ତ୍ରୀଙ୍କୁ ଏକାଧିକ ବାର ପରାମର୍ଶ ଓ ଅନୁରୋଧ କରିଥିଲେ ବି କେନ୍ଦ୍ର ସରକାର ଏ କ୍ଷେତ୍ରରେ କୌଣସି ପଦକ୍ଷେପ ଏଯାବତ ନେଇ ନଥିବାରୁ ଆସନ୍ତା ୪ ଜୁନ ଶୁକ୍ରବାର ସାରା ଦେଶରେ ପ୍ରତ୍ୟେକ ଜିଲ୍ଲାର ଜିଲ୍ଲାପାଳଙ୍କୁ କଂଗ୍ରେସ କମିଟି ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିବାପାଇଁ ନିର୍ଦ୍ଦେଶ ରହିଥିଲା ବେଳେ ପ୍ରାଦେଶିକ ସ୍ତରରେ ପିସିସି ପକ୍ଷରୁ ରାଜ୍ୟପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯିବ ଓ ପିସିସି କାର୍ଯ୍ୟାଳୟରେ ସାମ୍ବାଦିକ ସମ୍ମିଳନୀ କରିବାର ନିର୍ଦ୍ଦେଶ ଅଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲା କଂଗ୍ରେସ ସଭାପତିମାନେ ଉକ୍ତ ଜିଲ୍ଲା ଅନ୍ତର୍ଗତ ବିଧାୟକ ଓ ସାଂସଦ, ବିଧାୟକ ପ୍ରାର୍ଥୀ ଓ ସାଂସଦ ପ୍ରାର୍ଥୀ, ଏଆଇସିସି ସଭ୍ୟ ଓ ପିସିସି ସଭ୍ୟ, ଜିଲ୍ଲାର ଛାମୁଆ ସଂଗଠନ, ବିଭାଗ ଓ ପ୍ରକୋଷ୍ଠର ମୁଖ୍ୟଙ୍କୁ ସୂଚୀତ କରି କାର୍ଯ୍ୟକ୍ରମକୁ ସଫଳ କରିବାକୁ ପିସିସି ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକ ଅନୁରୋଧ କରିଛନ୍ତି।

# ଓଡିଆଙ୍କୁ ଖରାପ ଚାଉଳ ଦେଉଛନ୍ତି ନବୀନ ସରକାର

### ଖାଦ୍ୟ ଯୋଗାଣ ମନ୍ତ୍ରୀଙ୍କ ଇସ୍ତଫା ଦାବି କଲା କଂଗ୍ରେସ

ଭୁବନେଶ୍ୱର,୩/୬ (ନି.ପ୍ର): ସାଧାରଣ ବଂଟନ ବ୍ୟବସ୍ଥାରେ ଓଡ଼ିଶାର ୭୭% ଲୋକଙ୍କୁ ନବୀନ ସରକାର ଦେଉଥିବା ଚାଉଳ ମଣିଷ ଖାଦ୍ୟ ଉପଯୋଗୀ ନୁହେଁ। ଏହା ପଶୁ ଖାଦ୍ୟ ବୋଲି ତଦନ୍ତରୁ ଜଣାପଡିବା ପରେ ନବୀନ ସରକାରଙ୍କର ବ୍ୟାପକ ଚାଉଳ ଦୁର୍ନୀତି ଏବଂ ଓଡ଼ିଶାବାସୀଙ୍କ ପ୍ରତି ବିଶ୍ୱାସ ଘାତକତା ପଦାରେ ପଡ଼ିଯାଇଛି ବୋଲି କଟକ ଜିଲ୍ଲା କଂଗ୍ରେସ ସଭାପତି ମାନସ ଚୌଧୁରୀ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ତଦନ୍ତ ପରିସରକୁ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏବଂ ଖାଦ୍ୟ ଯୋଗାଣ କମିଶନର ବୀରବିକ୍ରମ ଯାଦବଙ୍କୁ ଅଣାଯାଉ ଏବଂ କଂଗ୍ରେସ ଦଳ ମନ୍ତ୍ରୀଙ୍କର ତୁରନ୍ତ ଇସ୍ତଫା ଦାବି କରିଛି କଂଗ୍ରେସ। ଖୋଦ ଯୋଗାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଜିଲ୍ଲା କଟକ ଜିଲ୍ଲାର ବିଭିନ୍ନ ଗୋଦାମ ଯାଂଚ କରି କେନ୍ଦ୍ରୀୟ କର୍ତ୍ତୃପକ୍ଷ ଗତ ମେ ୨୭ ତାରିଖରେ ଏ ସମ୍ପର୍କରେ ରାଜ୍ୟ ସରକାରଙ୍କୁ ଚେତେଇ ଦେଇଛନ୍ତି। ନବୀନ ସରକାର ୧ ଟଙ୍କିଆ ଚାଉଳ ଦେଇ ଓଡ଼ିଶାବାସୀଙ୍କୁ ଭୂଆଁ ବୁଲାଇ ଭୋଟ ନେଇଯାଉଛନ୍ତି। ଏବେ ସ୍ପଷ୍ଟ ହୋଇପଡ଼ିଛି ଯେ ଏଥିରେ କୋଟି କୋଟି ଟଙ୍କାର ଅର୍ଥ ବାଟମାରଣା ହୋଇଯାଇଛି। କେନ୍ଦ୍ର ଖାଉଟି ମନ୍ତ୍ରଣାଳୟର ଉପଆୟୁକ୍ତ ବିଶ୍ୱଜିତ ହାଲଦାର ରାଜ୍ୟ ଖାଦ୍ୟ ଯୋଗାଣ ବିଭାଗର ସଚିବଙ୍କୁ ଚିଠି ଲେଖି ଚାଉଳ ଦୁର୍ନୀତିର ଗୁମର ଖୋଲିଛନ୍ତି। ଏପରିକି ସଂପୃକ୍ତ ବ୍ୟକ୍ତିଙ୍କ ବିରୁଦ୍ଧରେ ପ୍ରୋସିଡିଙ୍ଗ କରାଯିବାକୁ କହିଛନ୍ତି। ଅତ୍ୟାବଶ୍ୟକ ସାମଗ୍ରୀ ଆଇନ (ସଂଶୋଧିତ) ୨୦୨୦ ଅନୁସାରେ ସଂପୃକ୍ତ ମିଲ ମାଲିକଙ୍କୁ କଳା ତାଲିକାଭୁକ୍ତ କରିବା ସହ ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ଉଚିତ ବୋଲି ସେ କହିଛନ୍ତି। ଏପରିକି ଅନୁଧ୍ୟାନ ନହେବା ପର୍ଯ୍ୟନ୍ତ ଭୁବନେଶ୍ୱର ଓ କଟକର ଗୋଦାମ ମାନଙ୍କରୁ ଚାଉଳ ନଦେବାକୁ ସେ କହିଛନ୍ତି। ଏ ଦିଗରେ ତୁରନ୍ତ ପଦକ୍ଷେପ ନନେଲେ ଓଡ଼ିଶାକୁ ଏ ବାବଦରେ କେନ୍ଦ୍ର ଦେଉଥିବା ଅର୍ଥ କ୍ଷେତ୍ରରେ ପୁନଃବିଚାର କରାଯିବ ବୋଲି କେନ୍ଦ୍ର ଖାଉଟି ମନ୍ତ୍ରଣାଳୟ ରାଜ୍ୟ ସରକାରଙ୍କୁ ସର୍ତ୍ତକ କରାଇ ଦେଇଛନ୍ତି। ଏହି ଦୁର୍ନୀତର ପର୍ଦ୍ଦାଫାସ ହେଲେ ନବୀନ ସରକାର ଓଡ଼ିଶାବାସୀଙ୍କୁ କିପିରି ଛେଳି, ମେଣ୍ଢା ଓ ଗାଈ ଦୃଷ୍ଟିରେ ଦେଖୁଛନ୍ତି ତାହା ଜଣାପଡ଼ିଯିବ। ପ୍ରକାଶ ଥାଉକି ଏହି ତନଖି ସମୟରେ କେନ୍ଦ୍ର ସରକାରଙ୍କ ଖାଉଟି ବିଭାଗର କର୍ତ୍ତୃପକ୍ଷଙ୍କ ପାଇଁ ରାଜ୍ୟ ସରକାର ସୁରକ୍ଷା ଯୋଗାଇ ଦେବାକୁ କେନ୍ଦ୍ର ଯେଉଁ ପତ୍ର ଦେଇଛନ୍ତି ସେଥିରୁ ସ୍ପଷ୍ଟ ହୋଇଛି ଯେ ରାଜ୍ୟ ସରକାରଙ୍କ ଉପରେ କେନ୍ଦ୍ର ସରକାରଙ୍କର ଭରଷା ନାହିଁ। କେନ୍ଦ୍ରୀୟ କର୍ତ୍ତୃପକ୍ଷ ଏଠାରେ ତଦନ୍ତ ଓ ରହିବା ସମୟରେ ଅସୁରକ୍ଷିତ। ଏବେ ମିଲ ମାଲିକ ଓ ନବୀନ ସରକାରଙ୍କ ମଧୁଚନ୍ଦ୍ରିକାରେ ଓଡ଼ିଶାବାସୀ ପଶୁଖାଦ୍ୟ ଖାଉଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ବିଶ୍ୱଜିତ ଦାଶ ଏବଂ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ସୟଦ ୟାସିର ନୱାଜ ଉପସ୍ଥିତ ଥିଲେ।

## ୧୯ ଜଣ କଳାକାରଙ୍କୁ ଚିକିତ୍ସା ନିମନ୍ତେ ଆର୍ଥିକ ସହାୟତା

ଭୁବନେଶ୍ୱର,୩/୬ (ନି.ପ୍ର): ରାଜ୍ୟ ସରକାରଙ୍କ ଓଡ଼ଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନରେ କାର୍ଯ୍ୟକାରୀ ହେଉଥିବା କଳାକାର କଲ୍ୟାଣ ପାଣ୍ଠିରୁ ୨୦୨୦-୨୧ ଆର୍ଥିକ ବର୍ଷରେ ରାଜ୍ୟର ୧୯ ଜଣ କଳାକାରଙ୍କୁ ତାଙ୍କର ଚିକିତ୍ସା ନିମନ୍ତେ ସର୍ବମୋଟ ୮ ଲକ୍ଷ ୧୫ ହଜାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ଖୋର୍ଦ୍ଧା ଜିଲ୍ଲାର ବିଜୟ କୁମାର ପଟ୍ଟନାୟକ, ବିଚିତ୍ର କୁମାର ମଲିଆ, ଗୋଲକ ବାରିକ, ମୀରା ମହାନ୍ତି ଓ ପ୍ରଭାତ କୁମାର ସାହୁ । କଟକ ଜିଲ୍ଲାର ରମେଶ ଚନ୍ଦ୍ର ବେହେରା ଓ ଶୀର୍ଷାନନ୍ଦ ଦାସ କାନୁନଗୋ, ମୟୂରଭଞ୍ଜ ଜିଲ୍ଲାର ଭରତ ଚନ୍ଦ୍ର ନାସିକ, ବାଲେଶ୍ୱର ଜିଲ୍ଲାର କୁଞ୍ଜଲତା ଦାସ, ଲକ୍ଷ୍ମୀଧର ମହାରଣା, ଆଶୋକ କୁମାର ଷେଣ୍ଡ, ଭାଗବତ ପାତ୍ର, ପୁରୀ ଜିଲ୍ଲାର ଶାନ୍ତିଲତା ସାହୁ, ବଳଭଦ୍ର ପଣ୍ଡା, ରାଜ କିଶୋର ପ୍ରଧାନ, ଯାଜପୁର ଜିଲ୍ଲାର ବୈକୁଣ୍ଠ ନନ୍ଦ, କେନ୍ଦୁଝର ଜିଲ୍ଲାର ରଘୁ ପିଲାଇ ଓ ରନାକର ବାରିକ ଏବଂ ନୂଆଦିଲ୍ଲୀ ଦୁର୍ଗା ପ୍ରସାଦ ପଟ୍ଟନାୟକ ଙ୍କୁ ଏହି ସହାୟତା ପ୍ରଦାନ କରାଯାଇଛି।

ଏଠାରେ ସୂଚନାଯୋଗ୍ୟ ଯେ ରାଜ୍ୟର ସ୍ୱୀକୃତିପ୍ରାପ୍ତ କଳାକାର ଶିଳ୍ପୀମାନଙ୍କୁ ଚିକିତ୍ସା ନିମନ୍ତେ ଏହି ପାଣ୍ଠିରୁ ଆବଶ୍ୟକ ସ୍ଥଳେ ଆର୍ଥିକ ସହାୟତା ପ୍ରଦାନ କରାଯାଇଥାଏ ।

# ପ୍ରାଚୀନ ଜନଜାତିଙ୍କ ପାଇଁ ସ୍ୱତନ୍ତ୍ର କୋଭିଡ୍ ପ୍ୟାକେଜ୍ ଘୋଷଣା



ଭୁବନେଶ୍ୱର,୩/୬ (ନି.ପ୍ର): ଓଡ଼ିଶାରେ ପ୍ରାଚୀନ ଜନଜାତିମାନଙ୍କର ବସତି ଅଂଚଳରେ କୋଭିଡ୍ ସଂକ୍ରମଣ ଲାଗି ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ପକ୍ଷରୁ ପିଭିଟିଜିମାନଙ୍କ ପାଇଁ ସ୍ପେସାଲ ପ୍ୟାକେଜ୍ ଘୋଷଣା କରାଯାଇଛି । ବିଭାଗ ପକ୍ଷରୁ ସମସ୍ତ ପ୍ରାଚୀନ ଜନଜାତି ଗୋଷ୍ଠୀର ବ୍ୟକ୍ତିଙ୍କୁ ମାଗଣାରେ ମାସ୍କ ଓ ସାନିଟାଇଜର ବଂଟନ ସହ କୋଭିଡ୍ ଆକ୍ରାନ୍ତ ସମସ୍ତ ପରିବାରକୁ ୨ ହଜାର ୫୦୦ ଟଙ୍କା ମୂଲ୍ୟର ଶୁଖିଲା ରାସନ୍ କିଟ୍ ଯୋଗାଣ, କୋଭିଡ୍ ଆକ୍ରାନ୍ତ ପ୍ରାଚୀନ ଜନଜାତି ଗୋଷ୍ଠୀଙ୍କୁ ଆନୁଷ୍ଠାନିକ ସଙ୍ଗରୋଧ କେନ୍ଦ୍ରରେ ରହିବା ପାଇଁ ପ୍ରତିଦିନ ୧୦୦ ଟଙ୍କା ସହିତ ୧୪୦୦ ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ, ପ୍ରାଚୀନ ଜନଜାତି ଗୋଷ୍ଠୀ ପରିବାରର ଘରକୁ ଘର ଯାଇ ସର୍ଭେ ଓ ସ୍କ୍ରିନିଂ କରାଯାଇ କୋଭିଡ୍ ଲକ୍ଷଣ ନିରୁପଣ କରାଯିବାକୁ ଘୋଷଣା କରାଯାଇଛି।

ଏହାସହ ପ୍ରାଚୀନ ଜନଜାତି ଗ୍ରାମାଂଚଳରେ କାର୍ଯ୍ୟରତ କମ୍ୟୁନିଟି ରିସୋର୍ସ ପରସନ୍‌ଙ୍କୁ ୪ ମାସ ପାଇଁ ମାସିକ ୧ ହଜାର ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ପ୍ରଦାନ, ମାଇକ୍ରୋ ପ୍ରୋଜେକ୍ଟ ଏଜେନ୍ସି ଅଧୀନରେ କାର୍ଯ୍ୟରତ ସମସ୍ତ କ୍ଷେତ୍ର କର୍ମଚାରୀଙ୍କୁ ସ୍ୱାସ୍ଥ୍ୟ କିଟ୍ ସହ ଜୀବନବୀମାର ପରିସରଭୁକ୍ତ କରାଯାଇଛି ।

ଗ୍ରାମ ସ୍ତରରେ ସଙ୍ଗରୋଧ କେନ୍ଦ୍ର ମାଇକ୍ରୋ ଏଜେନ୍ସି ଓ କୋଭିଡ୍ କେୟାର ସେଂଟର ପ୍ରତିଷ୍ଠା ସହିତ ଜରୁରୀକାଳୀନ ଆମ୍ବୁଲାନ୍ସ ସେବା ନିମନ୍ତେ ପାଣ୍ଠିର ବ୍ୟବସ୍ଥା କରାଯାଇଛି। ପ୍ରାଚୀନ ଜନଜାତିମାନେ ବାସ କରୁଥିବା ସମସ୍ତ ଗ୍ରାମରେ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ପ୍ରାଚୀନ ଜନ ଜାତି ଗୋଷ୍ଠୀର ବ୍ୟକ୍ତିମାନ ଙ୍କୁ କୋଭିଡ୍ ସଚେତନତା ନିମନ୍ତେ ସ୍ଥାନୀୟ ଭାଷାରେ ମାଇକ ରେ ପ୍ରଚାର ସହିତ ପୋଷ୍ଟର ଓ ବ୍ୟାନର ଯୋଗେ ସଚେତନ କରାଯାଉଛି। ମୋବାଇଲ ଫୋନ୍ ରେ ମଧ୍ୟ ସଚେତନତା ବାର୍ତ୍ତା ପ୍ରେରଣ କରାଯାଉଛି । ଆଶା, ଅଙ୍ଗନବାଡ଼ି ଓ ଏଏନ୍‌ଏମ୍ କର୍ମୀମାନେ ସି.ଆର.ପିଙ୍କ ସହିତ ଥର୍ମାଲ ସ୍କ୍ରିନିଂ ଓ ଅକ୍ସିମିଟର ଯୋଗେ ପ୍ରାଚୀନ ଜନଜାତିମାନଙ୍କ କୋଭିଡ୍ ପରୀକ୍ଷା କରୁଛନ୍ତି। ଏକାଥରକେ ଅଧିକ ବ୍ୟକ୍ତିଙ୍କୁ ପରୀକ୍ଷା କରିବା ନିମନ୍ତେ ବ୍ଲକ୍ ସ୍ତରରେ ରାପିଡ୍ ରେସ୍‌ପନ୍ସ ଟିମ୍ କାର୍ଯ୍ୟ କରୁଛନ୍ତି ଓ ଆବଶ୍ୟକତା ଅନୁସାରେ କୋଭିଡ୍ ଆକ୍ରାନ୍ତଙ୍କୁ ଆଇସୋଲେସନ୍/ କ୍ୱାରାଂଟାଇନ୍ ସେଂଟର/ କୋଭିଡ୍ କେୟାର ହସ୍‌ପିଟାଲ୍ ପଠାଯାଉଛି। ସୂଚନାଯୋଗ୍ୟ ଯେ, ଓଡ଼ିଶାର ୫୪୧ଟି ଗ୍ରାମରେ ୨୭,୩୦୮ଟି ପିଭିଟିଜି ପରିବାର ରହିଛି। ୧୭ଟି ପୁରୁଣା ମାଇକ୍ରୋ ପ୍ରୋଜେକ୍ଟ ଏଜେନ୍ସି ଅଂଚଳରେ ୧ ଲକ୍ଷ ୩୪ ହଜାର ଲୋକ ରହିଛନ୍ତି। ନୂତନ ଭାବେ ଚିହ୍ନଟ ହୋଇଥିବା ୧୧୩୮ଟି ପିଭିଟିଜି ଗ୍ରାମରେ ୩୬,୯୦୬ ପରିବାର ରହିଛି। ଆଉ ୧ ଲକ୍ଷ ୬୦ ହଜାର ୪୦୧ ପ୍ରାଚୀନ ଜନଜାତି ଗୋଷ୍ଠୀର ବ୍ୟକ୍ତି ରହିଛନ୍ତି। କେଉଁଝର, ଯାଜପୁର ଓ ଢେଙ୍କାନାଳ ଜିଲ୍ଲାରେ ମାଇକ୍ରୋ ପ୍ରୋଜେକଫ ଏଜେନ୍ସି ମଧ୍ୟ ପ୍ରତିଷ୍ଠା କରାଯାଇଛି।

ପ୍ରାଚୀନ ଜନଜାତିମାନଙ୍କୁ କୋଭିଡ୍ ସଂକ୍ରମଣରୁ ସୁରକ୍ଷା ଦେବା ନିମନ୍ତେ ବିଭାଗ ପକ୍ଷରୁ ନିଆଯାଇଥିବା ଜରୁରୀକାଳୀନ ପଦକ୍ଷେପଗୁଡ଼ିକର କାର୍ଯ୍ୟକାରିତାକୁ ରାଜ୍ୟସ୍ତରରେ ଗଠିତ ମନିଟରିଂ କମିଟି ପ୍ରତ୍ୟହ ମନିଟର କରୁଛନ୍ତି।

## ଆର.ଆଇ.ଏନ୍.ଏଲ୍.ର ମୁଖ୍ୟ ପ୍ରବନ୍ଧ ନିର୍ଦ୍ଦେଶକ ହେଲେ କିଶୋର ଚନ୍ଦ୍ର ଦାସ

ଭୁବନେଶ୍ୱର,୩/୬ (ନି.ପ୍ର): ରାଷ୍ଟ୍ରୀୟ ଇସ୍ପାତ ନିଗମ ଲିମିଟେଡ଼ରେ କାର୍ଯ୍ୟରତ ନିର୍ଦ୍ଦେଶକ ଶ୍ରୀ କିଶୋର ଚନ୍ଦ୍ର ଦାସ ଦିନାଙ୍କ ୦୧.୦୬.୨୦୨୧ ରିଖରେ ଆର.ଆଇ.ଏନ୍.ଏଲ୍.ର ନିର୍ଦ୍ଦେଶକ ସହ ଅତିରିକ୍ତ ଭାବେ କମ୍ପାନୀର ମୁଖ୍ୟ ପ୍ରବନ୍ଧ ନିର୍ଦ୍ଦେଶକ ପଦଭାର ଗ୍ରହଣ କରିଅଛନ୍ତି। ଶ୍ରୀ ଦାସ ୨୦୧୭ ମସିହା ଜାନୁୟାରୀ ମାସ ୧ ତାରିଖରେ ଆର. ଆଇ.ଏନ୍.ଏଲରେ ଯୋଗଦାନ କରିଥିଲେ। ସେ ଆର.ଆଇ.ଏନ୍.ଏଲ୍ ଅଧିନସ୍ଥ ସଂସ୍ଥା ଓ ଏମ୍.ଡ଼ି.ସି. ଓ ବି.ଏସ୍.ଏଲ.ସି. ବୋର୍ଡ଼ରେ ସଦସ୍ୟ ମଧ୍ୟ ରହିଛନ୍ତି। ବି.ଏସ୍.ଏଲ.ସି. ଖଣିକୁ ପୁନରୁଦ୍ଧାର କରିବା ଏବଂ ଓ ଏମ୍.ଡ଼ି.ସି. ଗଣିକୁ ପୁନଃ କାର୍ଯ୍ୟକ୍ଷମ କରାଇବା ପାଇଁ ପ୍ରମୁଖ ଭୂମିକା ଗ୍ରହଣ କରିଅଛନ୍ତି। ଏଥିପୂର୍ବରୁ ରକ୍ଷା ମନ୍ତ୍ରାଳୟ ଅଧିନସ୍ଥ ମଝିଗାଓଁ ଡକ୍ ସିପ୍ ବିଲଡ଼ର୍ସ ଲିମିଟେନ କେନ୍ଦ୍ର ସରକାରଙ୍କ ଉପକ୍ରମରେ ୫ ବର୍ଷ କାର୍ମିକ ନିର୍ଦ୍ଦେଶକ ରୂପେ ସୁଚାରୁ ଭାବରେ କାର୍ଯ୍ୟ ସମ୍ପାଦନ କରିଅଛନ୍ତି। ମାନବ ସଂସାଧନ ପ୍ରବନ୍ଧନରେ ଦୀର୍ଘ ୩୩ ବର୍ଷର ପ୍ରମୁଖ ଯୋଗଦାନ ରହିଛି। ସେ ଗେଲ୍‌ରେ ମଧ୍ୟ କାର୍ଯ୍ୟ କରିଅଛନ୍ତି। ତାଙ୍କର ସତ୍ୟବାଦିତା, କଠୋର ପରିଶଅମ, ପ୍ରତିବଦ୍ଧତା, ନିଷ୍ଠା ଓ ଦୂରଦର୍ଶିତା ଯୋଗୁଁ ଓ.ଏମ୍.ଡ଼ି.ସି. ପୁଣି ଥରେ ଉନ୍ନତି ତଥା ପ୍ରଗତିର ଶିଖରରେ ପହଂଚିପାରିବ ବୋଲି ଆଶା ପ୍ରକାଶ ପାଇଛି। ତାଙ୍କର ସି.ଏମ୍.ଡ଼ି ରୂପେ ଯୋଗଦାନ ଶ୍ରମିକ କର୍ମଚାରୀଭ୍‌କ ମନରେ ଖୁସିର ଲହରୀ ଖେଳାଇ ଦେଇଛି।

## ପଶ୍ଚିମବଙ୍ଗରେ ରାଜନୈତିକ ହିଂସା ବର୍ତ୍ତମାନ ସାଂପ୍ରଦାୟିକ ହିଂସାରେ ପରିଣତ ହୋଇଛି : ଶୁଭେନ୍ଦୁ ଅଧିକାରୀ

ଭୁବନେଶ୍ୱର,୩/୬ (ନି.ପ୍ର): ରାମକୃଷ୍ଣ ପରମହଂସ, ସ୍ୱାମୀ ବିବେକାନନ୍ଦ, ରବିନ୍ଦ୍ରନାଥ ଟାଗୋର, ବଙ୍କିମଚନ୍ଦ୍ର ଚାଟାର୍ଜୀ, ରାଜା ରାମମୋହନ ରାୟ, ଡ.ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଭଳି ମହାପୁରୁଷଙ୍କ ଜନ୍ମ ମାଟି ପଶ୍ଚିମବଙ୍ଗରେ ଆଜି ହିଂସା, ମହିଳା ଅତ୍ୟାଚାର, ସାଂପ୍ରଦାୟୀକ ଘଟଣା ଚରମ ସୀମାରେ ପହଂଚିଛି । ଏହି କାରଣରୁ ପଶ୍ଚିମବଙ୍ଗ ଆଜି ନିନ୍ଦିତ ଏବଂ ଲଜ୍ଜିତ । ନିଜ ରାଜନୈତିକ ସ୍ୱାର୍ଥ ହାସଲ ପାଇଁ ନିର୍ଦ୍ଦିଷ୍ଟ ହିନ୍ଦୁ ସଂପ୍ରଦାୟ ବ୍ୟକ୍ତିମାନଙ୍କୁ ହତ୍ୟା, ମରଣାନ୍ତକ ଆକ୍ରମଣ, ଭୟଭୀତ କରାଯିବା ଗଣତନ୍ତ୍ର ପାଇଁ ସଂପୂର୍ଣ୍ଣ ବିପଦ। ପଶ୍ଚିମବଙ୍ଗରେ ପୂର୍ବରୁ ରାଜନୈତିକ ହିଂସା ଘଟୁଥିଲା, ମାତ୍ର ବର୍ତ୍ତମାନ ଏହା ସାଂପ୍ରଦାୟୀକ ହିଂସାରେ ପରିଣତ ହୋଇଛି ବୋଲି ପଶ୍ଚିମବଙ୍ଗ ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀ କହିଛନ୍ତି । ରାଜ୍ୟ ବିଜେପି ତରଫରୁ ୱେବିନାର ଜରିଆରେ ଆୟୋଜିତ ଏକ ବୁଦ୍ଧିଜୀବି ସମ୍ମିଳନୀରେ ଯୋଗ ଦେଇ ଶ୍ରୀ ଅଧିକାରୀ କହିଛନ୍ତି ଯେ, ଗତ ମେ ୨ ତାରିଖ ନିର୍ବାଚନ ଫଳାଫଳ ଘୋଷଣା ହେବା ମାତ୍ରେ ମମତା ବାନାର୍ଜୀଙ୍କ ପ୍ରତ୍ୟକ୍ଷ ଇଙ୍ଗିତରେ ତୃଣମୁଳ କଂଗ୍ରେସ କାର୍ଯ୍ୟକର୍ତ୍ତାମାନେ ହିଂସାପରାୟଣ ହୋଇ ବିଜେପି କାର୍ଯ୍ୟକର୍ତ୍ତା ଏବଂ ସମର୍ଥକମାନଙ୍କୁ ହତ୍ୟା, ଆକ୍ରମଣ କରିବା ଆରମ୍ଭ କରିଦେଇଥିଲେ । ମହିଳାମାନଙ୍କ ସହ ଅତ୍ୟାଚାର, ବଳାତ୍କାର ଭଳି ଅମାନୁଷିକ ବ୍ୟବହାର ପ୍ରଦର୍ଶନ କରାଯାଉଛି । ଆଜି ମହିଳାମାନେ ଅସୁରକ୍ଷିତ ହୋଇପଡିଛନ୍ତି । ନିର୍ବାଚନ ପରବର୍ତ୍ତୀ ହିଂସାରେ ଆଜି ସୁଦ୍ଧା ୩୭ ଜଣ ବିଜେପି କାର୍ଯ୍ୟକର୍ତ୍ତାଙ୍କୁ ହତ୍ୟା କରାଯାଇଛି । ୮୫୦୦ରୁ ଉର୍ଦ୍ଧ୍ୱ ହିଂସାକାଣ୍ଡ ଘଟିଥିବାବେଳେ ମାତ୍ର ୨୦୦ଟି ମାମଲା ରୁଜୁ ହୋଇଛି । ପୋଲିସ ପ୍ରଶାସନ ମାମଲା ରୁଜୁ କରୁନାହାନ୍ତି ।

## କାଞ୍ଚନ ଫାଉଣ୍ଡେସନ ଓ ଭାରତ ମସଲା ପକ୍ଷରୁ ଶୁଖିଲା ଖାଦ୍ୟ ବଣ୍ଟନ



ଭୁବନେଶ୍ୱର,୩/୬ (ନି.ପ୍ର): ମହାମାରୀ କରୋନାର ଦ୍ୱିତୀୟ ଲହର ଦିନକୁ ଦିନ ଭୟଙ୍କର ରୂପ ଧାରଣ କରୁଛି। ଏଥିରେ ସଂକ୍ରମିତ ହୋଇ ଅନେକ ଲୋକ ମୃତ୍ୟୁବରଣ କଲେଣି। ଯେଉଁଥିପାଇଁ ରାଜ୍ୟ ସରକାର ବାରମ୍ବାର ଲକଡ଼ାଉନ ଓ ସଟ୍‌ଡ଼ାଉନ ଘୋଷଣା କରିଛନ୍ତି। କ୍ରମାଗତ ଭାବେ ଲକଡ଼ାଉନ ଓ ସଟଡ଼ାଉନ ଲାଗୁ ଫଳରେ ଲୋକମାନେ ଏକପ୍ରକାର ଜୀବନ ଜୀବିକା ହରାଇ ବସିଛନ୍ତି। ସେମାନଙ୍କ ଆର୍ଥିକ ମେରୁଦଣ୍ଡ ଦୋହଲି ଯାଇଛି। ଏପରିକି ନିଜର ପରିବାର ପ୍ରତିପୋଷଣ କରିବାରେ ଏମାନେ ଅସମର୍ଥ। ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ଲୋକମାନଙ୍କୁ ସହଯୋଗର ହାତ ବଢାଇଛି କାଞ୍ଚନ ଫାଉଣ୍ଡେସନ ଏବଂ ଭାରତ ମସଲା। କାଞ୍ଚନ ଫାଉଣ୍ଡେସନ ଓ ଭାରତ ମସଲା ପକ୍ଷରୁ ଭୁବନେଶ୍ୱର ନିକଟସ୍ଥ ବାଲିଅନ୍ତା ବ୍ଲକର ବିଭିନ୍ନ ଅଞ୍ଚଳରେ ୭୦ରୁ ଉର୍ଦ୍ଧ୍ୱ ପରିବାରକୁ ଅଟା, ସିମେଇ, ସୋୟାବିନ, ହଳଦୀଗୁଣ୍ଡ, ଲଙ୍କାଗୁଣ୍ଡ, ଛତୁଆ ଆଦି ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି।

## ରାଜ୍ୟ ସରକାରଙ୍କୁ କୋଭିଡ ଟେଷ୍ଟିଂ କିଟ ପରୀକ୍ଷା ପାଇଁ ଚିଠି ଲେଖିଲେ ପୂର୍ବତନ ବିଧାୟକ

ନୀଳଗିରି,୦୩/୦୬ (ନି.ପ୍ର): ଦେଶରେ କରୋନା ମହାମାରୀ ୨ୟ ଲହରୀ ହୁ ହୁ ହୋଇ ବଢ଼ିଚାଲିଥିବା ବେଳ ଏଥିପାଇଁ ସରକାରଙ୍କ ମୁଣ୍ଡ ବ୍ୟଥାର କାରଣ ପାଲଟିଛି । ଏହି ସମୟରେ ନୀଳଗିରି ଭଳି ଆଦିବାସୀ ବହୁଳ ଅଞ୍ଚଳରେ ଥିବା ନୀଳଗିରି ଉପଖଣ୍ଡ ଚିକିତ୍ସାଳୟ ସହିତ ଈଶ୍ୱରପୁର, ବରହମପୁର, ଅଯୋଧ୍ୟା, କାଂଶ, ସଜନାଗଡ଼ ଡାକ୍ତରଖାନାରେ କୋଭିଡ୍ ଟେଷ୍ଟିଂ କିଟ୍ ପରୀକ୍ଷା ବନ୍ଦ ଯୋଗୁଁ ଲୋକେ ନାହିଁ ନ ଥିବା ଅସୁବିଧାରେ ପଡ଼ିଛନ୍ତି । ଏ ନେଇ ପୂର୍ବତନ ବିଧାୟକ ଚିତ୍ତରଂଜନ ଷଡ଼ଙ୍ଗୀ ସ୍ୱାସ୍ଥ୍ୟ ମନ୍ତ୍ରୀ ନବକିଶୋର ଦାସ, ମୁଖ୍ୟ ଶାସନ ସଚିବ ଓ ୫ଟି ସଚିବଙ୍କୁ ଲିଖିତ ଅଭିଯୋଗ କରିବା ସହିତ ତୁରନ୍ତ ଉକ୍ତ ହସପିଟାଲକୁ ଟେଷ୍ଟିଂ କିଟ୍ ଯୋଗାଇଦେବାକୁ ଦାବୀ କରିଛନ୍ତି ।

## 'ଉତ୍କଳ ସାହିତ୍ୟ ସମାଜ'ର ସାଧାରଣ ସମ୍ପାଦକ ମିନାକ୍ଷୀ ଦେବୀଙ୍କ ପରଲୋକରେ ଶୋକ

ଭୁବନେଶ୍ୱର,୦୩/୦୬(ନି.ପ୍ର): ଉତ୍କଳ ସାହିତ୍ୟ ସମାଜର ସାଧାରଣ ସମ୍ପାଦକ ମିନାକ୍ଷୀ ଦେବୀଙ୍କ ପରଲୋକରେ ବାରିପଦା ଗୋପବନ୍ଧୁ ସାହିତ୍ୟ ସଂସଦ ପକ୍ଷରୁ ଗଭୀର ଶୋକ ବ୍ୟକ୍ତ କରାଯାଇଛି । ଜଣେ ସଫଳ ଗାଳ୍ପିକା, ନାଟ୍ୟକାର, ଗୀତିକବି, ପ୍ରାବନ୍ଧିକ ଓ ଶିଶୁ ସାହିତ୍ୟିକ ଭାବରେ ତାଙ୍କର ଯଥେଷ୍ଟ ସୁନାମ ଥିଲା ବୋଲି ଶୋକବାର୍ତ୍ତାରେ ସଂସଦର ସଭାପତିଡ଼. ସରୋଜ କୁମାର ନାୟକ, ସମ୍ପାଦକ ଅମିତାଭମିଶ୍ର, ସଦସ୍ୟ ଅଧ୍ୟାପକ ଅଶୋକକୁମାର ପୁଷ୍ଟି , କବୟିତ୍ରୀସୁନୀତାରାଣୀ ପ୍ରମୁଖଉଲ୍ଲେଖକରିଛନ୍ତି । ଓଡ଼ିଶାସାହିତ୍ୟଏକାଡେମୀ, ଓଡ଼ିଶା ସଂଗୀତ ନାଟକ ଏକାଡ଼େମୀ ଦ୍ୱାରା ସମ୍ମାନିତା ଏହିମହାନ ପ୍ରତିଭାଙ୍କର ବିୟୋଗରେ ଓଡ଼ିଶା ସାହିତ୍ୟ ଜଗତର ଅପୂରଣୀୟ କ୍ଷତିଘଟିଲା ବୋଲି ମତପ୍ରକାଶ ପାଇଛି ।

## କଂଗ୍ରେସ ସାଂସଦ ସପ୍ତଗିରି ଉଲାକାଙ୍କୁ ଛତିଶଗଡ଼ ଦାୟିତ୍ୱ

ଭୁବନେଶ୍ୱର,୦୩/୦୬ (ନି.ପ୍ର): କୋରାପୁଟ ସାଂସଦ ସପ୍ତଗିରି ଉଲାକାଙ୍କୁ ଛତିଶଗଡ଼ ଦାୟିତ୍ୱ ଦେଇଛି କଂଗ୍ରେସ । ସପ୍ତଗିରିଙ୍କୁ ଛତିଶଗଡ଼ ଇନଚାର୍ଜ ଭାବେ ନିଯୁକ୍ତି ଦିଆଯାଇଛି । ସୂଚନା ଅନୁଯାୟୀ, କେନ୍ଦ୍ର ସରକାରଙ୍କ ସରକାରଙ୍କ ବୈଦେଶିକ, ଅର୍ଥନୀତି ଏବଂ ସୁରକ୍ଷା ନୀତିର ସମୀକ୍ଷା ପାଇଁ ଗତ ବର୍ଷ ସୋନିଆ ଗାନ୍ଧି ୩ଟି କମିଟି ଗଠନ କରିଥିଲେ । ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ୩ଟି ଯାକ କମିଟିର ଅଧ୍ୟକ୍ଷ ରହିଥିଲେ । ଅର୍ଥନୈତିକ ପ୍ରସଙ୍ଗରେ ଗଠିତ କମିଟିରେ ପି. ଚିଦାମ୍ବରମ, ମଲ୍ଲିକାର୍ଜୁନ ଖଡ଼୍ଗେ ଓ ଦିଗ୍‌ବିଜୟ ସିଂହ ସଦସ୍ୟ ରହିଥିବାବେଳେ ଜୟରାମ ରମେଶ ଆବାହକ ଥିଲେ । ସେହିଭଳି ବୈଦେଶିକ ବ୍ୟାପାର କମିଟିରେ ଆନନ୍ଦ ଶର୍ମା, ଶଶୀ ଥରୁର୍ ଓ କୋରାପୁଟର ସାଂସଦ ସପ୍ତଗିରି ଉଲାକା ସ୍ଥାନ ପାଇଥିଲେ ।

# ଇନ୍ଦିରାଆବାସ ପାଇଛ, କ୍ଷୟକ୍ଷତି ଦିଆଯିବ ନାହିଁ : ତଦନ୍ତକାରୀ ଅଧିକାରୀଙ୍କ ମନମାନି

ନୀଳଗିରି,୦୩/୦୬ (ନି.ପ୍ର): ୟସ ମହାବାତ୍ୟାରେ ନୀଳଗିରି ଅଞ୍ଚଳରେ କଚ୍ଚାଘର, ଆଜବେଷ୍ଟସ ଘର ଭାଙ୍ଗିଯାଇଥିବା ବେଳେ ଅନେକଙ୍କ ଘରେ ଛପର ଓ କାନ୍ଥ ଭାଙ୍ଗିଯାଇଛି । ସମସ୍ତ ଘରର କ୍ଷୟକ୍ଷତି ତଦନ୍ତ ପାଇଁ ବାଲେଶ୍ୱର ଜିଲ୍ଲାପାଳ ନୀଳଗିରି ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି । ନୀଳଗିରି ପ୍ରଶାସନ ପକ୍ଷରୁ ଜଏଣ୍ଟ ତଦନ୍ତ କରାଯାଉଛି । ମାତ୍ର ଦୁଃଖ ଓ ପରିତାପର ବିଷୟ ସଜନାଗଡ଼ ପଞ୍ଚାୟତର ରାଜେନ୍ଦ୍ରପୁର ଗ୍ରାମର ଧୀରେନ୍ଦ୍ର ନାୟକ ଙ୍କର ଗତ ୟସ ମହାବାତ୍ୟାରେ ନିଜର ଆଜବେଷ୍ଟସ ଛପର ଓ କାନ୍ଥ ଭାଙ୍ଗିଯାଇଥିବା ବେଳେ ଏ ବାବଦରେ ସଜନାଗଡ଼ ଆର.ଆଇ.ଙ୍କ ଠାରେ ଘରର ଫଟୋ ସହ ଦରଖାସ୍ତ ଦେଇଥିଲେ । ଧୀରେନ୍ଦ୍ର ପାଇଥିବା ଏକ ଇନ୍ଦିରା ଆବାସ ଘରର କାର୍ଯ୍ୟ ଚାଲିଥିବା ବେଳେ ଯାଇଥିବା ତଦନ୍ତକାରୀ ଟିମ୍ ତମେ ଇନ୍ଦିରାଆବାସ ପାଇଛ । ତୁମକୁ ଆଉ କ୍ଷୟକ୍ଷତି ଦିଆଯାଇପାରିବ ନାହିଁ ବୋଲି ସିଧାସଳଖ ମନା କରିଥିଲେ । ରାଜ୍ୟ ସରକାର ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାରକୁ ମାଗଣାରେ ପକ୍କା ଘର ଯୋଗାଇ ଦେଇ ଆସୁଥିବା ବେଳେ ୟସ ମହାବାତ୍ୟାରେ କ୍ଷତି ହୋଇଥିବା ବେଳେ ସରକାରଙ୍କ ଅନୁଦାନରୁ ବଞ୍ଚିତ ହୋଇଥିବା ଧୀରେନ୍ଦ୍ର ପ୍ରକାଶ କରିଛନ୍ତି । ତଦନ୍ତରେ ଯାଇଥିବା ପଞ୍ଚାୟତ ନିର୍ବାହୀ ଅଧିକାରୀ, ସଜନାଗଡ଼ ଆର.ଆଇ. ଓ ତହସିଲ କର୍ମଚାରୀ କେଉଁ ଆଇନଗତ ନିତିନିୟମକୁ ପାଥେୟ କରି ଖୋଲମଖୋଲା ସରକାରୀ ସହାୟତା ପାଇବେ ନାହିଁ ବୋଲି ମନା କରିବା ସହ ବଡ଼ବଡ଼ିଆ ପରିବାରକୁ ୟସ ମହାବାତ୍ୟାରେ ସହାୟତା ଯୋଗାଇ ଦେଉଥିବା ଶୁଣିବାକୁ ମିଳୁଛି । ଏଥିପ୍ରତି ନୀଳଗିରି ତହସିଲଦାର ଦୃଷ୍ଟି ଦେଇ ଧୀରେନ୍ଦ୍ରଙ୍କୁ ସରକାରୀ ସହାୟତା ପ୍ରଦାନ ପାଇଁ ପରିବାର ଲୋକେ ଦାବି କରିଛନ୍ତି ।

## ଭାଲୁ ଆକ୍ରମଣରେ ଯୁବକଙ୍କ ଅବସ୍ଥା ସଙ୍କଟାପନ



ବାରିପଦା / ଉଦଳା,୦୩/୦୬ (ନି.ପ୍ର): ଭାଲୁ ଆକ୍ରମଣରେ ଯୁବକଙ୍କ ଅବସ୍ଥା ସଙ୍କଟାପନ୍ନ । ମୟୂରଭଞ୍ଜ ଜିଲ୍ଲା ଉଦଳା ବନାଂଚଳ ଅଧିନ ଜୁଆଳିଆ ଗ୍ରାମରେ ଘଟିଛି ଏଭଳି ଘଟଣା । ଜୁଆଳିଆ ଗ୍ରାମର ଉପେନ୍ଦ୍ର ଖଡିକା ଭାଲୁ ଆକ୍ରମଣର ଶିକାର ହୋଇଛନ୍ତି । ସେ ସକାଳ ସମୟରେ ନିକଟସ୍ଥ ବିଲକୁ ଶୌଚ ନିମନ୍ତେ ଯାଉଥିଲେ । ଏହି ସମୟରେ ହଠାତ୍ ଏକ ଭାଲୁ ଆସି ତାଙ୍କ ଉପରକୁ ଆକ୍ରମଣ କରିଥିଲା । ଭାଲୁଟି ତାଙ୍କର ଜଙ୍ଘ ଏବଂ ବାମ ହାତକୁ ଗୁରୁତର ଭାବେ ଆକ୍ରମଣ କରିବା ସହିତ କାମୁଡି ଦେଇଥିଲା । ଏହା ସହିତ ଉପେନ୍ଦ୍ରଙ୍କୁ ମୁହଁକୁ କାମୁଡିବା ସହ ମୁହଁରୁ ମାଂସ ତାଡି ନେଇଛି ଭାଲୁ । ଆକ୍ରମଣରେ ଗୁରୁତର ହୋଇ ଉପେନ୍ଦ୍ର ଚିତ୍କାର କରିବା ପରେ ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଂଚିଥିଲେ । ଭାଲୁଟି ଲୋକଙ୍କୁ ଦେଖି ଚାଲିଯାଇଥିଲା । ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ଉପେନ୍ଦ୍ରଙ୍କୁ ଉଦ୍ଧାର କରିଥିଲେ । ଏହାପରେ ତାଙ୍କୁ ଚିକିତ୍ସା ନିମନ୍ତେ ଉଦଳା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ତେବେ ତାଙ୍କର ଅବସ୍ଥା ଅତି ସଙ୍କଟାପନ୍ନ ଥିବାରୁ ଉପେନ୍ଦ୍ରଙ୍କୁ ପ୍ରାଥମିକ ଚିକିତ୍ସା ପରେ ବାରିପଦା ସ୍ଥାନାନ୍ତର କରାଯାଇଛି । ଏବେ ସେ ସେଠାରେ ଚିକିତ୍ସିତ ହେଉଛନ୍ତି । ଏହି ଘଟଣା ପରେ ସ୍ଥାନୀୟ ଅଂଚଳରେ ଭୟର ବାତାବରଣ ଖେଳିଯାଇଛି ।

## ଦେଶରେ ଗତ ୨୪ଘଂଟା ମଧ୍ୟରେ କୋଭିଡ ପାଇଁ ୨୧,୫୯,୮୭୩ ନମୂନାର ପରୀକ୍ଷଣ

ନୂଆଦିଲ୍ଲୀ,୦୩/୦୬ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧ୍ୟରେ କୋବିଡ ପାଇଁ ୨୧,୫୯,୮୭୩ ନମୂନାର ପରୀକ୍ଷଣ କରା ଯାଇଛି । ଏହା ସହିତ ଦେଶରେ ବର୍ତ୍ତମାନ ସୁଦ୍ଧା ୩୫,୩୭,୮୨,୬୪୮ ନମୂନାର ପରୀକ୍ଷଣ କରା ଯାଇଥିବା ଆଇସିଏମଆର ପକ୍ଷରୁ ସୂଚନା ଦିଆ ଯାଇଛି ।

## ଦିଲ୍ଲୀରେ ଗତ ୨୪ ଘଂଟାରେ ୪୮୭ କରୋନାର ନୂଆ ମାମଲା

ଦିଲ୍ଲୀ,୦୩/୦୬ (ନି.ପ୍ର): ଦିଲ୍ଲୀରେ ଗତ ୨୪ ଘଂଟାରେ ୪୮୭ ନୂଆ କରୋନାର ମାମଲା ସାମନାକୁ ଆସିଛି । ଏହି ସମୟ ମଧ୍ୟରେ ୪୫ ଜଣଙ୍କର ମୃତ୍ୟୁ ଘଟିଛି । ଦିଲ୍ଲୀ ପ୍ରଶାସନ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହିତ ରାଜ୍ୟରେ ମୋଟ ସକ୍ରିୟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢି ୮,୭୪୮ ହୋଇ ଯାଇଛି ।

## ଗ୍ଲୋବାଲ ରନିଂ ଦିବସରେ ଦୌଡ଼ିଲେ ଓଡ଼ିଶା ସମେତ ବିଶ୍ୱବାସୀ

ନୀଳଗିରି,୦୩/୦୬ (ନି.ପ୍ର): କିଏ ଜର୍ମାନୀରୁ ତ କିଏ ନେଦରଲ୍ୟାଣ୍ଡରୁ ତ କିଏ ଥାଇଲାଣ୍ଡରୁ ପୁଣି କିଏ ଦିଲ୍ଲୀ ରୁ ତ କିଏ ବାଙ୍ଗାଲୋରରୁ ତ କିଏ ବମ୍ବେରୁ ତ କିଏ ଓଡ଼ିଶାରୁ ବିଭିନ୍ନ ସ୍ଥାନରୁ ଜୁନ ୨ ତାରିଖ ଗ୍ଲୋବାଲ ରନିଂ ଦିବସରେ ସନ୍ଧ୍ୟା ୫ଟାରେ ୫ମିନିଟ ପାଇଁ ଦୌଡ଼ିଲା ସାରା ବିଶ୍ୱ । କିଏ ଘର ଭିତରେ ତ କିଏ ବାଲକୋନିରେ, କିଛ ଛାତ ଉପରେ ତ କିଏ ନିଜ ଘର ବାଉଣ୍ଡରି ଭିତରେ ଦୌଡ଼ିଲେ । ଛୋଟ ପିଲାଙ୍କ ଠାରୁ ଆରମ୍ଭ କରି ଯୁବକ ଯୁବତୀ, ବୃଦ୍ଧ, ବୃଦ୍ଧା ପର୍ଯ୍ୟନ୍ତ ସଭିଏଁ ଦୌଡ଼ିଲେ ଓ ଭିଡିଓ କରି ସୋସିଆଲ ମିଡିଆରେ ସେୟାର କଲେ । ଆଉ ଏଭଳି କାର୍ଯ୍ୟକୁ ସଫଳ କରିଛନ୍ତି ବାଲେଶ୍ୱର ଯୁବ ଅଲଟ୍ରା ମାରାଥନ ର ପ୍ରଦୀପ ସେନାପତି । ବାଲେଶ୍ୱର ଜିଲ୍ଲା ସେରଗଡ଼ ଗ୍ରାମର ପ୍ରଦୀପ ଯିଏକି ବାଙ୍ଗାଲୋରରେ ଚାକିରି କରନ୍ତି । ତାଙ୍କ ଉଦ୍ୟମରେ ତାଙ୍କ ରନିଂ କ୍ଲବ ରନ-୨ ରିଜୁଭିନେଟ ଏବଂ ରେସ ଟାଇମ ଇଣ୍ଡିଆ ତରଫରୁ ଗତକାଲି ଜୁନ ୨ ତାରିଖରେ ଗ୍ଲୋବାଲ ରନିଂ ଦିବସରେ ସନ୍ଧ୍ୟା ୫ଟା ରେ ୫ମିନିଟ୍ ପାଇଁ ଘର ଭିତରେ ସ୍ୱଟ ରନିଂ କରି ନିଜର ଫିଟନେସ ବଢ଼ାଇବାକୁ ଦେଶବାସୀଙ୍କୁ ସୋସିଆଲ ମିଡିଆ ମାଧ୍ୟମରେ ଆହ୍ୱାନ ଦେଇଥିଲେ । ତାହା ସଫଳତାର ସହ ଦେଶ ବିଦେଶ ତଥା ଓଡ଼ିଶାର ବିଭିନ୍ନ ସ୍ଥାନରୁ ଓଡ଼ିଆ ଓ ଅଣଓଡ଼ିଆ ଭାଇଭଉଣୀମାନେ ଏଥିରେ ଭାଗ ନେଇଥିଲେ । ଏଭଳି କାର୍ଯ୍ରକ୍ରମ କରିବା ସହିତ କରୋନାର ମୃତ୍ୟୁ ହୋଇଥିବା ବ୍ୟକ୍ତିଙ୍କୁ ଶ୍ରଧାଞ୍ଜଳି ଦେବା ସହିତ କରୋନା ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିବା ବ୍ୟକ୍ତିଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି ମୁଖ୍ୟ ଆବାହକ ।

## ପଦ୍ମଶ୍ରୀ ମୋହନ ନାୟକ ଥିଲେ ଦଳିତ ଅସହାୟଙ୍କ ତ୍ରାଣକର୍ତ୍ତା

### ଜନ୍ମ ଶତବାର୍ଷିକୀ ଅବସରରେ ଗଭୀର ଶ୍ରଦ୍ଧାଞ୍ଜଳି



ବ୍ରହ୍ମପୁର,୦୩/୦୬ (ନି.ପ୍ର): ସ୍ୱାଧୀନତା ସଂଗ୍ରାମୀ, ଗାନ୍ଧୀବାଦୀ, ସମାଜସେବୀ, ତ୍ୟାଗୀ, ଦଳିତ ନିଷ୍ପେସିତ ଜନତାଙ୍କ ତ୍ରାଣକର୍ତ୍ତା, ନିମଖଣ୍ଡି ଠକ୍କର ବାପା ଆଶ୍ରମର ପ୍ରତିଷ୍ଠାତା, ପୂର୍ବତନ ମନ୍ତ୍ରୀ, ପୂର୍ବତନ ସାଂସଦ, ପଣ୍ଡିତ କୃପାସିନ୍ଧୁ ହୋତାଙ୍କ ଶିଷ୍ୟ, ବରିଷ୍ଠ କଂଗ୍ରେସ ନେତା ପଦ୍ମଶ୍ରୀ ମୋହନ ନାୟକଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ଗୁରୁବାର ପୂର୍ବାହ୍ନରେ ଓଡ଼ିଶାର ସର୍ବପୁରାତନ ସାପ୍ତାହିକ ସମ୍ବାଦପତ୍ର 'ନବୀନ' ପକ୍ଷରୁ ସବରେଜିଷ୍ଟ୍ରାର ଛକସ୍ଥିତ ମୋହନ ନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଛି । ଏହି ଅବସରରେ 'ନବୀନ'ର ଏକ ସ୍ୱତନ୍ତ୍ର ସଂଖ୍ୟା ମୋହନ ବାବୁଙ୍କ ଉଦ୍ଦେଶ୍ୟରେ ଉନ୍ମୋଚନ କରାଯାଇଥିଲା । ନବୀନର ସମ୍ପାଦକ ରବି ରଥ ସଭାପତିତ୍ୱ କରି ନିଜ ବକ୍ତବ୍ୟରେ କହିଥିଲେ ଯେ ମୋହନ ବାବୁଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରି ଦଳିତ ନିଷ୍ପେସିତ ଜନତାଙ୍କ ତ୍ରାଣକର୍ତ୍ତା ଥିଲେ ଏବଂ ସେ ମହାତ୍ମା ଗାନ୍ଧୀ ଓ ଆମ୍ବେଦକରଙ୍କ ଆଦର୍ଶକୁ ପାଥେୟ କରି ବିଭିନ୍ନ ଜନମଙ୍ଗଳ କାଯର୍ୟରେ ନିଜକୁ ନିୟୋଜିତ କରିଥିଲେ । ଏହାସହିତ ୧୯୪୮ ମସିହାରେ ହରିଜନ ମାନଙ୍କୁ ମନ୍ଦିର ପ୍ରବେଶ କ୍ଷେତ୍ରରେ ମୋହନ ବାବୁ ଯେଉଁ ଐତିହାସିକ ପଦକ୍ଷେପ ନେଇଥିଲେ ତାହା ଇତିହାସରେ ଲିପିବଦ୍ଧ ହୋଇ ରହିଛି । ଭାରତ ଛାଡ଼ ଆନ୍ଦୋଳନରେ ମଧ ତାଙ୍କର ଅବଦାନ ଅତୁଳନୀୟ ଥିଲା ବୋଲି ଶ୍ରୀ ରଥ କହିଥିଲେ । ଏହି କାଯର୍ୟକ୍ରମରେ ବିଶିଷ୍ଟ ସମାଜସେବୀ ଏସ. ପ୍ରକାଶ ଚନ୍ଦ୍ର ପାତ୍ର, ବିଜୁ ଜନତା ଦଳ ନେତା ଟି.ଗୋପୀ, ହରିଜନ ଆଦିବାସୀ ସେଲର ନେତା ଶୂନ୍ୟଚନ୍ଦ୍ର ଦାସ, ବରିଷ୍ଠ ଆଡ଼ଭୋକେଟ ପ୍ରଦୀପ କୁମାର ବେହେରା, ବସନ୍ତ କୁମାର ଅଧିକାରୀ, ଏଚଏମଏସ ନେତା ସତ୍ୟ ନାରାୟଣ ତ୍ରିପାଠୀ, ମେଡିକାଲ କର୍ମଚାରୀ ସଂଘ ନେତା ସୁକାନ୍ତ ମୁଖୀ, ରଞ୍ଜନ କୁମାର ସାହୁ, ମନୋରଞ୍ଜନ ଲିମାଇ, ସୁକଦେବ ମଲିକ, ସୁଶାନ୍ତ କର ପ୍ରମୁଖ ଉପସ୍ଥିତ ରହି ପୁଷ୍ପ ମାଲ୍ୟାର୍ପଣ ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

## ଜାତୀୟ ହେଲ୍ପଲାଇନ ନମ୍ବରଗୁଡ଼ିକର ପ୍ରଚାର ପାଇଁ ସାଧାରଣ ମନୋରଞ୍ଜନ ଚ୍ୟାନେଲଗୁଡ଼ିକ ପାଇଁ ମାର୍ଗଦର୍ଶିକା

ଭୁବନେଶ୍ୱର,୩/୬ (ନି.ପ୍ର) : ନିମ୍ନୋକ୍ତ ରାଷ୍ଟ୍ରୀୟ ହେଲ୍ପଲାଇନ ନମ୍ବରଗୁଡ଼ିକୁ ପ୍ରଚାର କରିବା ଲାଗି ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ସମସ୍ତ ଘରୋଇ ସାଧାରଣ ମନୋରଞ୍ଜନ ଟିଭି ଚ୍ୟାନେଲ (ଅଣ-ନ୍ୟୁଜ)ଗୁଡ଼ିକ ପାଇଁ ମାର୍ଗଦର୍ଶିକା ଜାରି କରାଯାଇଛି । ବିଶେଷ କରି ପ୍ରାଇମ ଟାଇମ ସମୟରେ, ଟିକର୍ ମାଧ୍ୟମରେ କିମ୍ବା ଏପରି କୌଣସି ଉପଯୁକ୍ତ ମାର୍ଗରେ, ଏପରିକି ବିରତି ସମୟରେ ମଧ ଏହି ନମ୍ବରଗୁଡ଼ିକୁ ପ୍ରଦର୍ଶିତ କରିବା ନିମନ୍ତେ ମାର୍ଗଦର୍ଶିକାରେ କୁହାଯାଇଛି ।

ନାଗରିକମାନଙ୍କର ଲାଭ ପାଇଁ ଭାରତ ସରକାରଙ୍କ ଦ୍ୱାରା ଏସବୁ ହେଲ୍ପଲାଇନ ନମ୍ବର ସୃଷ୍ଟି କରାଯାଇଛି ଓ ପ୍ରଚାର କରାଯାଉଛି ।

ମାର୍ଗଦର୍ଶିକାରେ ଉଲ୍ଲେଖ କରାଯାଇଛି ଯେ ବିଗତ କିଛି ମାସ ଧରି, ସରକାରଙ୍କ ପକ୍ଷରୁ ତିନୋଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ-କୋଭିଡ ଚିକିତ୍ସା ପ୍ରୋଟୋକଲ, କୋଭିଡ ଉପଯୁକ୍ତ ବ୍ୟବହାର ଓ ଟିକାକରଣ ସମ୍ପର୍କରେ ସଚେତନତା ସୃଷ୍ଟି ନିମନ୍ତେ ସମ୍ବାଦପତ୍ର, ଟିଭି, ରେଡିଓ, ସାମାଜିକ ଗଣମାଧ୍ୟମ ଆଦି ଗଣମାଧ୍ୟମ ମ ଏବଂ ଅନ୍ୟାନ୍ୟ ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଇଛି ।

ଉପରୋକ୍ତ ତିନୋଟି ପ୍ରସଙ୍ଗରେ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଓ ସୂଚୀତ କରିବା କ୍ଷେତ୍ରରେ ସରକାରଙ୍କ ପ୍ରୟାସରେ ଘରୋଇ ଟିଭି ଚ୍ୟାନେଲଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିବାରୁ ମାର୍ଗଦର୍ଶିକାରେ ସେମାନଙ୍କୁ ପ୍ରଶଂସା କରାଯାଇଛି । ଏହି ଉଦ୍ଦେଶ୍ୟ ଲାଗି ଆହୁରି ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ରାଷ୍ଟ୍ରୀୟ ହେଲ୍ପଲାଇନ ନମ୍ବର ସମ୍ପର୍କରେ ପ୍ରଚାର ଓ ସଚେତନତା କରିବା ଲାଗି ଘରୋଇ ସାଧାରଣ ମନୋରଞ୍ଜନ ଟିଭି ଚ୍ୟାନେଲଗୁଡ଼ିକୁ ପରାମର୍ଶ ଦିଆଯାଇଛି ।

୧୦୭୫-ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟର ରାଷ୍ଟ୍ରୀୟ ହେଲ୍ପଲାଇନ ନଂ
୧୦୯୮-ମହିଳା ଓ ଶିଶୁ କଲ୍ୟାଣ ବିଭାଗର ଶିଶୁ ହେଲ୍ପଲାଇନ ନମ୍ବର
୧୪୫୬୭ -ବରିଷ୍ଠ ନାଗରିକମାନଙ୍କ ପାଇଁ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରଣାଳୟର ହେଲ୍ପଲାଇନ
(ଏନସିଟି ଦିଲ୍ଲୀ, କର୍ଣ୍ଣାଟକ, ମଧ୍ୟପ୍ରଦେଶ, ରାଜସ୍ଥାନ, ତାମିଲନାଡ୍ଡୁ, ତେଲଙ୍ଗାନା, ଉ ର ପ୍ରଦେଶ ଓ ଉ ରାଖଣ୍ଡ)
୦୮୦୪୬୧୧୦୦୦୭-ମନୋବିଜ୍ଞାନ ପରାମର୍ଶ ପାଇଁ ଏନଆଇଏମଏଚଏଏନଏସର ହେଲ୍ପଲାଇନ ନମ୍ବର
୧୪୪୪୩ ଆୟୁଷ କୋଭିଡ-୧୯ ପରାମର୍ଶ ହେଲ୍ପଲାଇନ
୯୦୧୩୧୫୧୫୧୫-ମାଇଁ ଗଭ୍ ହ୍ୱାଟ୍ସଆପ୍ ହେଲ୍ପଡେସ୍କ

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ଡା.ବିଜୟ ସାହୁ ରାଜ୍ୟର ଶିକ୍ଷା ବ୍ୟବସ୍ଥାରେ....

ରାଜ୍ୟରେ ସାଇ ଇଂଟରନ୍ୟାସନାଲ ସ୍କୁଲ ଭଳି ଏକ ଉଚ୍ଚମାନର ଘରୋଇ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରି ଅନେକ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ନୂଆ ମାର୍ଗ ଦେଖାଇବାରେ ସକ୍ଷମ ହୋଇଥିଲେ । ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନର ଉପଦେଷ୍ଟା ଭାବେ ରାଜ୍ୟର ସରକାରୀ ଶିକ୍ଷା ବ୍ୟବସ୍ଥାରେ ଗୁଣାତ୍ମକ ପରିବର୍ତ୍ତନ ଆଣିବାରେ ମଧ ତାଙ୍କର ଭୂମିକା ଥିଲା ଅତୁଳନୀୟ । ଜଣେ ଶିକ୍ଷାବିତ୍ ଭାବରେ ନିଜ ସ୍ୱତନ୍ତ୍ର ଉପସ୍ଥାପନା ଦ୍ୱାରା ଛାତ୍ରଛାତ୍ରୀଙ୍କୁ ଆଗକୁ ବଢ଼ିବା ପାଇଁ ପରାମର୍ଶ ଦେବା ସହ ପ୍ରେରିତ କରୁଥିଲେ । ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଉଛି ।

### ଶିକ୍ଷାବିତ୍ ବିଜୟ ସାହୁଙ୍କ ....

ହାଇଦ୍ରାବାଦର ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଛି । ହାଇଦ୍ରାବାଦ ଏକ ଘରୋଇ ହସ୍ପିଟାଲରେ ବିଜୟ ସାହୁଙ୍କର ଚିକିତ୍ସା ଚାଲିଥଲା । ସେ କରୋନାରୁ ସୁସ୍ଥ ହୋଇଥିଲେ ମଧ ପରବର୍ତ୍ତୀ ଜଟିଳତା ନେଇ ଗୁରୁତର ଥିଲେ । ପରେ ତାଙ୍କୁ ଉନ୍ନତମାନର ଚିକିତ୍ସା ପାଇଁ ହାଇଦ୍ରାବାଦକୁ ନିଆଯାଇଥିଲା । ତେବେ ସେଠାରେ ତାଙ୍କର ଦେହାନ୍ତ ହୋଇଛି । ବିଜୟ ସାହୁଙ୍କ ଦେହାନ୍ତରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ , ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀରରଞ୍ଜନ ଦାଶ ଶୋକ ପ୍ରକାଶ କରିଛନ୍ତି ।

### ସୂଚନା ଓ ଲୋକସଂପର୍କ ବିଭାଗର....

ପ୍ରଦାନ କରି ସୂଚନା ବିତରଣ କ୍ଷେତ୍ରରେ ବିଶ୍ୱସନୀୟତା ଅର୍ଜନ କରିବାକୁ ଅଧିକାରୀମାନେ ତତ୍ପରତା ପ୍ରକାଶ କରିବାକୁ ପରାମର୍ଶ ଦେଇଛନ୍ତି । ସେ ମଧ କର୍ମଚାରୀମାନଙ୍କ ଶୃଙ୍ଖଳା ଓ ନିଷ୍ଠା ଉପରେ ବିଶେଷ ଗୁରୁତ୍ୱ ଦେଇଛନ୍ତି । ଆଜି ଲୋକସଂପର୍କ ଭବନରେ ଶ୍ରୀ ତ୍ରିପାଠୀଙ୍କୁ ବିଭାଗର ଯୁଗ୍ମ ସଚିବ ଶ୍ରୀମତୀ ବିଷ୍ଣୁପ୍ରିୟା ସାହୁ, ଯୁଗ୍ମ ନିର୍ଦ୍ଦେଶକ ଡ. ପ୍ରମୋଦ କୁମାର ମଲ୍ଲିକ ଏବଂ ସୁରେନ୍ଦ୍ର ପରିଡ଼ାଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ନୂତନ ନିର୍ଦ୍ଦେଶକ ବିଭିନ୍ନ ଅଧିକାରୀଙ୍କ କାର୍ଯ୍ୟଧାରା ଓ ଦାୟିତ୍ୱ ସଂପର୍କରେ ସୁବିସ୍ତୃତ ଅବଗତ ହୋଇଥିଲେ ।

## ସମନ୍ୱୟ ଓ ସହଯୋଗ ଅଭାବରୁ ପାରାଦ୍ୱୀପରେ କରୋନା ଯୁଦ୍ଧରେ ଶିଥିଳତା

ପାରାଦ୍ୱୀପ,୦୩/୦୬ (ନି.ପ୍ର): କରୋନା ସଂକ୍ରମଣ ବା କୋଭିଡ୍-୧୯ ମହାମାରୀର ଦ୍ୱିତୀୟ ପର୍ଯ୍ୟାୟରେ ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ସତ୍ୱେ ସମନ୍ୱୟ ଓ ସହଯୋଗ ଅଭାବରୁ ଏହି ଯୁଦ୍ଧରେ ଶିଥିଳତା ଦେଖାଯାଇଛି । ଜିଲ୍ଲାର ବନ୍ଦର ଓ ଶିଳ୍ପ ସହର ପାରାଦ୍ୱୀପର ବିଭିନ୍ନ ଶିଳ୍ପ ଅନୁଷ୍ଠାନ, ବ୍ୟବସାୟ ପ୍ରତିଷ୍ଠାନ, ସ୍ୱେଚ୍ଛାସେବୀ ଅନୁଷ୍ଠାନର ସକ୍ରିୟ ସହଯୋଗ ଓ ସମନ୍ୱୟ ଭାବେ କାର୍ଯ୍ୟ କରିଥିବା ଯୋଗୁଁ କରୋନା ସଂକ୍ରମଣର ପ୍ରଥମ ପର୍ଯ୍ୟାୟରେ ସମଗ୍ର ଜିଲ୍ଲା ଓ ପାରାଦ୍ୱୀପରେ ଏହି ସଂକ୍ରମଣ ବୃଦ୍ଧି ପାଇପାରିନଥିଲା ଏବଂ ସ୍ଥିତି ନିୟନ୍ତ୍ରଣରେ ଥିଲା । କିନ୍ତୁ ବର୍ତ୍ତମାନ ପରିସ୍ଥିତିରେ ଏହି ଯୁଦ୍ଧରେ ଜିଲ୍ଲା ପ୍ରଶାସନ, ପୋଲିସ୍ ପ୍ରଶାସନ ଓ କିଛି ହାତ ଗଣତି ସ୍ୱେଚ୍ଛାସେବୀ ଅନୁଷ୍ଠାନ ସକ୍ରିୟ ଥିବା ବେଳେ ଅନ୍ୟମାନେ ନିଷ୍କ୍ରିୟ ଥିବାର ଦେଖାଯାଉଛି । ପୂର୍ବରୁ ସ୍ଥାନୀୟ ଶିଳ୍ପ ସଂସ୍ଥା ମାନେ କରୋନା ଯୋଦ୍ଧା, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ସର୍ବସାଧାରଣରେ ଉପଯୋଗୀ ମାସ୍କ ଓ ସାନିଟାଇଜର ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ ସହଯୋଗ କରିଥିବା ସ୍ଥଳେ ସଂପ୍ରତି କରୋନା ଯୁଦ୍ଧରେ ସେମାନଙ୍କର ସହଭାଗିତା ଦେଖିବାକୁ ମିଳୁନାହିଁ । ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଘଟଣା ହେଲା କରୋନା ଯୋଦ୍ଧା ଗଣମାଧ୍ୟମ ପ୍ରତିନିଧି ମାନେ ଏପରି ଗୁରୁତ୍ୱପୂର୍ଣ୍ଣ ସମୟରେ କରୋନା ମହାମାରୀ ସମ୍ପର୍କିତ ଖବର ସାଧାରଣରେ ଉପସ୍ଥାପନ କରୁଥିବା ବେଳେ, ସେମାନଙ୍କ ସୁରକ୍ଷା ବିଷୟରେ କେହିବି ଚିନ୍ତା କରୁନାହାଁନ୍ତି । ପ୍ରଥମ ପର୍ଯ୍ୟାୟ ସମୟରେ ପାରାଦ୍ୱୀପ ବନ୍ଦର, ଇଫ୍‌କୋ ଓ କିଛି ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ସାମ୍ବାଦିକ ମାନଙ୍କୁ ମାସ୍କ ଓ ସାନିଟାଇଜର ଯୋଗାଇ ଦିଆଯାଇଥିବା ବେଳେ ଏବେ ଏହା ଉପଲବ୍ଧ ହେଉନାହିଁ ।

## ଟିକା ଆଣିବାକୁ ଚେଷ୍ଟା କରୁଛୁ : ଡିଏମଇଟି

ଭୁବନେଶ୍ୱର,୦୩/୦୬ (ନି.ପ୍ର): ଟିକା ଆଣିବା ନେଇ ସବୁଆଡୁ ଚେଷ୍ଟା କରୁଛୁ । ଚେଷ୍ଟା ଭୁଲ ନୁହେଁ, ଆମେ ଗ୍ଲୋବାଲ ଟେଣ୍ଡର କରି ଚେଷ୍ଟା କରିଥିଲୁ । ଗ୍ଲୋବାଲ ଟେଣ୍ଡରର ଅର୍ଥ ନୁହେଁ ଆମେ ପାଇବୁ ବୋଲି ଗ୍ୟାରେଂଟି ରହିଛି । ଆମେ ପରିସ୍ଥିତିକୁ ଦେଖି କି ପଦକ୍ଷେପ ନିଆଯାଇ ପାରିବ ସ୍ଥିର କରିବୁ ବୋଲି ଡିଏମଇଟି ସିବିକେ ମହାନ୍ତି କହିଛନ୍ତି । ସେ ଆହୁରି କହିଛନ୍ତି ଯେ ବିଦେଶରୁ ଟିକା ଆଣିବାରେ ପୂର୍ବରୁ କଟକଣା ଥିଲା, ଆମେ ବିଫଳ ହେଇଛୁ । କଟକଣା କୋହଳ ହେଲାଣି, ଏବେ ଆମ ପାଖରେ ଆଉ ଏକ ସ୍କୋପ ଅଛି । ଥାର୍ଡ ୱେଭ କେବେ ଆସିବ, ପ୍ରଭାବ କେମିତି ରହିବ କହିବା ଅସମ୍ଭବ । ରାଜ୍ୟ ସରକାର ଥାର୍ଡ ୱେଭ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି ସେ କହିଛନ୍ତି । ଅପରପକ୍ଷରେ କରୋନା ତୃତୀୟ ଲହରକୁ ନେଇ ଡିଏମଇଟି କହିଛନ୍ତି, ଏମିତି ବହୁତ ସଂକ୍ରମଣର ଅନେକ ଗୁଡିଏ ୱେଭ ଆସିବାର ନଜର ରହିଛି । ମାତ୍ର ଥାର୍ଡ ୱେଭ କେବେ ଆସିବ ଓ ଏହାର ପ୍ରଭାବ କେମିତି ରହିବ ତାହା କହିବା ଅସମ୍ଭବ । ତଥାପି ରାଜ୍ୟ ସରକାର ତୃତୀୟ ୱେଭ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛନ୍ତି । ଭିତିଭୂମି, ଅକ୍ସିଜେନ, ମେଡ଼ିସିନ, ସବୁ କିଛି ମହଜୁଦ ରହିଛି । ଅନ୍ୟ ରାଜ୍ୟ ପରି ଆମ ରାଜ୍ୟର ଅନେକ ଜିଲ୍ଲାରେ କୋରନା କୋପ କମିବାର ଧାରା ଆରମ୍ଭ ହୋଇଛି । ଆମେ ଆଶା କରିବା ଏହି ଧାରା ବଜାୟ ରହୁ । ବିଗତ ଦିନରେ ବଢିଥିବା ସଂକ୍ରମଣ ମାମଲା ଯୋଗୁ ବର୍ତ୍ତମାନ ମୃତ୍ୟୁ ମାମଲା ବଢୁଛି । ପୂର୍ବରୁ ମେଡ଼ିକାଲରେ ଆଡ଼ମିଟ ହୋଇଥିବା କିଛି କ୍ରିଟିକାଲ ପେସେଂଟଙ୍କର ଡେଥ ହେଉଛି । ମାତ୍ର ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାର ସ୍ଥିତି ଭଲ ରହିଛି ବୋଲି କହିଛନ୍ତି ଡିଏମଇଟି ସିବିକେ ମହାନ୍ତି ।

## ପିପିଏଲ ପକ୍ଷରୁ କୁଜଙ୍ଗ ବ୍ଲକ୍‌କୁ କୋଭିଡ୍ ସାମଗ୍ରୀ ପ୍ରଦାନ



ପାରାଦୀପ,୦୩/୦୬ (ନି.ପ୍ର): କରୋନା ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ରଖି ପାରାଦୀପ ଫସ୍‌ଫେଟସ୍ ଲିମିଟେଡ୍ ପକ୍ଷରୁ କୁଜଙ୍ଗ ବ୍ଲକ୍‌କୁ ସୋଡିୟମ୍ ହାଇପୋକ୍ଲୋରାଇଡ୍ ସଲ୍ୟୁସନ, ହାଣ୍ଡ ସାନିଟାଇଜର, ପିପିଇ କିଟ୍, ଥର୍ମାଲ ସ୍କାନର, ପଲସ୍ ଅକ୍ସିମିଟ. ଏନ୍-୯୫ ମାସ୍କ, ୟୁପିଏସ୍ ଓ ବ୍ୟାଟେରୀ ପ୍ରଦାନ କରାଯାଇଛି । କୁଜଙ୍ଗ ମଣ୍ଡଳ ଉନ୍ନୟନ ଅଧିକାରୀ ଅମୀୟ କୁମାର ପଣ୍ଡାଙ୍କୁ ଅଢେଇ ଲକ୍ଷ ଟଙ୍କା ମୂଲ୍ୟର ସାମଗ୍ରୀ ପିପିଏଲର ସିଏସ୍‌ଆର ପ୍ରବନ୍ଧକ ସୌମ୍ୟଶ୍ରୀ ଓମପ୍ରକାଶ ସାହୁ ହସ୍ତାନ୍ତରିତ କରିଥିଲେ । କୁଜଙ୍ଗ ବ୍ଲକ୍ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରେ ବୃଦ୍ଧି ପାଉଥିବା କରୋନା ସଂକ୍ରମଣକୁ ରୋକିବାରେ ଏହା ସହାୟକ ହେବ ବୋଲି ପିପିଏଲର କର୍ପୋରେଟ୍ ଆଫେୟାର୍ସ ମୁଖ୍ୟ ସୁଧି ରଂଜନ ମିଶ୍ର ଜଣାଇଛନ୍ତି । ପ୍ରକାଶ ଥାଉ କି, ପାରାଦୀପରେ ଶିଳ୍ପ କରିଥିବା ଏହିସଂସ୍ଥା ପାରାଦୀପର ସହରାଞ୍ଚଳ, ବସ୍ତି ଅଂଚଳରେ କରୋନା ମହାମାରୀକୁ ରୋକିବାରେ ସହର ସାନିଟାଇଜ୍ କରିବା ଜନସାଧାରଣଙ୍କୁ ସଚେତନ କରିବା କିମ୍ବା ମାସ୍କ ବଣ୍ଟନ କରିବା ପ୍ରଥମ ଲହର କି ଦ୍ୱିତୀୟ ଲହରରେ ପିପିଏଲର କୌଣସି ଭୂମିକା ଦେଖିବାକୁ ମିଳିନାହିଁ ।

## ଧାନକିଣା ଅବ୍ୟବସ୍ଥାକୁ ନେଇ ରାମନଗରପାଟଣା ସେବା ସମବାୟ ସମିତିର ଚାଷୀ ବସିଲେ ଅନଶନରେ

ଜଳେଶ୍ୱର,୩/୬ (ନି.ପ୍ର) : ବାଲେଶ୍ୱର ଜିଲାର ଉପାନ୍ତ ଜଳେଶ୍ୱର ବ୍ଲକ ୧୯ଇ ସେବା ସମବାୟ ସମିତି ମାଧ୍ୟମରେ ସରକାର ଚାଷୀଙ୍କ ଠାରୁ ଧାନ କିଣିଥାନ୍ତି । ରାଜପୁର ଗ୍ରାମର ରାମନଗରପାଟଣା ସେବା ସମବାୟ ସମିତିରେ ଧାନ କିଣା ଅବ୍ୟବସ୍ଥାକୁ ନେଇ ପୂର୍ବସୂଚୀ ଅନୁଯାୟୀ ଆଜି ପୂର୍ବାହ୍ନରେ ବହୁ ଚାଷୀ ସେବା ସମବାୟ ସମିତି ସମ୍ମୁଖରେ ଅନସନ ଧାରଣାରେ ବସିଥିଲେ । ଏହି ସେବାସମବାୟ ସମିତିରେ ୨୦୭ଜଣ ଚାଷୀ ଧାନ ଦେବାଲାଗି ପଂଜିକରଣ କରିଥିବା ବେଳେ ୧୫୭ଜଣଙ୍କୁ ଟୋକନ୍ ମିଳିଥିଲା । ସେମାନଙ୍କ ମଧ୍ୟରୁ ୧୮ ତାରିଖ ଓ ୧୯ ତାରିଖରେ ଧାନ ଦେବାକୁ ଥିବା ୨୨ ଜଣ ଚାଷୀଙ୍କ ଟୁକନ୍ ଲେପ୍‌ସ୍ ହେବାପରେ ଉତ୍ତେଜନା ପ୍ରକାଶ ପାଇଥିଲା । ଆଜି ସକାଳ ୮ଟାରୁ ଅନଶନ ଚାଲିଥିବା ବେଳେ ସେଠାରେ ଅପରାହ୍ନରେ ବିଧାୟକ ସେଠାରେ ପହଞ୍ଚି ଜିଲାପାଳଙ୍କ ସହିତ ଫୋନ୍‌ଯୋଗ ଆଲୋଚନା କରି ସମସ୍ତ ଧାନ ନେବାର ପ୍ରତିଶୃତି ଦେବାପରେ ଅନଶନ ପ୍ରତ୍ୟାହୃତ ହୋଇଥିଲା । ଏହି ଆନ୍ଦୋଳନରେ ସଭାପତି ବସନ୍ତ ପ୍ରଧାନ, ଦୁର୍ଗାଶଂକର ଭୂୟାଁ, ସରପଂଚ ଦିଲ୍ଲିପ ପରିଡା, ତପନ ବିଶ୍ୱାଳ, ଗଣେଶ ପାତ୍ର, କମଳାକାନ୍ତ ଦେ, ରାଧାଶ୍ୟାମ ସାହୁ, ଜଗନ୍ନାଥ ଭଂଜ, ହେମନ୍ତ ପାତ୍ର, ମଧୁସୂଦନ ପାଳ, ଅନୁପମା ଦତ୍ତ, ମନ୍ମଥ ଦତ୍ତ, ଦେବାଶିଷ ସାହୁ, ଅରୁଣ ଦେ, ଲକ୍ଷ୍ମୀନାରାୟଣ ପଣ୍ଡା, ୟାସିନ୍ ବକ୍ସ, ନିରଂଜନ ପାତ୍ର, ବରୁଣ ନାୟକ, ଆଦିକନ୍ଦ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ ।

ବାଲେଶ୍ୱର ଶୁକ୍ରବାର, ୦୪ ଜୁନ୍, ୨୦୨୧

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

## ଲୋକାର୍ପିତ ହେଲା କୋଭିଡ୍ ସଚେତନତା ରଥ

ଭୁବନେଶ୍ୱର,୦୩/୦୬ (ନି.ପ୍ର): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ସୂଚନା ଓ ଲୋକସଂପର୍କ ବିଭାଗ ଏବଂ ୟୁନିସେଫ୍, ଓଡ଼ିଶାର ମିଳିତ ଉଦ୍ୟମରେ ୧୦ଟି ଜିଲ୍ଲା ଓ ୨ଟି ମହାନଗର ନିଗମ ନିମନ୍ତେ ପ୍ରସ୍ତୁତ ସଚେତନତା ରଥ ଲୋକାର୍ପିତ ହୋଇଛି । କୋଭିଡ୍ ସମ୍ବନ୍ଧୀୟ ବିଭିନ୍ନ ବାର୍ତ୍ତା ନେଇ ଲୋକଙ୍କୁ ସଚେତନ କରିବା ଅଭିଯାନରେ ଏହା ସାମିଲ ହେବ। ପୂର୍ବରୁ ଦୁଇଟି ପର୍ଯ୍ୟାୟରେ ୧୬ଟି ଜିଲ୍ଲାର ୧୧୬ଟି ବ୍ଲକ୍ ଏବଂ ୩ଟି ସହରାଂଚଳରେ ଏହି ଅଭିଯାନ ଚାଲୁ କରାଯାଇଥିଲା । ଆଜିର ଏହି ସଚେତନତା ରଥଗୁଡ଼ିକ ମାଲକାନଗିରି, କୋରାପୁଟ, ରାୟଗଡ଼ା, କଳାହାଣ୍ଡି, ନୂଆପଡ଼ା, ମୟୂରଭଞ୍ଜ, ସୁନ୍ଦରଗଡ଼, ଗଜପତି, ଖୋର୍ଦ୍ଧା ଓ କଟକ ଜିଲ୍ଲା ସହିତ କଟକ ଓ ଭୁବନେଶ୍ୱର ମହାନଗର ନିଗମ ଅଂଚଳରେ ସଚେତନତାର ବାର୍ତ୍ତା ଦୃଶ୍ୟଶ୍ରାବ୍ୟ ମାଧ୍ୟମରେ ପ୍ରଚାର କରିବ । ସଂସ୍କୃତି ଭବନ ପରିସରରେ ଆୟୋଜିତ ଆଜିର ଏହି କାର୍ଯ୍ୟକ୍ରମକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ଏବଂ ସୂଚନା ଓ ଲୋକସଂପର୍କ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ବିଷ୍ଣୁପଦ ସେଠୀ ସଂସ୍କୃତି ନିର୍ଦ୍ଦେଶକ ରଞ୍ଜନ କୁମାର ଦାସଙ୍କ ଉପସ୍ଥିତିରେ ଆନୁଷ୍ଠାନିକ ଭାବେ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ଅବସରରେ ସୂଚନା ଓ ଲୋକସଂପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ପଦ୍ମଶ୍ରୀ ଅରୁଣା ମହାନ୍ତି, ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ, ଅଭିନେତା କୁନା ତ୍ରିପାଠୀ, ଅର୍ଚ୍ଚିତା ଓ ସଂସ୍କୃତି ନିର୍ଦ୍ଦେଶକ ରଞ୍ଜନ କୁମାର ଦାସଙ୍କ ପ୍ରଦତ୍ତ ବାର୍ତ୍ତା ପ୍ରଚାରର ଶୁଭାରମ୍ଭ କରାଯାଇଥିଲା । ଏଥି ସହିତ ରଞ୍ଜନ କୁମାର ଦାସଙ୍କ ଦ୍ୱାରା ଲିଖିତ ସଚେତନତା କାହାଣୀ 'କେଉଁ ବେଳାରେ ଆସିଲା ଏଇ କରୋନା ଭୂତାଣୁ' ଗୀତର ଭିଜୁଆଲ, ବାସୁଦେବ ମାଳବିଶୋଇ ଏବଂ ଶ୍ରୀ ଅବନୀ ମିଶ୍ରଙ୍କ ଦ୍ୱାରା ରଚିତ ଗୀତ 'ହାତ ଅଟେ ଅମୂଲ୍ୟ ରନି' ଓ 'ନାଗର ନାଗରୀ'ର ଲୋକାର୍ପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ୟୁନିସେଫ୍, ନୂଆଦିଲ୍ଲୀର ଯୋଗାଯୋଗ ବିଶେଷଜ୍ଞ ଶ୍ରୀମତୀ ଲୋପାମୁଦ୍ରା ତ୍ରିପାଠୀ, ନେହେରୁ ଯୁବ କେନ୍ଦ୍ରର ରାଜ୍ୟ ନିର୍ଦ୍ଦେଶକ ରୀତା ଭଗତ, ବିଏମ୍‌ସିର ଅତିରିକ୍ତ କମିଶନର ଲକ୍ଷ୍ମୀକା ସେଠୀ, ରାଜ୍ୟ କଳା ସଂସ୍କୃତି ସଂଘର ଉପସଭାପତି ଅବନୀ ମିଶ୍ର ଯୋଗଦେଇଥିବାବେଳେ ଏହି ସମସ୍ତ କାର୍ଯ୍ୟକ୍ରମକୁ ବାସୁଦେବ ମାଳବିଶୋଇ ସଂଯୋଜନା କରିଥିଲେ ।

## ବାତ୍ୟାରେ ୨୧୯ ହେକ୍ଟର ଜମିର ଚାଷ ନଷ୍ଟ : ପ୍ରଶାସନର ଆକଳନ କ୍ଷତି ୩୦.୯୧ଲକ୍ଷ

ବାଲେଶ୍ୱର,୦୩/୦୬ (ନି.ପ୍ର): ସାମୁଦ୍ରିକ ବାତ୍ୟା 'ୟସ'ରେ ବାଲେଶ୍ୱର ଜିଲାରେ ହୋଇଥିବା କ୍ଷୟକ୍ଷତି ବାବଦରେ ପ୍ରଶାସନ ପକ୍ଷରୁ ସରକାରଙ୍କୁ ଦିଆଯାଇଥିବା ରିପୋର୍ଟକୁ ନେଇ ଏବେ ଆଲୋଚନା ଜୋର ଧରିବାରେ ଲାଗିଛି। ମିଳିଥିବା ସୂଚନା ଅନୁସାରେ ଗତ ୨୬ ତାରିଖରେ ବାତ୍ୟାର ତାଣ୍ଡବରେ ଜିଲାର ୧୨ଗୋଟି ବ୍ଲକର ୨୭୨୨ ଗ୍ରାମ ଓ ୪ ଗୋଟି ପୌରାଞ୍ଚଳରେ ମୋଟ ୧୯,୨୩,୬୯୯ ଜଣ ପ୍ରଭାବିତ ହୋଇଛନ୍ତି। ସେହିଭଳି ଜିଲାରେ ମୋଟ ୨୧୯ ହେକ୍ଟର ଜମିର ଚାଷ ନଷ୍ଟ ହୋଇଥିବା ବେଳେ କ୍ଷତିର ପରିମାଣ ୩୦ ଲକ୍ଷ ୯୧ହଜାର ୫ଶହ ଟଙ୍କା ବୋଲି ପ୍ରଶାସନ ପକ୍ଷରୁ ରିପୋର୍ଟରେ ଦର୍ଶାଯାଇଛି। ଅନ୍ୟପକ୍ଷରେ ଏହି ବାତ୍ୟା ଯୋଗୁଁ ଜିଲାରେ ମୋଟ ୪୮୦୯ ଗୃହ ନଷ୍ଟ ହୋଇଥିବା ବେଳେ ତନ୍ମଧ୍ୟରୁ ୪୦ ଗୋଟି କଚ୍ଚାଘର ସମ୍ପୂର୍ଣ୍ଣ ନଷ୍ଟ ଓ ୪୬୧୭ କଚ୍ଚା ଘର ଆଂଶିକ ନଷ୍ଟ ହୋଇଛି। ୬ ଟି ପକ୍କାଘର ଅଧିକ କ୍ଷତି ହୋଇଥିବା ବେଳେ ୩୩ଟି ପକ୍କାଘର ଆଂଶିକ ନଷ୍ଟ ହୋଇଛି। ଏଥି ସହିତ ୧୧୩ ଟି ଝାଟିମାଟି ଘର ଓ ୩୩୩ଟି ଗୋରୁ ଗୁହାଳ ନଷ୍ଟ ହୋଇଛି। ନଷ୍ଟ ହୋଇଥିବା ମୋଟ ଘରର ବାବଦରେ ୧ କୋଟି ୯୭ ଲକ୍ଷ ୮୩ ହଜାର ୯ଶହ ଟଙ୍କାର କ୍ଷତି ହୋଇଥିବା ପ୍ରଶାସନ ପକ୍ଷରୁ ଆକଳନ କରାଯାଇଛି। ଏହା ବ୍ୟତୀତ ୫୬୦ଟି ପ୍ରାଥମିକ ବିଦ୍ୟାଳୟ ବିଲ୍ଡିଂ, ୩୮୮ଟି ପଞ୍ଚାୟତ ଅଫିସ ଓ କମ୍ୟୁନିଟି ଗୃହ, ୩୭ଟି ଅଙ୍ଗନୱାଡ଼ି କେନ୍ଦ୍ର ନଷ୍ଟ ହୋଇଛି। ସେହିପରି ୩୦୬୯ କିଲୋମିଟର ଗ୍ରାମ୍ୟ ରାସ୍ତା, ୭୧.୮୦ କିମି ରାଜ୍ୟ ରାଜପଥ, ୫୬.୩୩୧ କିମି ଜିଲା ମୁଖ୍ୟ ରାସ୍ତା, ୨୮୯.୫୫୨ କିମି ପଞ୍ଚାୟତ ରାସ୍ତା ନଷ୍ଟ ହୋଇଥିବା ରିପୋର୍ଟରେ କୁହାଯାଇଛି। ଅନ୍ୟପକ୍ଷରେ ଏହି ବାତ୍ୟାରେ ମାତ୍ର ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଥିବା ବେଳେ ୨୪,୫୪୨ କୁକୁଡ଼ା ଓ ୧୩ ଗୋଟି ପ୍ରାଣୀଧନ ଜୀବନ ହାରିଛନ୍ତି। ଅନୁରୂପ ଭାବେ ବାତ୍ୟା ଯୋଗୁଁ ୪ ଗୋଟି ମାଛଧରା ବୋଟ ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା ବେଳେ ୮ ଗୋଟି ଆଂଶିକ ଓ ୧୬୩ ଗୋଟି ମାଛ ପୋଖରୀ ନଷ୍ଟ ହୋଇଥିବା କୁହାଯାଇଛି। ତେବେ ଏହି କ୍ଷୟକ୍ଷତିର ପରିମାଣ ଅଦ୍ୟାବଧି ହିସାବ କରାଯାଇନଥିବା ଜଣାପଡ଼ିଛି। ତେବେ ବାତ୍ୟା ବେଳେ ସ୍ଥାନାନ୍ତରିତ ଲୋକଙ୍କୁ ୭ ଦିନର ଖାଦ୍ୟ ବାବଦରେ ୪୪,୩୪୮.୪୮ କ୍ୱିଣ୍ଟାଲ ଚାଉଳ, ୭୬୧.୩୭ କ୍ୱିଣ୍ଟାଲ ଚୁଡ଼ା, ୭୭.୧୩ କ୍ୱିଣ୍ଟାଲ ଗୁଡ଼, ୨,୩୨୦ ଖଣ୍ଡ ପଲିଥିନ ବଣ୍ଟନ କରାଯାଇଛି। ୧୭୪୫ ଗୋଟି କେନ୍ଦ୍ରରେ ରନ୍ଧାଖାଦ୍ୟ ବ୍ୟବସ୍ଥା କରାଯାଇଥିଲା ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ଦିନକରେ ୩୯୫ ସଂକ୍ରମିତ ଚିହ୍ନଟ

ବାଲେଶ୍ୱର,୦୩/୦୬ (ନି.ପ୍ର): ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ରିପୋର୍ଟ ଅନୁସାରେ ଗତ ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର ଜିଲାରେ ୩୯୫ଜଣ ନୂଆ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଚିହ୍ନଟ ସଂକ୍ରମିତଙ୍କ ମଧ୍ୟରେ ସହରର ଆଜିମାବାଦରୁ ୪ଜଣ, ନିଷ୍ଟ କଲେଜରୁ ୪, ସୁନହଟରୁ ୪, ଦାମୋଦରପୁରରୁ ୩, ପୁଲିସ ଲାଇନରୁ ୩, ଅରଡ଼ବଜାରରୁ ୩, ଅଙ୍ଗାରଗଡ଼ିଆରୁ ୨, ବିସି ସେନ ରୋଡରୁ ୨, ନେଳିଆବାଗରୁ ୨ଜଣଙ୍କ ସମେତ ବୈରାମନଗର, ବାରବାଟୀ, ଭୋଇସାହି, ଚିଡ଼ିଆପୋଲ, ଗୋଲାପୋଖରୀ, ଆଇଟିଆଇ ଛକ, କାଶିମାବାଦ, ମାନସିଂବଜାର, ମଠସାହି, ରାଣୀପାଟଣା ପ୍ରଭୃତି ଅଞ୍ଚଳରୁ ଜଣେ ଲେଖାଏଁ ଅଛନ୍ତି। ସେହିଭଳି ସଦର ବ୍ଲକରୁ ୩୭ଜଣ, ରେମୁଣାରୁ ୨୪ ଜଣ, ବାହାନଗାରୁ ୧୧, ବାଲିଆପାଳରୁ ୧୭, ବସ୍ତାରୁ ଜଣେ, ଭୋଗରାଇରୁ ୮, ଜଳେଶ୍ୱରରୁ ଜଣେ, ଖଇରାରୁ ୩, ନୀଳଗିରିରୁ ୫୧, ଔପଦାରୁ ୩, ସିମୁଳିଆରୁ ୭୯ ଓ ସୋର ବ୍ଲକରୁ ୧୨୩ ଜଣ ନୂଆ ସଂକ୍ରମିତ ଭାବେ ଚିହ୍ନଟ ହୋଇଛନ୍ତି। ଅଦ୍ୟାବଧି ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ୨୫,୬୬୩ ପହଞ୍ଚିଥିବା ବେଳେ ଆଜି ଦିନକରେ ୪୭୭ ଜଣ ସୁସ୍ଥ ହୋଇଛନ୍ତି। ଜିଲାରେ ଏବେ ସୁଦ୍ଧା ୨୨,୪୧୬ ଜଣ ସୁସ୍ଥ ମଧ୍ୟ ହୋଇଛନ୍ତି। ଏବେ ସକ୍ରିୟ ଥିବା ୩,୧୩୪ ଜଣ ସଂକ୍ରମିତଙ୍କ ମଧ୍ୟରୁ ୨,୮୫୭ ଜଣ ଗୃହ ସଙ୍ଗରୋଧରେ ଏବଂ ୨୭୭ଜଣ ଜିଲାର ଦୁଇଗୋଟି କୋଭିଡ ଡାକ୍ତରଖାନା ଓ ୩ ଗୋଟି କୋଭିଡ ଯତ୍ନ କେନ୍ଦ୍ର ରହି ଚିକିତ୍ସିତ ହେଉଛନ୍ତି। ତେବେ ଗତ ୨୪ ଘଣ୍ଟା ମଧ୍ୟରେ ଜିଲାରେ ୩୮ ଓ ୫୭ ବର୍ଷର ଦୁଇଜଣ ପୁରୁଷ ବ୍ୟକ୍ତିଙ୍କ କରୋନାରେ ମୃତ୍ୟୁ ହୋଇଛି। ଅଦ୍ୟାବଧି ଜିଲାରେ କରୋନା ଜନିତ ମୃତ୍ୟୁ ସଂଖ୍ୟା ୧୧୩ରେ ପହଞ୍ଚିଥିବା ସରକାରୀ ସୂତ୍ରରୁ ଜଣାପଡ଼ିଛି। ପୁଣି ୪ ଓ ୫ ତାରିଖ ଦୁଇ ଦିନ ଜିଲାର ୮୧ଟି କେନ୍ଦ୍ରରେ ୧୮ ହଜାରରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ଟିକା ଦିଆଯିବ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି।

## ବିଧାନସଭାରେ ନେଭାର କାର୍ଯ୍ୟକାରିତା ଉପରେ ସମୀକ୍ଷା ବୈଠକ

ଭୁବନେଶ୍ୱର,୦୩/୦୬ (ନି.ପ୍ର): ବିଧାନସଭାରେ ନେଭାର କାର୍ଯ୍ୟକାରିତା ଉପରେ ଏକ ସମୀକ୍ଷା ବୈଠକ ଆଜି ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ବାଚସ୍ପତିଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି। ନେଭା କାର୍ଯ୍ୟକ୍ରମ ଅନ୍ତର୍ଗତ ନୂଆ ଭିଡ଼ିଓ କନ୍‌ଫରେନ୍ସ ହଲ୍ ତୁରନ୍ତ ନିର୍ମାଣ ପାଇଁ ବାଚସ୍ପତି ଡ. ପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ନୂତନ ଜ୍ଞାନକୌଶଳରେ ନିର୍ମିତ ହେବାକୁ ଥିବା ଏହି ଭିଡ଼ିଓ କନ୍‌ଫରେନ୍ସିଂ ହଲ୍‌ରେ ୫୦ ଜଣ ସଦସ୍ୟ ବସିବା ବ୍ୟବସ୍ଥା ରହିବା ସ୍ଥଳେ ଅନ୍ୟାନ୍ୟ ଅତ୍ୟାଧୁନିକ ସୁବିଧାସୁଯୋଗ ଯୋଗାଇ ଦିଆଯିବ। ଏଥିପାଇଁ ପରିବର୍ତ୍ତିତ ପ୍ରକଳ୍ପ ରିପୋର୍ଟ ନୂଆଦିଲ୍ଲୀସ୍ଥିତ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରାଳୟକୁ ପ୍ରଦାନ କରିବା ପାଇଁ ବାଚସ୍ପତି ନିର୍ଦ୍ଦେଶ ଦେଇଛନ୍ତି। ଲନ୍ ଓ ୱାଇ-ଫାଇ ସଂଯୋଗୀକରଣ ବାବଦରେ ବିନିଯୋଗ ହୋଇଥିବା ୧ କୋଟି ୯୩ ଲକ୍ଷ ଟଙ୍କାର ବିନିଯୋଗ"ପ୍ରମାଣପତ୍ର ଦାଖଲ କରିବା ପାଇଁ ମଧ ନିର୍ଦ୍ଦେଶ ଦିଆଯାଇଥିଲା। ଉକ୍ତ ବୈଠକରେ ବିଧାନସଭା ସଚିବ ଦାଶରଥୀ"ଶତପଥୀ, ସୂଚନା ପ୍ରଯୁକ୍ତି ବିଭାଗ ସ୍ୱତନ୍ତ୍ର ସଚିବ ମନୋଜ ପଟ୍ଟନାୟକ, ଉପଶାସନ ସଚିବ ସେବାନନ୍ଦ ଦୋରା, ଜାତୀୟ ସୂଚନା ପ୍ରଯୁକ୍ତି ବିଦ୍ୟା ବୈଷୟିକ ନିର୍ଦ୍ଦେଶକ ସରିତା ସାହୁ, ଓକାକ୍ର ବରିଷ୍ଠ ପରାମର୍ଶଦାତା ସୁଦୀପ୍ତ ସାମନ୍ତ, ଓକାକ୍ର ବରିଷ୍ଠ ବୈଜ୍ଞାନିକ ଦିଲ୍ଲୀପ ମାନ୍ଧାତା ପ୍ରମୁଖ ଯୋଗ ଦେଇଥିଲେ।

## ବାତ୍ୟା ପରେ ଦଳୀୟ ଭିତ୍ତିରେ ଚାଲିଛି ବିଦ୍ୟୁତ ମରାମତି କାର୍ଯ୍ୟ



ବାଲେଶ୍ୱର,୦୩/୦୬ (ନି.ପ୍ର): ବାତ୍ୟା ପରଠାରୁ ବାଲେଶ୍ୱରରେ ଗତ କିଛିଦିନ ଧରି ଚାଲିଥିବା ବିଦ୍ୟୁତ ବିଭ୍ରାଟକୁ ନେଇ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଇଥିବା ବେଳେ ଏନେଇ ବିଜେପି ସଦର ଶାଖାର ଏକ ପ୍ରତିନିଧି ଦଳ ବିଭିନ୍ନ ଅଞ୍ଚଳ ବୁଲି ସ୍ଥିତି ପରଖିଛନ୍ତି। ବିଜେପି ନେତା ମାନସ ଦତ୍ତଙ୍କ ନେତୃତ୍ୱରେ ଏହି ପ୍ରତିନିଧି ଦଳ ସଦର ନିର୍ବାଚନମଣ୍ଡଳୀର ବିଭିନ୍ନ ଅଞ୍ଚଳ ଯାଇ ଉତ୍କଟ ବିଦ୍ୟୁତ ସମସ୍ୟା ସମ୍ପର୍କରେ ଅବଗତ ହୋଇଛନ୍ତି। ସାମୁଦ୍ରିକ ବାତ୍ୟା 'ୟସ' ପରେ ବାଲେଶ୍ୱର ସଦର ବ୍ଲକର ବିଭିନ୍ନ ସ୍ଥାନରେ ବିଦ୍ୟୁତ ସମସ୍ୟା ଅଧିକ ତୀବ୍ର ହୋଇଥିବା ଶ୍ରୀ ଦତ୍ତ କହିଛନ୍ତି। ଏନେଇ ସେ ଟାଟା ପାୱାରର ବାଲେଶ୍ୱର ଅଧୀକ୍ଷଣ ଯନ୍ତ୍ରୀଙ୍କୁ ସାକ୍ଷାତ ସହ ବିଦ୍ୟୁତ ଯୋଗାଣ କ୍ଷେତ୍ରରେ ଉପଭୋକ୍ତାମାନେ ସାମ୍ନା କରୁଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ସୂଚନା ଦେଇଛନ୍ତି। ତାଙ୍କ କହିବା ଅନୁସାରେ ବହୁ ଗ୍ରାମରେ ବିଦ୍ୟୁତ ଖୁଣ୍ଟ ପଡ଼ିରହିଛି ତ କେଉଁଠି ତାର ସଂଯୋଗ ହୋଇପାରି ନାହିଁ। ବାତ୍ୟା ପରବର୍ତ୍ତୀ ୨୪ ଘଣ୍ଟା ମଧ୍ୟରେ ସବୁ ସ୍ଥାନରେ ବିଦ୍ୟୁତ ସଂଯୋଗ ହୋଇଯିବ ବୋଲି ରାଜ୍ୟ ସରକାରଙ୍କ ପ୍ରତିଶ୍ରୁତି ଏବେ ପାଣିର ଗାର ହୋଇଥିବା ସେ ଆରୋପ କରିଛନ୍ତି। କିଛି ଜାଗାରେ ରାଜନୈତିକ ଉଦ୍ଦେଶ୍ୟ ରଖି ଦଳୀୟ ଭିତ୍ତିରେ ମରାମତି କରାଯିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି ସେ କହିଛନ୍ତି। ସମସ୍ତଙ୍କୁ ଦୁଇ ଦିନ ମଧ୍ୟରେ ବିଜୁଳି କରା ନଗଲେ ବିଜେପି ଆନ୍ଦୋଳନକୁ ଓହ୍ଲାଇବ ବୋଲି ଦଳ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ଅବସରରେ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସ୍ମାରକପତ୍ର ପ୍ରଦାନ ବେଳେ ଶ୍ରୀ ଦତ୍ତଙ୍କ ସମେତ ରବିନାରାୟଣ ମହାପାତ୍ର, ସୀତାକାନ୍ତ ସ୍ୱାଇଁ, ଗୌରାଙ୍ଗ ଦାସ, ଲୋକନାଥ ଭୂୟାଁ, ସୁଜିତ ଦେବ, ଉପେନ୍ଦ୍ର ଶତପଥୀ, ସତ୍ୟଜିତ ମିଶ୍ର, ଅନନ୍ତ ନାୟକ, ବିକାଶ ପାଢ଼ୀ, ମନ୍ମୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ବୁଲା ପ୍ରାଣୀଙ୍କ ଖାଦ୍ୟ ପାଇଁ ୬୭.୫୨ ଲକ୍ଷ ଟଙ୍କା ମଂଜୁର କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୦୩/୦୬ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସହରାଂଚଳର ବୁଲା ଗାଈଗୋରୁ ଓ କୁକୁରଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ତୃତୀୟ ପର୍ଯ୍ୟାୟରେ ୬୭ ଲକ୍ଷ ୫୨ ହଜାର ଟଙ୍କା ମଂଜୁର କରିଛନ୍ତି। ଲକ୍ ଡାଉନ୍ ବୃଦ୍ଧି ପାଇଥିବାରୁ ବୁଲା ପ୍ରାଣୀ ମାନେ ଖାଦ୍ୟାଭାବର ସମ୍ମୁଖୀନ ହେଉଛନ୍ତି। ଏହି ଟଙ୍କାରେ ସେମାନଙ୍କୁ ଖାଦ୍ୟ ଯୋଗାଇ ଦିଆଯିବ। ଏହା ମଧ୍ୟରୁ ବିଏମସି ଏବାବଦରେ ପ୍ରତ୍ୟେକ ଦିନ ୨୦ ହଜାର ଟଙ୍କା ବ୍ୟୟ କରିବ ଏବଂ ଅନ୍ୟ ୪ ଟି ମ୍ୟୁନିସିପାଲଟି ୧୦ ହଜାର ଟଙ୍କା ଲେଖାଏଁ ଖର୍ଚ୍ଚ କରିବେ। ସେହିପରି ୪୮ଟି ମ୍ୟୁନିସିପାଲଟି ପ୍ରତିଦିନ ୫ ହଜାର ଟଙ୍କା ପର୍ଯ୍ୟନ୍ତ ଓ ୬୧ ଟି ଏନଏସି ଦିନକୁ ୨ ହଜାର ଟଙ୍କା ବ୍ୟୟ କରିପାରିବେ। ଉଲ୍ଲେଖ୍ୟଯୋଗ୍ୟ ଯେ ଏହା ପୂର୍ବରୁ ବୁଲା ପ୍ରାଣୀଙ୍କ ଖାଦ୍ୟ ପାଇଁ ମୁଖ୍ୟମନ୍ତ୍ରୀ ୨ ଟି ପର୍ଯ୍ୟାୟରେ ମୋଟ ୧ କୋଟି ୧୩ ଲକ୍ଷ ୯୪ ହଜାର ଟଙ୍କା ମଂଜୁର କରିସାରିଛନ୍ତି।

## କୋଭିଡ୍ ପରିଚାଳନା ପାଇଁ ସିଏମସିକୁ ୧୫ କୋଟି ଟଙ୍କା ମଂଜୁର

ଭୁବନେଶ୍ୱର,୦୩/୦୬ (ନି.ପ୍ର): କଟକ ମହାନଗର ନିଗମ (ସିଏମସି) ରେ କୋଭିଡ୍ ପରିଚାଳନା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୫ କୋଟି ଟଙ୍କା ମଂଜୁର କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ଏହି ଟଙ୍କା ଖର୍ଚ୍ଚ ହେବ। ଏଥିସହ କୋଭିଡ୍ ପରିଚାଳନା ପାଇଁ ସିଏମସିକୁ ମୋଟ ୪୧ କୋଟି ୭୧ ଲକ୍ଷ ୧୯ହଜାର ୧୪୪ ଟଙ୍କା ପ୍ରଦାନ କରାଯାଇଛି।

## ଆଇଟିଡିଏ ପକ୍ଷରୁ କୋଭିଡ-୧୯ ସଚେତନତା ରଥ ଶୁଭାରମ୍ଭ



ବାରିପଦା,୦୩/୦୬ (ନି.ପ୍ର): ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲ୍ଲାରେ ଗ୍ରାମବାସୀ ମାନଙ୍କୁ କରୋନାର ଦ୍ୱିତୀୟ ଲହର ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ବାରିପଦାର ସମନ୍ୱୟ ଆଦିବାସୀ ଉନ୍ନୟନ ସଂସ୍ଥା ପକ୍ଷରୁ କଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୂଚନା ମୁତାବକ ବୁଧବାର ପୂର୍ବାହ୍ନରେ ବାରିପଦା ଆଇଟିଡିଏ କଯ୍ୟାଳୟରୁ ପ୍ରକଳ୍ପ ପ୍ରଶାସକ ବସନ୍ତ କୁମାର ସେଠୀଙ୍କ କରକମଳରେ ଦୁଇଟି ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ଏହି ରଥ ବାରିପଦା କାର୍ଯ୍ୟାଳୟରୁ ବାହାରି ଗୋଟିଏ ବଡ଼ସାହି ବ୍ଲକ ଓ ଅନ୍ୟଟି ସାମାଖୁଂଟା ବ୍ଲକକୁ ଯାଇ ପ୍ରତି ବ୍ଲକର ୧୯ଟି ଗ୍ରାମରେ କୋଭିଡ଼-୧୯ର ସଂକ୍ରମଣ ବିଷୟରେ ବୁଝାଇଥିଲେ। ଏହା ସହିତ ସାବୁନ, ମାସ୍କ ଓ ସାନିଟାଇଜର ବଂଟନ କରି କିଭଳି ଭାବରେ ଏହାର ବ୍ୟବହାର କରାଯାଇ ସୁସ୍ଥ ରହିହେବ ତାହା ଲୋକଙ୍କୁ ସଚେତନ କରାଇଥିଲେ। ଏହା କରୋନା ଭଳି ମହାମାରୀ ଠାରୁ ବିଜୟ ଲାଭ କରି ସମାଜ ଓ ନିଜ ପରିବାରକୁ ସୁସ୍ଥ ରଖିହେବ ସେ ଉପରେ ଲୋକଙ୍କ ଧ୍ୟାନ ଆକର୍ଷଣ କରିଥିଲେ। ବିଶେଷ କରି ତୃତୀୟ ଲହର ସଂକ୍ରମଣ ସମୟରେ ଗର୍ଭବତୀ ମହିଳା ଓ ଶିଶୁର ଯତ୍ନ କିଭଳି ନେବେ ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ତେବେ ଗୋଟିଏ ଦିନରୁ ଅଧିକ ଦିନ ଜ୍ୱର ଲାଗି ରହିଲେ ଅବହେଳା ନାକରି ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେଇ କୋଭିଡ ପରୀକ୍ଷା କରାଇବାକୁ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରକଳ୍ପ ପ୍ରଶାସକଙ୍କ ସହିତ ପ୍ରକଳ୍ପ ପରିଚାଳକ ଗଙ୍ଗାଧର ପ୍ରଧାନ, ବିଷୟ ବସ୍ତୁ ବିଶେଷଜ୍ଞ ଅମରେଶ ବେହେରା, ବଡ଼ସାହି ବ୍ଲକ ଓ ସାମାଖୁଂଟା ବ୍ଲକର ଜୀବନ ଜୀବିକା ବିଶେଷଜ୍ଞ ଭାଗ୍ୟଶ୍ରୀ ଘଡେଇ ଓ ମିନତୀ ମହାପାତ୍ର, ସାର୍ଥକ ମହାନ୍ତି ଏବଂ ଆଇଟିଡିଏର ସମସ୍ତ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମେ ୧୫ରୁ ୨୫ ପର୍ଯ୍ୟନ୍ତ କରୋନା ପିକ୍ ଥିଲା

ଭୁବନେଶ୍ୱର,୦୩/୦୬ (ନି.ପ୍ର): ମେ ୧୫ରୁ ୨୫ ପର୍ଯ୍ୟନ୍ତ କରୋନା ପଜିଟିଭରେ ଆମର ପିକ୍ ଥିଲା। ଏବେ ମେ ୨୫ରୁ କମିବା ଆରମ୍ଭ କରିଛି। ଭୁବନେଶ୍ୱର, କଟକ ଓ ଢେଙ୍କାନାଳ ଭଳି ଜାଗାରେ ସଂକ୍ରମଣ ଟିକିଏ ଅଧିକ ରହୁଛି। ମୃତ୍ୟୁ ହାରରେ ଜାତୀୟ ସ୍ତରଠୁ ଆମ ରାଜ୍ୟର ସ୍ଥିତି ବହୁତ ଭଲ ରହିଛି ବୋଲି ଆଇଏଲଏସ ନିର୍ଦ୍ଦେଶକ ଅଜୟ ପରିଡ଼ା ପ୍ରକାଶ କରିଛନ୍ତି। ସେହିପରି ସାମ୍ଭବ୍ୟ ଥାର୍ଡ଼ ୱେଭ୍ ପାଇଁ ବର୍ତ୍ତମାନ ସମସ୍ତେ ପ୍ରସ୍ତୁତ ହେଉଛନ୍ତି। ତୃତୀୟ ଲହରର ପ୍ରଭାବ କେମିତି ରହିବ ତିନୋଟି ଦିଗ ଉପରେ ନିର୍ଭର କରେ। ଏଥିରେ କେବଳ ଶିଶୁମାନେ ନୁହେଁ ଅନ୍ୟମାନେ ମଧ ସଂକ୍ରମିତ ହେବେ ବୋଲି ସେ କହିଛନ୍ତି।

## ଉଦଳା ବାରିକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ



ବାରିପଦା/ଉଦଳା,୦୩/୦୬ (ନି.ପ୍ର): ଓଡ଼ିଶାର ଲକ ଡାଉନ ଫଳରେ ସାଧାରଣ ଲୋକଙ୍କ ଜୀବନ ଯାତ୍ରା ପ୍ରଭାବିତ ହୋଇଛି । ଛୋଟ ଛୋଟ ବ୍ୟବସାୟ କରୁଥିବା ଲୋକଙ୍କ ଅବସ୍ଥା ଦିନକୁ ଦିନ ଶୋଚନୀୟ ହୋଇ ପଡୁଛି। ପରିବାରର ଭରଣପୋଷଣ ପାଇଁ ଜୀବିକା କିମ୍ବା କୌଳିକ ବୃତ୍ତିରେ ବାଧା ଉପୁଜିଥିବାରୁ ପରିବାର ଭିତରେ ମାନସିକ ଚାପ ସହ ଆର୍ଥିକ ଅନାଟନ ଦେଖିବାକୁ ମିଳିଲାଣି । ଲକଡାଉନ ଫଳରେ ସେଲୁନ ଗୁଡିକ ବନ୍ଦ ରହିବା ଯୋଗୁଁ ବାରିକ ମାନଙ୍କର ଅଭାବ ଦେଖାଦେଇଛି। ଆଜି ସକାଳେ କପ୍ତିପଦା ଉପଖଣ୍ଡର ଉପଜିଲ୍ଲାପାଳଙ୍କ ମାଧ୍ୟମରେ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ସାହାଯ୍ୟ ପାଇଁ ବାରିକ ସଂଘ ତରଫରୁ ଏକ ଦାବିପତ୍ର ଦିଆଯାଇଛି । ଏହି ଦାବି ପତ୍ରରେ ସେମାନଙ୍କ ଚଳଣି ଓ ଜୀବନଯାତ୍ରା ଉପରେ ବାଧା ଆସୁଛି। ସରକାରଙ୍କ ତରଫରୁ ଲକଡାଉନ ସମୟରେ ସାହାଯ୍ୟ ପାଇଁ ସହାୟତା କରିବାକୁ ନିବେଦନ କରିଛନ୍ତି। ଉଦଳା ରେ ୫୦ରୁ ଉର୍ଦ୍ଧ୍ୱ ସେଲୁନ କୋଭିଡ୍ କଟକଣାରେ ବନ୍ଦ ଅଛି ତତସହ ସେଥିରେ କାର୍ଯ୍ୟ କରୁଥିବା କିଛି କର୍ମଚାରୀ ମଧ ରୋଜଗାର ନପାଇ ହତାଶ ହୋଇ ବସିଛନ୍ତି । ଓଡ଼ିଶାର ମୁଖ୍ୟମନ୍ତ୍ରୀ ସେଲୁନ ମାଲିକ ଓ କର୍ମଚାରୀ ମାନଙ୍କୁ ସାହାଯ୍ୟ କରିବା ପାଇଁ ଦାବୀପତ୍ର ମାଧ୍ୟମରେ ନିବେଦନ କରିଛନ୍ତି । ଉକ୍ତ ଦାବି ପତ୍ରରେ ସନ୍ତୋଷ କୁମାର ବାଛିନି, ଗଣେଶ୍ୱର ବାରିକ, ଅଜୟ କୁମାର ବାରିକ, ବସନ୍ତ କୁମାର ବେଜ, ପ୍ରତାପ ଚନ୍ଦ୍ର ବାରିକ ଓ ବେଣୁଧର ବାରିକଙ୍କ ସହ ବହୁତ କର୍ମଜୀବୀ ବାରିକମାନେ ଏହି ଦାବି ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଛନ୍ତି।

## ଭିଡିଓ ଭାଇରାଲ ପରେ ଗଣମାଧ୍ୟମ ଚାପରେ ଚେତିଲା ପ୍ରସାଶନ

### ବାଙ୍କିଶୋଳ କୋଭିଡ ହସ୍ପିଟାଲରେ ଲାଗିଲା ସିସିଟିଭି



ବାରିପଦା,୦୩/୦୬ (ନି.ପ୍ର): ବାରିପଦା କୋଭିଡ ହସପିଟାଲରେ ବିଭିନ୍ନ ପରିଚାଳନା ଗତ ଅନୀୟ ମିତତା ଚାଲିଥିବା ନେଇ ବହୁ ପୂର୍ବରୁ ଅଭିଯୋଗ ହୋଇ ଆସୁଥିବା ବେଳେ ଗଣ ମାଧ୍ୟମରେ ବାରମ୍ବାର ଖବର ପ୍ରକାଶନ ପରେ ମଧ୍ୟ ଜିଲ୍ଲାପାଳ ପ୍ରଥମେ କୋଭିଡ ହସପିଟାଲ ପରିଦର୍ଶନ କରି ସବୁ ଠିକ ଠାକ ଚାଲିଥିବାର କହିଥିଲେ । ତେବେ ବିଗତ କିଛିଦିନ ତଳେ କୋଭିଡ ହସପିଟାଲ ଭିତରର କିଛି ଅଭାବନୀୟ ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଗଣ ମାଧ୍ୟମ ଏହି ଇସୁକୁ ବେଶ ପ୍ରବାବିତ ଢଙ୍ଗରେ ନେଇ ପ୍ରକାଶିତ କରିବା ସହିତ ବିଭିନ୍ନ ସଂଗଠନ ଓ ରାଜନୈତିକ ଦଳ ପକ୍ଷରୁ ମଧ୍ୟ ଖବର ପ୍ରକାଶନ ପରେ ଜିଲ୍ଲା ପ୍ରସାଶନ ଉପରେ ଚାପସୃଷ୍ଟି କରିଥିଲେ। ତେବେ ଜିଲ୍ଲାପାଳ ପୁଣି କୋଭିଡ ହସପିଟାଲ ଭିତରକୁ ପିପିଇ କିଟ ପିନ୍ଧି ଯାଇ ରୋଗୀ ମାନଙ୍କ ସହ କଥା ହୋଇ ସବୁ ଠିକଠାକ ଥିବାର ଏବଂ ଭାଇରାଲ ଭିଡିଓ ଭିତ୍ତିହୀନ କହିବା ସହିତ ଭିଡିଓର ଦୃଶ୍ୟ ମୁତାବକ ଏଣେତେଣେ ବିବସ୍ତ୍ର ହୋଇ ରୋଗୀ ମାନେ ପଡିଥିବାର ଦେଖାଯାଉଥିବା ଘଟନାରେ ସହି ରୋଗୀ ଙ୍କର ମାନସିକ ବିକୃତିଥିବା ସ୍ପଷ୍ଟି କରଣ ମଧ୍ୟ ଦେଇଥିଲେ । ଏହାପରେ ଜିଲ୍ଲାପାଳଙ୍କୁ ବହୁ ବୋରୋଧର ସମ୍ମୁଖୀନ ହେବାକୁ ପଡିଥିବାର ଦେଖାଯାଇଥିଲା । ତେବେ ସବୁ ପରେ ଆଜି କୋଭିଡ ହସପିଟାଲ ପରିଚାଳନାରେ ସ୍ୱଚ୍ଛତା ଆଣିବା ପାଇଁ ଲୋକଙ୍କ ଦାବୀ ମୁତାବକ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ବାଙ୍କୀଶୋଳ ସ୍ଥିତ କୋଭିଡ ହସ୍ପିଟାଲରେ ସିସିଟିଭି କ୍ୟାମେରାର ମାନିଟରିଂର ଶୁଭାରମ୍ଭ ହୋଇ ଥିବାର ଜଣାଯାଇଛି। ସମସ୍ତ ୱାର୍ଡରେ ସିସିଟିଭି କ୍ୟାମେରା କାର୍ଯ୍ୟର ପ୍ରକୃତ ସମୟ ମନିଟରିଂ ନିଶ୍ଚିତ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ତତ୍ପରତା ଦେଖାଦେଇଛି। ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲର ଡାକ୍ତରଙ୍କ ଏକ ସ୍ୱତନ୍ତ୍ର ଟିମ ବାଙ୍କୀଶୋଳ ସ୍ଥିତ କୋଭିଡ ହସ୍ପିଟାଲ ପରିଦର୍ଶନ କରି ୱାର୍ଡରେ ଥିବା ରୋଗୀଙ୍କ ସହ ପ୍ରତିଦିନ ଯୋଗାଯୋଗ କରୁଛନ୍ତି। ବିଶେଷ ଚିକିତ୍ସା ଆବଶ୍ୟକ କରୁଥିବା ରୋଗୀଙ୍କୁ ଡାକ୍ତରଖାନା କର୍ମଚାରୀଙ୍କ ଦ୍ୱାରା ବ୍ୟକ୍ତିଗତ ଯତ୍ନ ଏବଂ ସହାୟତା ଯୋଗାଇ ଦିଆଯିବା ନିଶ୍ଚିତ କରିବାକୁ କୋଭିଡ ହସ୍ପିଟାଲ୍ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କୋଭିଡ ହସ୍ପିଟାଲରେ ରୋଗୀଙ୍କ ସ୍ୱାସ୍ଥ୍ୟ ଚିକିତ୍ସାରେ ଅବହେଳା ନେଇ ବିଭିନ୍ନ ସମୟରେ ଅଭିଯୋଗ ହୋଇ ଆସୁଥିଲା। ବିଭିନ୍ନ ସଙ୍ଗଠନ ପକ୍ଷରୁ ସିସିଟିଭି ଲଗାଇବା ନେଇ ଦାବି ମଧ ହେଉଥିଲା। ତେବେ ଜିଲ୍ଲା ପ୍ରଶାସନର ବିଳମ୍ବରେ ହେଲେ ମଧ ଏଭଳି ପଦକ୍ଷେପକୁ ଜିଲ୍ଲାବାସୀ ସ୍ୱାଗତ କରିଛନ୍ତି।

## ସୁରୁଲା ଗାଁ ହେଲା ସାନିଟାଇଜ୍



ଜଳେଶ୍ୱର,୩/୬ (ନି.ପ୍ର) : ବାଲେଶ୍ୱର ଜିଲାର ଉପାନ୍ତ ଜଳେଶ୍ୱର ଅଂଚଳ ପଶ୍ଚିମବଂଗକୁ ଲାଗି ରହିଥିବାରୁ ବହୁ କରୋନା ରୋଗୀ ଚିହ୍ନଟ ହେବାରେ ଲାଗିଛି । ବାଣିଦା ଗ୍ରାମର ସୁରୁଲା ମୌଜାର ୫୨ବର୍ଷିଆ ଜଣେ ମହିଳାଙ୍କ କରୋନାରେ ମୃତ୍ୟୁ ହେବାପରେ ସେହି ଗ୍ରାମର ୧୧ଜଣଙ୍କ ନିକଟରେ କୋଭିଦ୍ ପଜେଟିଭ୍ ଚିହ୍ନଟ ହୋଇଥିଲା । ଫଳରେ ଗ୍ରାମବାସୀମାନେ ଆତଙ୍କିତ ଅବସ୍ଥାରେ ରହିଥିଲେ । ଆଜି ସିଆଇଟିୟୁର କେତେକ କର୍ମକର୍ତ୍ତା ଓ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଅଗ୍ନିସମ ସମବିଭାଗ ସହାୟତାରେ ଗ୍ରାମକୁ ସାନିଟାଇଜ୍ କରିଯାଇଛି । ଗାଁ କଲ୍ୟାଲ ସମିତି ଯୋଜନାରେ ଉକ୍ତ ମୌଜାକୁ ଆର୍ଥିକ ଅନୁଦାନ ଆସୁଥିଲେ ମଧ୍ୟ ୩/୪ ବର୍ଷ ଧରି ଖର୍ଚ୍ଚ ହେଉନଥିବା ଅଭିଯୋଗ ହୋଇଛି । ଜି.କେ.ଏସ୍‌ର ମୁଖ୍ୟ ଡାକ୍ତର ପ୍ରଭାସ ଚନ୍ଦ୍ର ନାୟକଙ୍କୁ ଏହି ଟଙ୍କା ସ୍ୱାସ୍ଥ୍ୟସେବାରେ ଖର୍ଚ୍ଚ ଲାଗି ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି । ଆଜିର ଏହି କାର୍ଯ୍ୟକ୍ରମରେ ପଲ୍ଟୁ ଦାସ, ସମରେନ୍ଦ୍ର ଦାସ, ରବିନ୍ଦ୍ର ଗିରି, ସଂଜୟ ମହାପାତ୍ର, ପ୍ରକାଶ ମହାନ୍ତି, ଆଶିଷ ମହାପାତ୍ର, ଆଶିଷ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ମହାନ୍ତି, ସୁନୀଲ ମହାନ୍ତି, ସୂର୍ଯ୍ୟକାନ୍ତ ମହାନ୍ତି ପ୍ରମୁଖ ସାମିଲ ଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo